

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୪ ମାର୍ଚ୍ଚ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 24 MARCH 2022

Vol.No. 33 ■ No. 78 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ,
ଚେତନାମୂଳକ ଉପନ୍ୟାସ
ବନ୍ଧୁ ମହାନ୍ତି
ପ୍ରାପ୍ତିସ୍ଥାନ :
ତାରିଣୀ ବିଦ୍ୟା ଭଣ୍ଡାର
ଷ୍ଟେସନ ରୋଡ,
ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-


# ଆବଶ୍ୟକ ହେଲେ କରିବୁ ପରମାଣୁ ଅସ୍ତ୍ର ବ୍ୟବହାର : ରୁଷ



ନୂଆଦିଲ୍ଲୀ, ୨୩/୦୩ : ରୁଷ୍-ୟୁକ୍ରେନ ଯୁଦ୍ଧ ୨୮ ଦିନରେ ପହଞ୍ଚିଥିବା ବେଳେ ଶାନ୍ତିର ସମ୍ଭାବନା ମଉଳି ଚାଲିଛି । ଏହା ଭିତରେ ରୁଷ ଯେଉଁକଥା କହିଛି, ତାହା ବେଶ୍ ଚିନ୍ତାର ବିଷୟ । କ୍ରେମଲିନ୍ ମୁଖପାତ୍ର କହିଛନ୍ତି ଯେ, ଯଦି ରୁଷ୍ ପ୍ରତି ଅତି ବଡ଼ ବିପଦ ଆସେ, ତା ହେଲେ ପରମାଣୁ ଅସ୍ତ୍ର ବ୍ୟବହାର କରିବାକୁ ପଛାଇବ ନାହିଁ । କ୍ରେମଲିନ ମୁଖପାତ୍ର ଡିମିଟ୍ରି ପେସକୋଭ୍ ଆମେରିକୀୟ ଗଣମାଧ୍ୟମ ସିଏନଏନକୁ ସାକ୍ଷାତକାରରେ କହିଛନ୍ତି ଯେ, ଦେଶ ଓ ଜନତାଙ୍କ ସୁରକ୍ଷା ପାଇଁ ଏକ ନିର୍ଦ୍ଦିଷ୍ଟ ନୀତି ରହିଛି । ପରମାଣୁ ଅସ୍ତ୍ର ବ୍ୟବହାରର କାରଣ ନେଇ ମଧ୍ୟ ଏଥିରେ ଉଲ୍ଲେଖ ରହିଛି । ତେଣୁ ଯଦି ରୁଷର ଅସ୍ତିତ୍ୱ ପ୍ରତି ବିପଦ ଆସେ, ତାହେଲେ ଏହି ନୀତି ଅନୁସାରେ ପରମାଣୁ ଅସ୍ତ୍ର ବ୍ୟବହାର କରାଯାଇପାରେ । ଅନ୍ୟପଟେ ୟୁକ୍ରେନର ବିଭିନ୍ନ ସହର ଉପରେ ଘନ ଘନ ମିସାଇଲ, ବୋମା ଓ ରକେଟ ମାଡ କରୁଛି ରୁଷ । ପୁଟିନ ବାହିନୀ ମାରିୟୁପୋଲ ସହର ଦଖଲ ପାଇଁ ଶକ୍ତିଶାଳୀ ବୋମାବର୍ଷା କରୁଛନ୍ତି । ରାଜଧାନୀ କିଭରେ ମଧ୍ୟ ଜୋରଦାର ଲଢ଼େଇ ଚାଲିଛି । କିଭ ସହରକୁ ରକ୍ଷା କରିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରଖିଛି ୟୁକ୍ରେନ । ସେପଟେ ରୁଷ୍ ପକ୍ଷରୁ ଚେର୍ଣ୍ଣୋବିଲ ନ୍ୟୁକ୍ଲିୟର ପ୍ଲାଣ୍ଟରେ ଏକ ଆଣବିକ ବର୍ଜ୍ୟ ପ୍ରକ୍ରିୟାକରଣ ଲ୍ୟାବକୁ ନଷ୍ଟ କରିଦେଇଥିବା ଅଭିଯୋଗ କରିଛି ୟୁକ୍ରେନ । ପୂର୍ବରୁ ରୁଷ୍ ରସାୟନିକ ଓ ପରମାଣୁ ଅସ୍ତ୍ର ବ୍ୟବହାର କରିପାରେ ବୋଲି ଆମେରିକା ଓ ନାଟୋ ପକ୍ଷରୁ ଆଶଙ୍କା ପ୍ରକାଶ ପାଇଥିଲା । ଏବେ ରୁଷ୍ ପକ୍ଷରୁ ଏହି ବୟାନ ଆଶଙ୍କାକୁ ଆହୁରି ବଢ଼ାଇ ଦେଇଛି ।

# ମାନସ ସ୍ୱାଇଁ ହତ୍ୟାକାଣ୍ଡ ମାମଲାର ତଦନ୍ତ କରିବ କ୍ରାଇମବ୍ରାଂଚ

## ତଦନ୍ତ ପାଇଁ ୨ ଟିମ୍ ଗଠନ, ଶର୍ମିଷ୍ଠାଙ୍କ କାର୍ ଜବତ, ଭାଇ ଗିରଫ



ଭୁବନେଶ୍ୱର, ୨୩/୦୩ (ନି.ପ୍ର): ଫଟୋଗ୍ରାଫର ମାନସ ସ୍ୱାଇଁ ହତ୍ୟାକାଣ୍ଡ ମାମଲାରେ କ୍ରାଇମବ୍ରାଂଚ ତଦନ୍ତ କରିବ। ଡିଜିପିଙ୍କ ନିର୍ଦ୍ଦେଶ ପରେ କ୍ରାଇମବ୍ରାଂଚ ତଦନ୍ତ ଭାର ଗ୍ରହଣ କରିଛି। କ୍ରାଇମ୍ ବ୍ରାଂଚ ଏଡିଜି ସଂଜୀବ ପଣ୍ଡା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ହତ୍ୟା ମାମଲାର ତଦନ୍ତ ପାଇଁ ୨ଟି ଟିମ୍ ଗଠନ କରାଯାଇଛି। କ୍ରାଇମବ୍ରାଂଚ ଡିଏସପି କଳ୍ପନା ସାହୁ ଟିମ୍ ର ନେତୃତ୍ୱ ନେବେ। ଟିମ୍ ରେ ମୋଟ୍ ୯ ଜଣ ସଦସ୍ୟ ରହିବେ। ୱେବ୍ ପୋର୍ଟାଲର ମାଲିକାଣୀ ଶର୍ମିଷ୍ଠା ରାଉତଙ୍କୁ ଧରିବା ପାଇଁ ଗୋଟିଏ ଟିମ୍ ନିୟୋଜିତ ହେବ। ଶର୍ମିଷ୍ଠା ରାଜ୍ୟ ବାହାରେ ଥିବାରୁ ଏକ ଟିମ୍ ବାହାରକୁ ଯିବ। ବର୍ତ୍ତମାନ ତଦନ୍ତ ଜାରି ରହିଥିବାରୁ ସବୁ ତଥ୍ୟ ଦିଆଯାଇ ପାରିବ ନାହିଁ। ତେଣୁ ତଦନ୍ତ ପରେ ଗଣମାଧ୍ୟମକୁ ଅଧିକ ତଥ୍ୟ ଦିଆଯିବ। ବୁଧବାର ଦିନ କ୍ରାଇମବ୍ରାଂଚ ତଦନ୍ତ କରିବା ନେଇ ପୋଲିସ ଡିଜି ସୁନୀଲ ବଂଶଲ ନିର୍ଦ୍ଦେଶ ଦେଇଛନ୍ତି। ଶର୍ମିଷ୍ଠାଙ୍କୁ ଧରିବା ସହ ତଦନ୍ତକୁ ଅଗ୍ରଗତି କରାଇବାକୁ କ୍ରାଇମବ୍ରାଂଚ ପୋଲିସକୁ ସହଯୋଗ କରିବ। ଚାନ୍ଦବାଲି ଥାନାରେ ମାନସଙ୍କ ନିଖୋଜ ନେଇ ୨୦୨୨, ଫେବ୍ରୁଆରୀ ୧୪ରେ ପରିବାର ତରଫରୁ ଏତଲା ଦିଆଯିବାପରେ ପୋଲିସ ଆଇପିସିର ଦଫା ୩୬୩ ଓ ୩୪ରେ ମାମଲା ରୁଜୁ କରିଥିଲା। ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠାଙ୍କ ଭାଇ ପରମେଶ୍ୱର ରାଉତଙ୍କୁ ଗିରଫ କରିଛି ପୋଲିସ୍। ଚାନ୍ଦବାଲି ଥାନାରେ ପହଂଚିବା ପରେ ଗିରଫ ଦର୍ଶାଇଲା ପୋଲିସ୍। ଗତକାଲି ପରମେଶ୍ୱରଙ୍କୁ ବିଜୟୱାଡାରୁ ଧରିଥିଲା ଚାନ୍ଦବାଲି ପୋଲିସ୍। ଫେରାର ହେବା ପାଇଁ ପରମେଶ୍ୱର ଭଉଣୀ ଶର୍ମିଷ୍ଠାଙ୍କୁ ସହଯୋଗ କରିଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ ଶର୍ମିଷ୍ଠା ରାଉତଙ୍କ କାର ଠାବ ହୋଇଛି । ଭୁବନେଶ୍ୱରର ▶▶ପୃଷ୍ଠା ୭

## ବୀରଭୂମ ହିଂସା ଘଟଣାରେ ପ୍ରଧାନମନ୍ତ୍ରୀ କହିଲେ ଦୋଷୀଙ୍କ ବିରୋଧରେ ହେଉ ଦୃଢ଼ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ, ୨୩/୦୩ : ପଶ୍ଚିମବଙ୍ଗ ବାରଭୂମ ହିଂସା ଘଟଣାକୁ ନେଇ ବୟାନବାଜି ଜାରି । ଶାସକ ଦଳ ସ୍ଥିତି ନିୟନ୍ତ୍ରଣ ରହିଛି ବୋଲି କହୁଥିବାବେଳେ । ଏଭଳି ସ୍ୱର୍ଶକାତର ବିଷୟରେ ରାଜ୍ୟପାଳଙ୍କ ବୟାନ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ଅନ୍ୟପଟେ ଏହି ପ୍ରସଙ୍ଗରେ ବିଜେପି ସାଂସଦ କେନ୍ଦ୍ର ଗୃହ ମନ୍ତ୍ରାଳୟରେ ଫେରାଦ ହେବା ପରେ ଜବାବ ତଲବ କରିଛନ୍ତି । ଆଉ ବିରୋଧୀ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ କରିବାକୁ ଦାବି କରିଛନ୍ତି । ପଶ୍ଚିମବଙ୍ଗ ବୀରଭୂମ ହିଂସା ଘଟଣା ପରେ ଭୟରେ ଗାଁ ଲୋକେ ଘର ଛାଡୁଛନ୍ତି । ଟ୍ରଲିରେ ଆସବା ପତ୍ର ବୁହାଇ ଗାଁ ଲୋକେ ଅନ୍ୟତ୍ର ଯାଉଛନ୍ତି । ଟିଏମସି ନେତା ଭାଦୁ ଶେଖ ହତ୍ୟାର ଶିକାର ପରେ ବାଗୁଟି ଗାଁରେ ନିଆଁ ଲଗାଇଦେଇଥିଲେ ଦୁର୍ବୃତ୍ତ । ଏହାପରେ ୮ ଜଣ ଜୀବନ୍ତ ଦଗ୍ଧ ହୋଇଥିଲେ । ମୃତକଙ୍କ ପରିବାର ଲୋକେ କହିଛନ୍ତି, ▶▶ପୃଷ୍ଠା ୭

# ଆଜି ପୌର ନିର୍ବାଚନ : ସକାଳ ୮ଟାରୁ ସଂଧ୍ୟା ୫ଟା ଯାଏଁ ଭୋଟ ଗ୍ରହଣ



ଭୁବନେଶ୍ୱର, ୨୩/୦୩ (ନି.ପ୍ର): ଆସନ୍ତାକାଲି (ଗୁରୁବାର) ପୌରାଂଚଳ ଗୁଡିକରେ ମତଦାନ ହେବ। ପୌର ନିର୍ବାଚନ ପାଇଁ ସକାଳ ୮ଟାରୁ ସଂଧ୍ୟା ୫ ଟା ଯାଏଁ ଭୋଟ ଗ୍ରହଣ କରାଯିବ । ମ୍ୟୁନିସିପାଲଟି ଓ ଏନଏସିର ୧୬୭୨ ୱାର୍ଡ ଓ ୩ଟି କର୍ପୋରେସନର ୧୬୫ ୱାର୍ଡରେ ନିର୍ବାଚନ ହେବ। ମ୍ୟୁନିସିପାଲଟି ଓ ଏନଏସିର ୨,୯୮୯ ବୁଥ୍ ଓ ୩ଟି କର୍ପୋରେସନର ୧୩୮୪ ବୁଥ୍‌ରେ ୪୦ ଲକ୍ଷ ୫୫ ହଜାର ମତଦାତା ସେମାନଙ୍କର ମତାଧିକାର ପ୍ରୟୋଗ କରିବେ ।ଏହା ପୂର୍ବରୁ ବୁଧବାର ଅପରାହ୍ନ ସୁଦ୍ଧା ସବୁ ପୋଲିଂ ଷ୍ଟାଫ୍ ନିଜ ନିଜ ବୁଥ୍‌ରେ ପହଂଚିଛନ୍ତି। ୨୬ ତାରିଖ ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହେବ । ନିର୍ବାଚନକୁ,ସୁଚାରୁ ରୂପେ କରାଇବାକୁ ମୋଟ ୨୨ ହଜାର ପୋଲିଂ କର୍ମଚାରୀ ନିୟୋଜିତ ହୋଇଛନ୍ତି। ପ୍ରତ୍ୟେକ ପୋଲିଂ ପାର୍ଟିରେ ଜଣେ ପ୍ରିଜାଇଡିଂ ଅଫିସର ଆଉ ୪ ଜଣ ପୋଲିଂ ଅଫିସର ରହିବେ । ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଓ ଅବାଧ ରୂପେ କରିବାକୁ ମୋଟ ୧୯୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ । ସେଥିମଧ୍ୟରୁ ବିଏମ୍‌ସି ପାଇଁ ୩୦, ସିଏମ୍‌ସି ପାଇଁ ୨୦, ବ୍ରହ୍ମପୁର ମ୍ୟୁନିସିପାଲ୍ କର୍ପୋରେସନ ପାଇଁ ୧୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଏହା ବ୍ୟତୀତ ୩୦୦ ମୋବାଇଲ ପାର୍ଟି ରହିବେ। ସେଥିମଧ୍ୟରୁ ▶▶ପୃଷ୍ଠା ୭

# ଆଉ ୬ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର

ଭୁବନେଶ୍ୱର, ୨୩/୦୩ (ନି.ପ୍ର): ରାଜ୍ୟ ସରକାର ବୁଧବାର ଆଉ ୬ ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି ଏବଂ ଏଥିରେ ବିଭିନ୍ନ କ୍ଷେତ୍ରରେ ଥିବା ଅଧିକାରୀ, ଯଥା - ଜଣେ ମୁଖ୍ୟଯନ୍ତ୍ରୀ, ୩ ଜଣ ଏକଜିକ୍ୟୁଟିଭ ଇଞ୍ଜିନିୟର ଓ ୨ ଜଣ ବ୍ଲକ ଶିକ୍ଷା ଅଧିକାରୀ ପ୍ରମୁଖ ଅନ୍ତର୍ଭୁକ୍ତ । ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୧୬୪ ଜଣ ଅଧିକାରୀଙ୍କୁ ଚାକିରୀରୁ ବରଖାସ୍ତ ବା ବାଧ୍ୟତାମୂଳକ ଅବସର ଦିଆଯାଇଛି । ଏହି ୬ ଜଣଙ୍କ ମଧ୍ୟରୁ ସମ୍ବଲପୁର ଇଲେକ୍ଟ୍ରିକାଲ ମୁଖ୍ୟଯନ୍ତ୍ରୀ ସୁନିଲ୍ କୁମାର ପଣ୍ଡାଙ୍କ ନାମରେ ଗୋଟିଏ ଦୁର୍ନୀତି ମାମଲା ଅଛି । ତାଙ୍କ ପାଖରେ ୩.୨୬ କୋଟି ଟଙ୍କାର ଆୟ ବହିର୍ଭୁତ ସମ୍ପତି ଥିଲା । ଏଥିପାଇଁ ତାଙ୍କୁ ନିଲମ୍ବିତ ମଧ୍ୟ କରାଯାଇଥିଲା । ଅସାଧୁତା କାରଣରୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ବ୍ରହ୍ମପୁର ରୁରାଲ ୱାର୍କ ଇଲେକ୍ଟ୍ରିକାଲ୍ ଡିଭିଜନର ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଜଗନ୍ନାଥ ସେଠୀଙ୍କ ନାମରେ ଗୋଟିଏ ଦୁର୍ନୀତି ମାମଲା ଥିଲା । ତାଙ୍କ ପାଖରେ ୭.୬୩ କୋଟି ଟଙ୍କାର ଆୟ ବହିର୍ଭୁତ ସମ୍ପତ୍ତି ଥିଲା ଏବଂ ଏଥିପାଇଁ ତାଙ୍କୁ ନିଲମ୍ବିତ କରାଯାଇଥିଲା। ▶▶ପୃଷ୍ଠା ୭

## ଖୋର୍ଦ୍ଧା ଜିଲ୍ଲାର ସବୁ ଶିକ୍ଷାନୁଷ୍ଠାନ ୨ ଦିନ ବନ୍ଦ

ଭୁବନେଶ୍ୱର, ୨୩/୦୩ (ନି.ପ୍ର): ଆସନ୍ତା କାଲି ପୌର ନିର୍ବାଚନ ପାଇଁ ଖୋର୍ଦ୍ଧା ଜିଲ୍ଲାର ସବୁ ଶିକ୍ଷାନୁଷ୍ଠାନକୁ ୨ ଦିନ ଛୁଟି ଘୋଷଣା କରାଯାଇଛି। ଆଜି ଓ ଆସନ୍ତାକାଲି ଖୋର୍ଦ୍ଧା ଜିଲ୍ଲାରେ ସବୁ ଶିକ୍ଷାନୁଷ୍ଠାନ ବନ୍ଦ ରହିବ ବୋଲି ଖୋର୍ଦ୍ଧା ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ, ଆସନ୍ତାକାଲି ପୌର ନିର୍ବାଚନ ଲାଗି ମତଦାନ ହେବ । ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଛି।

## ରାଜଧାନୀ ରାସ୍ତା କଡରୁ ମିଳିଲା ନରକଙ୍କାଳ

ଭୁବନେଶ୍ୱର, ୨୩/୦୩ (ନି.ପ୍ର): ରାଜଧାନୀ ଭୁବନେଶ୍ୱର ମଂଚେଶ୍ୱର ଥାନା ଇଞ୍ଜଣା ବ୍ରିଜ୍ ନିକଟରୁ ଏକାଧିକ ନରକଙ୍କାଳ ମିଳିଛି । ସେଠାରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ନରକଙ୍କାଳ, ଖପୁରୀ, ହାଡ଼ ପଡିଥିବା ଦେଖି ଲୋକେ ଭୟଭୀତ ହୋଇ ଯାଇଛନ୍ତି। ଏତେ ସଂଖ୍ୟାରେ କଙ୍କାଳ ଓ ଖପୁରି କେଉଁଠୁ ଓ କିପରି ଆସିଲା, କିଏ ଏଠାରେ ଫୋପାଡ଼ିଲା, ଏହା ପଛର କାରଣ କ'ଣ ତାକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ପୋଲିସ୍ ଘଟଣାସ୍ଥଳରେ ପହଂଚି କଙ୍କାଳ ଗୁଡିକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

## ନୋଭୋଭାକ୍ସ ଟିକାର ଜରୁରୀକାଳୀନ ବ୍ୟବହାରକୁ ମିଳିଲା ଅନୁମୋଦନ

ନୂଆଦିଲ୍ଲୀ, ୨୩/୦୩ : ଦେଶବ୍ୟାପୀ ଟୀକାକରଣ ମଧ୍ୟରେ, ୧୨ ବର୍ଷରୁ ଅଧିକ ପିଲାମାନଙ୍କ ପାଇଁ ଅନ୍ୟ ଏକ ଟିକା ନୋଭୋଭାକ୍ସ ଟିକାର ଜରୁରୀକାଳୀନ ବ୍ୟବହାର ପାଇଁ ଅନୁମୋଦନ ମିଳିଛି । ଡ୍ରଗ୍ କଣ୍ଟ୍ରୋଲର୍ ଜେନେରାଲ୍ ଅଫ୍ ଇଣ୍ଡିଆ ୧୨ -୧୮ ବର୍ଷ ବୟସର କିଶୋରମାନଙ୍କ ପାଇଁ ନୋଭୋଭାକ୍ସ ଜରୁରୀକାଳୀନ ବ୍ୟବହାରକୁ ଅନୁମତି ଦେଇଛନ୍ତି । ଏହା ହେଉଛି ପ୍ରଥମ ପ୍ରୋଟିନ୍ ଆଧାରିତ ଟିକା । ନୋଭୋଭାକ୍ସ କରୋନା ବିରୁଦ୍ଧରେ ୮୦ ପ୍ରତିଶତ ପ୍ରଭାବଶାଳୀ ବୋଲି ଜଣାପଡିଛି ।

# ପୁଷ୍କର ସିଂ ଧାମି ଲଗାତର ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ପଦର ଶପଥ ନେଲେ



ଡ଼େରାଡୁନ, ୨୩/୦୩ : ପୁଷ୍କର ସିଂ ଧାମି ଲଗାତାର ଦ୍ୱିତୀୟ ଥର ପାଇଁ ଉତରାଖଣ୍ଡର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ବୁଧବାର ପ୍ୟାରେଡ଼ ଗ୍ରାଉଣ୍ଡର ରାଜ୍ୟପାଳ ଲେଫ୍ଟନାଂଟ ଜେନେରାଲ ଗୁରୁମିତ ସିଂ ସୈନୀ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ ।। ତାଙ୍କ ସହ ଆଠଜଣ ମନ୍ତ୍ରୀ ମଧ୍ୟ ଶପଥ ନେଇଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଦଳର ସଭାପତି ଜେପି ନଡ୍ଡା, ଗୃହମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, କେନ୍ଦ୍ର ମନ୍ତ୍ରୀ ନିତୀନ ଗଡ଼କରୀ ଏବଂ ଅନ୍ୟାନ୍ୟ ନେତା ଉପସ୍ଥିତ ଥିଲେ । ବୁଧବାର ଅପରାହ୍ନରେ ରାଜଧାନୀର ପ୍ୟାରେଡ଼ ଗ୍ରାଉଣ୍ଡରେ ଆୟୋଜିତ ଏହି ଶପଥ ଗ୍ରହଣ ସମାରୋହ ଜାତୀୟ ସଂଗୀତରୁ ଆରମ୍ଭ ହୋଇଥିଲା । ଏହା ପରେ ରାଜ୍ୟପାଳ ଜେନେରାଲ ଗୁରୁମିତ ସିଂ ପୁଷ୍କର ସିଂ ଧାମିଙ୍କୁ ଉତରାଖଣ୍ଡର ଦ୍ୱାଦଶ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରାଇଥିଲେ । ଏହା ପରେ ମନ୍ତ୍ରୀମାନେ ଶପଥ ଗ୍ରହଣ କରିଥିଲେ । ପାରମ୍ପରିକ ପୋଷାକରେ ପୂର୍ବତନ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ରେଖା ଆର୍ଯ୍ୟ ଶପଥ ଗ୍ରହଣ କରିଥିଲେ । ପ୍ରେମଚାନ୍ଦ ଅଗ୍ରୱାଲ ସଂସ୍କୃତରେ ଶପଥ ଗ୍ରହଣ କରିଥିଲେ । ଏମାନଙ୍କ ବ୍ୟତୀତ ସତ୍ୟପାଲ ମହାରାଜ, ଗଣେଶ ଯୋଷୀ, ସୁଭୋଦ ୟୁନିୟାଲ, ସୌରଭ ବାହୁଗୁଣା, ଡକ୍ଟର ଧନ ସିଂ ରାୱତ, ଚନ୍ଦନ ରାମ ଦାସ ଶପଥ ଗ୍ରହଣ କରିଥିଲେ । ନୂତନ କ୍ୟାବିନେଟରେ ପୁରୁଣା ଏବଂ ନୂତନ ଚେହେରାର ମିଶ୍ରଣ ରହିଛି । ସୌରଭ ବହୁଗୁଣା ଏବଂ ଚନ୍ଦନ ରାମ ଦାସଙ୍କୁ ମଧ୍ୟ ଏହି କ୍ୟାବିନେଟରେ ନୂତନ ଚେହେରା ଭାବରେ ଅନ୍ତର୍ଭୁକ୍ତ କରାଯାଇଛି ।

# ୨୮ରୁ ଖୋଲିବ ଅଙ୍ଗନବାଡି କେନ୍ଦ୍ର



ଭୁବନେଶ୍ୱର, ୨୩/୦୩ (ନି.ପ୍ର): ଆସନ୍ତା ମାର୍ଚ୍ଚ ୨୮ ତାରିଖରୁ ରାଜ୍ୟର ସବୁ ଅଙ୍ଗନବାଡ଼ି କେନ୍ଦ୍ର ଖୋଲିବ। ଏସମ୍ପର୍କରେ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଛି ମହିଳା ଓ ଶିଶୁ କଲ୍ୟାଣ ବିଭାଗ । ଅଙ୍ଗନବାଡ଼ି କେନ୍ଦ୍ର ଖୋଲିବା ନେଇ ରାଜ୍ୟ ସରକାର ଏସଓପି ଜାରି କରିଛନ୍ତି। ସକାଳ ୭ଟା ୩୦ରୁ ସକାଳ ୯ଟା ୩୦ ପର୍ଯ୍ୟନ୍ତ ଅଙ୍ଗନବାଡ଼ି କେନ୍ଦ୍ରଖୋଲା ରହିବ। ଯଦି କୌଣସି ଠାରେ ଅସୁବିଧା ଥାଏ, ତାହାହେଲେ ସ୍ଥାନୀୟ ପ୍ରଶାସନ ନିଷ୍ପତ୍ତି ନେବ। ସବୁ ଅଙ୍ଗନବାଡି କର୍ମୀ ସମ୍ପୂର୍ଣ୍ଣ କୋଭିଡ୍ ଟିକା ନେବା ବାଧ୍ୟତାମୂଳକ କରାଯାଇଛି। ଯଦି କେହି ଉଦ୍ଦେଶ୍ୟମୂଳକ ଭାବେ ଟିକା ନେଇ ନ ଥାନ୍ତି, ତାହାହେଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ରାଜ୍ୟ ସରକାର କହିଛନ୍ତି। ମହାମାରୀ କରୋନା ପାଇଁ ଦୁଇ ବର୍ଷରୁ ଅଧିକ ସମୟ ଧରି ବନ୍ଦ ରହିଥିଲା ଅଙ୍ଗନବାଡ଼ି କେନ୍ଦ୍ର। କିନ୍ତୁ ଛୋଟ ପିଲାଙ୍କ ପାଇଁ ଖାଦ୍ୟ ସାମଗ୍ରୀ ଅଙ୍ଗନବାଡ଼ି କର୍ମୀଙ୍କ ମାଧ୍ୟମରେ ଯୋଗାଇ ଦେଉଥିଲେ ରାଜ୍ୟ ସରକାର।

# ବାଣପୁର ଘଟଣାରେ ପୋଲିସର ତଦନ୍ତ ପ୍ରକ୍ରିୟା ଜନମାନସରେ ସନ୍ଦେହ ସୃଷ୍ଟି କରୁଛି : ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର, ୨୩/୦୩ (ନି.ପ୍ର): ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଲୋକଙ୍କ ଉପରେ ଗାଡ଼ି ଚଢ଼ାଇବା ଘଟଣାରେ ପୋଲିସର ତଦନ୍ତ ପ୍ରକ୍ରିୟା ଜନମାନସରେ ସନ୍ଦେହ ସୃଷ୍ଟି କରୁଛି ଏବଂ ଏହା ସୁସ୍ଥ ସମାଜରେ ଶୋଭନୀୟ ନୁହେଁ ବୋଲି ଟ୍ୱିଟ୍ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଖୋର୍ଦ୍ଧା ଜିଲ୍ଲା ବାଣପୁରରେ କିଛି ଦିନ ପୂର୍ବରୁ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ନୀରିହ ଜନତା ଓ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କ ଉପରେ ଆକ୍ରୋଶମୂଳକ ଭାବେ ଗାଡ଼ି ଚଢ଼ାଇଦେବା ଘଟଣାର ଦୃଶ୍ୟ ଅତ୍ୟନ୍ତ ଦୁଃଖଦ ଓ ହୃଦୟ ବିଦାରକ ଥିଲା । ଏହି ଛାତିଥରା ଦୃଶ୍ୟ ରାଜ୍ୟବାସୀଙ୍କୁ କଷ୍ଟ ଦେଇଥିଲା । ବିଧାୟକ ନିଜେ ଚଳାଉଥିବା ଗାଡ଼ିର ଦୃଶ୍ୟ ଓ ଗାଡ଼ି ନମ୍ବର ରାଜ୍ୟର ଗଣମାଧ୍ୟମ ଦ୍ୱାରା ପ୍ରସାରିତ ହୋଇଥିଲା । ପୋଲିସ ପ୍ରଶାସନ ନିଜ ଆଡୁ ଏଫଆଇଆର୍ ରୁଜୁ କରିଥିଲେ । ମାତ୍ର ସର୍ବସାଧାରଣଙ୍କ ଦୃଷ୍ଟିରେ ଥିବା ସେହି ଗାଡ଼ି ନମ୍ବର ବଦଳରେ ଭିନ୍ନ ଏକ ଗାଡ଼ିର ନମ୍ବର ଏହି ଏଫଆଇଆରରେ ଉଲ୍ଲେଖ ରହିଛି । ପୋଲିସର ଏହି କାର୍ଯ୍ୟ ଜନମାନସରେ ସନ୍ଦେହ ସୃଷ୍ଟି କରୁଛି, ଯାହା ▶▶ପୃଷ୍ଠା ୭

# ୩୧ରୁ କୋଭିଡ୍ ଆଇନକୁ ହଟାଇବା ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି

ନୂଆଦିଲ୍ଲୀ, ୨୩/୦୩ : ଦୁଇ ବର୍ଷ ପରେ ହଟିବ ମହାମାରୀ ଆଇନ୍ । କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇବା ପରେ ଦୁଇ ବର୍ଷ ତଳେ କେନ୍ଦ୍ର ସରକାର ଲଗାଇଥିବା ସମସ୍ତ କୋଭିଡ୍ କଟକଣାକୁ ଆସନ୍ତା ମାର୍ଚ୍ଚ ୩୧ ତାରିଖରୁ ହଟାଇବାକୁ ନିଷ୍ପତ୍ତି ନେଇଛନ୍ତି । ସଂକ୍ରମଣ ହ୍ରାସ ପାଇଥିବାରୁ କେନ୍ଦ୍ର ସରକାର ଏହି ବଡ଼ ନିଷ୍ପତ୍ତି ନେଇଛନ୍ତି । ୨୦୨୦ ମସିହା ମାର୍ଚ୍ଚ ୨୪ ତାରିଖରେ ଡିଜାଷ୍ଟର ମ୍ୟାନେଜମେଣ୍ଟ ଆକ୍ଟ-୨୦୦୫ ଆଧାରରେ ପ୍ରଥମଥର ଲାଗି ମହାମାରୀ ଆଇନ୍ ଲାଗୁ କରିଥିଲେ କେନ୍ଦ୍ର ସରକାର । ପରବର୍ତ୍ତୀ ସମୟରେ ଦେଶରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଏହି ଆଇନରେ କିଛି ପରିବର୍ତ୍ତନ କରାଯାଇଥିଲା । ତେବେ ଏହି ଆଇନ୍ ଚଳିତ ମାସ ଶେଷରେ ହଟିବ ବୋଲି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି । ଏ ନେଇ କେନ୍ଦ୍ର ଗୃହ ସଚିବ ଅଜୟ ଭାଲ୍ଲା ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଛନ୍ତି । ଚିଠିରେ ସେ ଉଲ୍ଲେଖ କରିଛନ୍ତି, ୨୪ ମାସ ଧରି ମହାମାରୀକୁ ଚିହ୍ନଟ କରିବା ଏବଂ ଏହାର ଉପଚାର ପାଇଁ ସରକାର ଅନେକ ମହତ୍ୱପୂର୍ଣ୍ଣ ପଦକ୍ଷେପ ଉଠାଇଛନ୍ତି, ଯେପରି ଟିକାକରଣ, ହସ୍ପିଟାଲର ଭିତ୍ତିଭୂମି ବିକାଶ ଉପରେ ଗୁରତ୍ୱ ଦିଆଯାଇଥିଲା । ଏବେ ଜନସାଧାରଣ କୋଭିଡର ମୁକାବିଲା ପାଇଁ ସଚେତନ ହୋଇସାରିଛନ୍ତି । ▶▶ପୃଷ୍ଠା ୭

# ବ୍ଲକ ଉପାଧକ୍ଷ ମାଧୁରୀ ବାରିକ ନିର୍ବାଚିତ



ବାସୁଦେବପୁର,୨୩/୦୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ କିସ୍ମତ କୃଷ୍ଣପୁର ପଂଚାୟତର ମାଧୁରୀ ବାରିକ ବାସୁଦେବପୁର ବ୍ଲକ ଉପାଧକ୍ଷ ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ଏହି ଅବସରରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ ଓ ଜନସାଧାରଣଙ୍କୁ ମାଧୁରୀ ଅଭିନନ୍ଦନ ଜଣାଇଛନ୍ତି । ବିଜେଡି ନେତା ରାମଚନ୍ଦ୍ର ବାରିକ, ଚିନ୍ମୟ ବାରିକ, ପିତାମ୍ବର କୃତଜ୍ଞତା ଜଣାଇଛନ୍ତି ।

# ରଚନା ଦ୍ୱାରା ବିଶ୍ୱ କବିତା ଦିବସ ପାଳିତ

ବଲାଙ୍ଗିର,୨୩/୦୩ (ନି.ପ୍ର): ସମଗ୍ର ବିଶ୍ୱରେ କୋଟି କୋଟି ମଣିଷ ଅଛନ୍ତି, କିନ୍ତୁ କବିପ୍ରାଣ ସ୍ୱତନ୍ତ୍ର । କାରଣ ସେ ନିଜେ ଜଣେ ସ୍ରଷ୍ଟା । ତା'ର ଭାବ ଜଗତ - ସତ୍ୟ, ଶିବ ଓ ସୁନ୍ଦର । ବିଜ୍ଞାନର ଆବିଷ୍କାର ବଳରେ ଆଜି ମଣିଷ ଧରାକୁ ସରା ମଣିଛି ସତ, କିନ୍ତୁ ସାହିତ୍ୟପ୍ରାଣ କବିମାନେ ହିଁ ମାନବ ଭିତରେ ସ୍ନେହ, ଶ୍ରଦ୍ଧା, ମମତା ଓ ଉଦାରପଣିଆ ଉଦ୍ରେକ କରିବାକୁ ସମର୍ଥ । ଏଇଥି ପାଇଁ ତ କବି ଏବଂ କବିତାର ଆଦର ସର୍ବତ୍ର । ସେହି ଭାବର ବନ୍ଧନ ହିଁ ବଲାଙ୍ଗିରର ଆଇନ ମହାବିଦ୍ୟାଳୟ ପ୍ରାଙ୍ଗଣରେ ସମସ୍ତଙ୍କୁ ଏକାଠି କରିଥିଲା 'ବିଶ୍ୱ କବିତା ଦିବସ''ରେ । ସମାଜ-ସାହିତ୍ୟ- ସଂସ୍କୃତି କ୍ଷେତ୍ରରେ କାର୍ଯ୍ୟରତ ବଲାଙ୍ଗିରର ଅଗ୍ରଣୀ ଅନୁଷ୍ଠାନ 'ରଚନା'ର ସଭାପତି ସନାତନ ଠାକୁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଆଲୋଚନାର ପ୍ରସଙ୍ଗ ଥିଲା "କବିତା ବିନା ବା କି ଜୀବନ !"। ଏଥିରେ ଓଡ଼ିଆ କବିତା ରାଜ୍ୟର ସୁନାମଧନ୍ୟ କବି ଅମିୟ ରଞ୍ଜନ ମହାପାତ୍ର ଅତିଥିବକ୍ତା ଭାବେ ଯୋଗଦେଇ ଜୀବନ ଓ କବିତାର ନିବିଡ଼ ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେ । ତା'ସହିତ ତାଙ୍କର ସ୍ୱରଚିତ କବିତା ଆବୃତି ସମସ୍ତଙ୍କ ହୃଦୟକୁ ଜିଣି ନେଇଥିଲା । କବି ପ୍ରହ୍ଲାଦ ଶତପଥି ଅନ୍ୟତମ ଅତିଥିବକ୍ତା ଭାବେ ଯୋଗଦେଇ କବିତା ଓ ସାମ୍ପ୍ରତିକ ଜୀବନ ଉପରେ ସୁନ୍ଦର ତର୍ଜମା କରିଥିଲେ । ତାଙ୍କ କବିତା "ପକ୍ଷୀ ହିଁ ଆକାଶ" ସମସ୍ତଙ୍କୁ ମୁଗ୍ଧ କରିଦେଇଥିଲା । ଏହି ମହାର୍ଘ୍ୟ ଅବସରରେ କବୟିତ୍ରୀ ଲିଲି ପଟେଲଙ୍କ ସଂଯୋଜନାରେ ନିମନ୍ତ୍ରିତ କବି ଡା. ଜୋତିର୍ମୟୀ ସାହୁ, ବନ୍ଦନା ପଟ୍ଟନାୟକ, ବିଜୟ କୁମାର ତ୍ରିପାଠୀ, ନବୀନ ବିଶ୍ୱବନ୍ଧୁ, ସନ୍ଦୀପ କୁଅଁର, ଶୁଭ୍ରାଂଶୁ ଶେଖର ପଣ୍ଡା, ଅର୍ଜୁନ ସାହୁ, ସବିତା ମହରା, ଡ. ସୁଧାଂଶୁବାଳା ତ୍ରିପାଠୀ, ଡ. ଜଗନ୍ନାଥ ସାହୁ, ପୁସ୍ତମ ଜୁଆଡ଼ି, ଗଣେଶ ବାରିକ, ସୁଜାତା ଭୋଇ, ମୃଗେଶ ବୈଷ୍ଣବ ପାଣିଗ୍ରାହୀ, କସ୍ତୁରୀ ରଥ ଓ ଆଶିଷ ମିଶ୍ର ସ୍ୱରଚିତ କବିତା ଆବୃତି କରିଥିଲେ । ସମସ୍ତଙ୍କ କବିତା ଭାବପୂର୍ଣ୍ଣ ଏବଂ ଜୀବନଧର୍ମୀ ଥିଲା। ''ରଚନା''ର ସମ୍ପାଦକ କବି ଭାଗୀରଥି ମିଶ୍ର ସ୍ୱାଗତ ସମ୍ଭାଷଣ ପ୍ରଦାନ ଏବଂ ସହ-ସମ୍ପାଦକ ଡ. ଲକ୍ଷ୍ମଣ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ଏହି 'ବିଶେଷ ରଚନା ସଂଧ୍ୟା'ରେ ବହୁସଂଖ୍ୟାରେ ସହରର ଜ୍ଞାନୀ, ଗୁଣୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# କେନ୍ଦ୍ରାପଡା କୋର୍ଟରେ ଇ-ଲାଇବ୍ରେରୀ ଉଦ୍‌ଘାଟନ

କେନ୍ଦ୍ରାପଡ଼ା,୨୩/୦୩ (ନି.ପ୍ର): କେନ୍ଦ୍ରାପଡା କୋର୍ଟ ପରିସରରେ ଇ-ଲାଇବ୍ରେରୀ ଉଦ୍‌ଘାଟନ ହୋଇଯାଇଛି । ମଙ୍ଗଳବାର ସକାଳ ସମୟରେ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଡ଼ ଜଷ୍ଟିସ୍ ଏସ୍ ମୁରଲୀଧର ଏହାକୁ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଥିବା ବେଳେ କେନ୍ଦ୍ରାପଡାରେ ମାନ୍ୟବର ଜିଲ୍ଲା ଓ ଦୌରାଜଜ ଗୋପାଳ ଚନ୍ଦ୍ର ବେହେରା ଏହାକୁ ଉଦ୍‌ଘାଟନ କରିଛନ୍ତି । ଇ-ଲାଇବ୍ରେରୀ ଦ୍ୱାରା ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଓ ଓଡିଶା ଉଚ୍ଚ ନ୍ୟାୟାଳୟର ବିଭିନ୍ନ ମାମଲାରେ ପ୍ରକାଶ ପାଉଥିବା ରାୟଗୁଡିକୁ ଇ-ଲାଇବ୍ରେରୀ ଦ୍ୱାରା ଆଇନଜୀବି ମାନେ ଜାଣି ପାରିବେ । ଆୟୋଜିତ ଏହି ଉଦ୍‌ଘାଟନ ଉତ୍ସବରେ ଅତିରିକ୍ତ ଜିଲ୍ଲାଜଜ ଅଜୟ କୁମାର ପ୍ରଧାନ, ଫାଷ୍ଟଟ୍ରାକ କୋର୍ଟର ଟିକେ ଚିନାରା, ସିଜେଏମ୍ ପ୍ରଣତୀ ପଟ୍ଟନାୟକ, ମୁନସିପ ସୋନାଲୀ ଅପରାଜିତା, ଜେଏମଏଫସି ଅମିତ କୁମାର ବେହେରା, କୋର୍ଟ ମ୍ୟାନେଜର ସୁପ୍ରିତୀ ପଟ୍ଟନାୟକ, ଜିଲ୍ଲା ଓକିଲ ସଂଘର ସଭାପତି ଆଶୁତୋଷ ମହାନ୍ତି, ସଂପାଦକ ସେକ ଅଜିମୁଦ୍ଦିନ, ସରକାରୀ ଓକିଲ ନିରଞ୍ଜନ ବଳ, ଆର ଆଣ୍ଡ ବି ଏସଡିଓ ସମୀର ହୋତା, ଜେଇ ଅଜୟ କୁମାର ଦାସଙ୍କ ସମେତ ବହୁ ଆଇନଜୀବି ଉପସ୍ଥିତ ଥିଲେ ।

# ଡାକ୍ତର ସଂଜୀବ କଳାଙ୍କ ପରଲୋକ



ବାସୁଦେବପୁର,୨୩/୦୩ (ନି.ପ୍ର): ବାସୁଦେବପୁର ଅନ୍ତର୍ଗତ କିସ୍ମତ କୃଷ୍ଣପୁର ପଂଚାୟତର ବୋହୁମାଘେରି ରେ ଜନ୍ମଗ୍ରହଣ କରିଥିବା ଡାକ୍ତର ସଂଜୀବ କଳା ଙ୍କ ର ଇତି ମଧ୍ୟରେ ପରଲୋକ ଘଟିଛି । ୧୯୭୮ ମସିହା ଜୁନ ୨୫ ରେ ସେ ଜନ୍ମ ହୋଇଥିଲେ । ତାଙ୍କର ଧର୍ମପତ୍ନୀ ସଂଯୁକ୍ତା ଓ ଏକମାତ୍ର କନ୍ୟା ପ୍ରତୀକ୍ଷା ତଥା ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ ସ୍ୱର୍ଗତ କଳା ଙ୍କ ବିୟୋଗରେ ଦୁଃଖ ରେ ଭାଙ୍ଗି ପଡିଛନ୍ତି । ଡାକ୍ତର ସଂଜୀବ କଳା ଝାରସୁଗୁଡାର ଗାନ୍ଧୀ ଛକ ରେ ଏକ ନର୍ସିଂହୋମ କରି ରୋଗୀ ମାନଙ୍କ ସେବା କରୁଥିଲେ । ସ୍ୱର୍ଗତ କଳା ଙ୍କୁ ହଜାର ହଜାର ଲୋକ ମଧୁର ବ୍ୟବହାର ଓ ସମାଜସେବା ପାଇଁ ଖୁବ ଭଲ ପାଉଥିଲେ । ତାଙ୍କର ପରଲୋକରେ ଶାଶୁ, ଶଶୁର , ଶାଳକ ସଂଜୀବ, ରାଜୀବ, ଚିରଞ୍ଜୀବ, ଐତିହାସିକ ଓ ଗବେଷକ ଅଜୟ ପଣ୍ଡା, କବି ଓ ଐତିହାସିକ ଅନ୍ତର୍ଯ୍ୟାମୀ ମହାରଣା, ବାସୁଦେବପୁର ପ୍ରେସ କ୍ଲବର ସମ୍ପାଦକ ଇଂ ନିରଦ ଦାଶ, ସଭାପତି ରମାକାନ୍ତ ବାରିକ, ରଙ୍ଗରାଗର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି, ସାହିତ୍ୟିକ ସୁଧାଂଶୁ ଶେଖର ମିଶ୍ର ଓ ବହୁ କବି, ସାମ୍ବାଦିକ, ସମାଜସେବୀ ଶୋକ ପ୍ରକାଶ କରିବା ସହିତ ତାଙ୍କ ଅମର ଆତ୍ମାର ସଦ୍ଗତି କାମନା କରିଛନ୍ତି । ତାଙ୍କ ମୃତ୍ୟୁ ରେ ସମଗ୍ର ଓଡ଼ିଶାରେ ଶୋକର ଛାୟା ଖେଳିଯାଇଛି ।

# ବଲାଙ୍ଗିର ବିକାଶକୁ ଦେଖି କଂଗ୍ରେସକୁ ଭୋଟ ଦିଅନ୍ତୁ

ବଲାଙ୍ଗିର,୨୩/୦୩ (ନି.ପ୍ର): ଦୀର୍ଘ ୨୦ ବର୍ଷରୁ ଅଧିକ ହେବ ରାଜ୍ୟରେ ବିଜୁ ଜନତା ଦଳ ସରକାର ଏବଂ ୧୫ ବର୍ଷରୁ ଅଧିକ ହେବ ବଲାଙ୍ଗିର ପୌର ପରିଷଦ ବିଜୁ ଜନତା ଦଳ ଦଖଲରେ ଅଛି। କିନ୍ତୁ ବଲାଙ୍ଗିର ଲୋକେ ଯଦି ପ୍ରକୃତରେ ବିକାଶ ଦେଖିଛନ୍ତି ତେବେ ତାହା ୨୦୧୪ ମସିହା ସାଧାରଣ ନିର୍ବାଚନ ପରେ । ୨୦୧୪ରୁ ବଲାଙ୍ଗିର ସହରର ରାସ୍ତାଘାଟ, ନାଳ ନର୍ଦ୍ଦମା, ପରିମଳ ଅତି ଦୟନୀୟ ଅବସ୍ଥାରେ ଥିଲା । ନା ଥିଲା ମେଡିକାଲ କଲେଜ ନା ଥିଲା କ୍ରୀଡା ଭିତ୍ତିଭୂମି, ଶିକ୍ଷା ଭିତ୍ତିଭୂମି କଥା ଯଦି କହିବା ସ୍କୁଲ କୋଠା ଗୁଡିକ ଜରାଜିର୍ଣ୍ଣ ଅବସ୍ଥାରେ ଥିଲା । ୨୦୧୪ରେ ଲୋକେ ରାଜନୈତିକ ନେତୃତ୍ୱରେ ବିରାଟ ପରିବର୍ତ୍ତନ ଆଣି ନରସିଂହ ମିଶ୍ରଙ୍କୁ ବିଧାୟକ ରୂପେ ନିର୍ବାଚିତ କଲେ, ବଲାଙ୍ଗିରବାସୀ ବିକାଶର ସ୍ୱାଦ ଚାଖିଲେ । ତେଣୁ ଏହି ପୌର ନିର୍ବାଚନରେ ପୌର ପରିଷଦରେ କଳା ଶାସନ କରୁଥିବା ବିଜେଡି ଦଳକୁ ଲୋକେ ପ୍ରତ୍ୟାଖାନ କରନ୍ତୁ ଓ କଂଗ୍ରେସ ଦଳର ଅଧକ୍ଷା ପ୍ରାର୍ଥିନୀ ମିଳନୀ ସାହୁ ଏବଂ ସମସ୍ତ ୨୧ ଜଣ ପ୍ରାର୍ଥୀ ପ୍ରାର୍ଥିନୀଙ୍କୁ ହାତ ଚିହ୍ନରେ ଭୋଟ ଦେଇ ବଲାଙ୍ଗିର ବିକାଶକୁ ଆଗେଇ ନେବାରେ ସହଯୋଗ କରନ୍ତୁ ବୋଲି ଆଜି ନିର୍ବାଚନ ପ୍ରଚାର ଶେଷ ଦିନରେ ନିଜର ଶକ୍ତି ପ୍ରଦର୍ଶନ ପୂର୍ବକ ସହର ମଧ୍ୟରେ ଶହସ୍ରାଧିକ ସମର୍ଥକଙ୍କ ଗହଣରେ ବିରାଟ ପଟୁଆରରେ ସହର ପରିକ୍ରମା କରି ପିସିସି ସାଧାରଣ ସଂପାଦକ ତଥା ଏଆଇସିସି ସଭ୍ୟ ଯୁବନେତା ସମରେନ୍ଦ୍ର ମିଶ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି । ସେ ଏହା ମଧ୍ୟ କହିଛନ୍ତି ଯଦି ବଲାଙ୍ଗିରବାସୀ ବଲାଙ୍ଗିର ସହରକୁ ଏକ ପୂର୍ଣ୍ଣାଙ୍ଗ ବିକଶିତ ସହର ଭାବରେ ଗଢି ତୋଳିବାକୁ ଚାହୁଁଛନ୍ତି ତେବେ କଂଗ୍ରେସ ଦଳକୁ ଭୋଟ ଦିଅନ୍ତୁ, କଂଗ୍ରେସ ଦଳକୁ ଥରେ ସୁଯୋଗ ଦିଅନ୍ତୁ ଦେଖିବେ ପୌରାଞ୍ଚଳ ବାସୀଙ୍କ ସମସ୍ତ ସ୍ୱପ୍ନ ପୁରଣ ହେବ । ଆଜି ପୂର୍ବାହ୍ନ ଘ.୧୦ ରେ ପୌର ପରିଷଦ ନିର୍ବାଚନ ପରିପ୍ରେକ୍ଷୀରେ କଂଗ୍ରେସ ଦଳର ସମସ୍ତ ୨୧ ଜଣ କାଉନସିଲର ପ୍ରାର୍ଥୀ/ପ୍ରାର୍ଥିନୀ ଏବଂ ପୌରାଧକ୍ଷା ପ୍ରାର୍ଥିନୀ ମିଳନୀ ସାହୁ ପ୍ରମୁଖ ଯୁବନେତା ସମରେନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ସହର ମଧ୍ୟରେ ବିରାଟ ର୍ୟାଲି କରି ନିଜର ଶକ୍ତି ପ୍ରଦର୍ଶନ କରିଥିଲେ । କଂଗ୍ରେସ ସପକ୍ଷରେ ଭୋଟଦାନ କରିବାକୁ ଶ୍ଳୋଗାନ ମାଧ୍ୟମରେ ଆକର୍ଷିତ କରିବା ସହିତ ବିଗତ ଦିନର ପୌର ପରିଷଦ କିପରି ଦୁର୍ନୀତି କରିଛି ଏବଂ ପ୍ରତ୍ୟେକ ସରକାରୀ ଯୋଜନାରୁ ଅର୍ଥ ତୋଷାରପାତ ଏବଂ ବାଟ ମାରଣା କରିଛି ତାହାକୁ ଜନସାଧାରଣଙ୍କ ସମ୍ମୁଖରେ ରଖିଥିଲେ । ଆଜି ନିର୍ବାଚନ ପ୍ରଚାର ଅନ୍ତିମ ଦିନରେ ବିଧାୟକ ନରସିଂହ ମିଶ୍ର ୱାର୍ଡ ନଂ.୧୦ର ପ୍ରାର୍ଥୀ ସୀତାରାମ କୁମ୍ଭାରଙ୍କ ସହ ସ୍ଥାନୀୟ କୁଷ୍ଠାଶ୍ରମକୁ ଯାଇ ଅନ୍ତେବାସୀଙ୍କ ଗହଣରେ ନିର୍ବାଚନ ସମ୍ବନ୍ଧୀୟ ଆଲୋଚନା କରି କଂଗ୍ରେସ ସପକ୍ଷରେ ଭୋଟ ଦେବାକୁ ନିବେଦନ କରିଥିଲେ । ଅପରାହ୍ନରେ ଶ୍ରୀ ମିଶ୍ର ୨୦ ନଂ. ୱାର୍ଡ ସ୍ଥିତ ଇନ୍ଦିରା ନଗର ଏବଂ ସାଗରପଡାର ବିଭିନ୍ନ ଅଂଚଳରେ ପଥପ୍ରାନ୍ତ ସଭା କରି କାଉନସିଲର ପ୍ରାର୍ଥିନୀ ବାସନ୍ତି ଭୋଇଙ୍କୁ ହାତ ଚିହ୍ନରେ ଭୋଟ ଦେବାକୁ କହିଥିଲେ । ଶ୍ରୀ ମିଶ୍ର ନିଜ ବକ୍ତବ୍ୟରେ କହିଥିଲେ ଯେ ଏଠାରେ ରହୁଥିବା ପ୍ରତ୍ୟେକ ଭୂମିହୀନ ଲୋକଙ୍କୁ ପ୍ରାଥମିକତା ଭିତ୍ତିରେ ବିନା ମୂଲ୍ୟରେ ଘର ଡିହ ଯୋଗାଇ ଦେବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପ୍ରତିଶୃତି ଦେଇଥିଲେ । ତା' ସହ ଅଧକ୍ଷା ପ୍ରାର୍ଥିନୀ ମିଳନୀ ସାହୁଙ୍କୁ ହାତ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ । ନଗର ସଭାପତି ବୁଲୁ ଦାନୀଙ୍କ ସଂଯୋଜନାରେ ଆଜି ଅନୁଷ୍ଠିତ ସଭା ତଥା ର୍ୟାଲିରେ ମନୀଷ ମିଶ୍ର, ଅସୀତ ମିଶ୍ର, ଓମ୍ ପ୍ରକାଶ କୁମ୍ଭାର, ଅମୂଲ୍ୟ ସେଠ, ବ୍ରଜ ସେଠୀ, ପ୍ରେମ ମିଶ୍ର, ଅଙ୍କିତ ସାହୁ, ଲୋପନ ମିଶ୍ର, ଗୋବିନ୍ଦ ପଣ୍ଡା, ବିଜୟ ସିଂହ, ତିର୍ଥ ମିଶ୍ର, ସନ୍ତୋଷ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

# ଯୁବ କୁଲତା ସମାଜର ରକ୍ତଦାନ

ବଲାଙ୍ଗିର ,୨୩/୦୩ (ନି.ପ୍ର): ରକ୍ତଦାନ କଲେ କୁଲୁତା ସମାଜର ଯୁବ ସଦସ୍ୟ ବଲାଙ୍ଗିର ବ୍ଲକ୍ ଭାଲିଆମୁଣ୍ଡା ଗ୍ରାମର ରକ୍ଷମ ନାୟକ୍ ୬୨ ଗତକାଲି ଠାରୁ ଭିମଭୋଇ ମେଡିକାଲ କଲେଜରେ ଚିକିତ୍ସିତ ହେଉଛନ୍ତି । ତାଙ୍କ ଶରୀରରେ ରକ୍ତ ପରିମାଣ ୫%ହେବାରୁ ଡାକ୍ତର ତାଙ୍କୁ ରକ୍ତ ଦେବା ପାଇଁ କହିଥିଲେ। ତାଙ୍କ ପୁତ୍ର ପର୍ଶୁରାମ ନାୟକ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜକୁ ଏ+ ରକ୍ତ ପାଇଁ ସହଯୋଗ ମାଗିଥିଲେ । ଖବର ପାଇବା ମାତ୍ରେ ଯୁବ କୁଲୁତା ସମାଜର ସକ୍ରିୟ ସଦସ୍ୟ ଫଂଚାନନ୍ ସା ଆସି ରକ୍ତଦାନ କରିଥିଲେ । ରକ୍ତଦାନ ସମୟରେ ଜିଲ୍ଲା ଯୁବ କୁଲୁତା ସମାଜ ସଭାପତି ଅସୀମ କୁମାର ଭୋଇ, ଯୁବ ସଦସ୍ୟ ଶମ୍ଭୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ଯୁବ କୁଲୁତା ସମାଜର ଏଭଳି ମହତ୍ କାର୍ଯ୍ୟକୁ ନୂଆପଡ଼ା ଜିଲ୍ଲା କୁଲୁତା ସମାଜର ବରିଷ୍ଠ ସଦସ୍ୟ ବିରେନ୍ଦ୍ର ପଧାନ ଓ ସୁବର୍ନପୁର୍ ଜିଲ୍ଲା କୁଲୁତା ସମାଜର ସମ୍ପାଦକ କ୍ଷେତ୍ରବାସୀ ପଧାନ ଭୂୟସୀ ପ୍ରଶଂସା କରିଥିଲେ।

# ନୂଆପଦା ବିଦ୍ୟାଳୟରେ ବିଶ୍ୱ ଜଳ ଦିବସ

କୋରେଇ,୨୩/୦୩ (ନି.ପ୍ର): ମାର୍ଚ୍ଚ ୨୨ ବିଶ୍ୱ ଜଳ ଦିବସ ଅବସରରେ ୟୁନିସେଫ ଓଡିଶା ସରକାରଙ୍କ ନିର୍ଦ୍ଦେଶରେ ବ୍ଲକ କୋଅଡିନେଟର ବିସ୍ମିତା ଜେନାଙ୍କ ସହଯୋଗରେ ନୂଆପଦା ସରକାରୀ ଉପ୍ରା ବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପ୍ରାଙ୍ଗଣରେ ସୁନ୍ଦର ରଙ୍ଗୋଲି, ଚିତ୍ରାଙ୍କନ, ନୃତ୍ୟ ଓ ଅଭିନୟ ପରିବେଷଣ କରି ଛାତ୍ର/ଛାତ୍ରୀ ମାନେ ଜଳର ଉପଦେୟତା ଉପରେ ସଚେତନତା ବାର୍ତା ପ୍ରଚାର କରିଥିଲେ ।ଏହି ଅବସରରେ ବିଦ୍ୟାଳୟରେ ଏକ ସଭା ପ୍ରଧାନ ଶିକ୍ଷୟତ୍ରୀ ସଂଯୁକ୍ତା ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥିଭାବେ କୋରାଇ ବ୍ଲକ ବିଡିଓ ରଂଜନ କୁମାର ପରିଡା ଓ ସମ୍ମାନୀତ ଅତିଥିଭାବେ ପଥରପଦା ସରପଂଚ ମଧୁସ୍ମିତା ବାରିକ, ସମିତିସଭ୍ୟା ସରସ୍ୱତୀ ସ୍ୱାଇଁ, ଆରଡବ୍ଲୁଏସଏସ କନିଷ୍ଠ ଯନ୍ତ୍ରୀ ସୁଧାକର ପଣ୍ଡା, ବିଆରସି ଚନ୍ଦନ କୁମାର ଦାସ, ଏମଆଇ ହେମନ୍ତ କୁମାର ଦାସ, ଏବିଇଓ ଅଶୋକ କୁମାର ରାୟ, ସିଆରସିସି ଅଖିଳ ମୋହନ ମହାନ୍ତି ୟୁନିସେଫ ଜିଲ୍ଲା କୋ ଅଡିନେଟର କୁମୁଦ ଚନ୍ଦ୍ର ସତପଥି ଯୋଗଦାନ କରି ଜଳର ସଂରକ୍ଷଣ ଓ ଉପଦେୟତା ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ଛାତ୍ରୀ ଜାଗୃତୀ ଦାସ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । ଶିକ୍ଷକ ବଳରାମ ବେହେରା, ତାରିଣୀ ପ୍ରସାଦ ରାୟ, ସସ୍ମିତା ବେହେରା, ପରିଚାଳନା କମିଟି ସଭାପତି ଗୟାଧର ସ୍ୱାଇଁ ପୁରାତନ ଛାତ୍ରୀ ପ୍ରଣତି ପରିମିତା ଦାସ ଓ ସୁଦେଷ୍ଣା ରାୟ ପ୍ରମୁଖ କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ । ଶେଷରେ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତି ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ଦେଶୀ ମଦ ଚାଲାଣ ବେଳେ ୪ ଗିରଫ

ଜୟପୁର,୨୩/୦୩ (ନି.ପ୍ର): ଜୟପୁର ଅବକାରୀ ବିଭାଗ ସହରର ବିଭିନ୍ନ ସ୍ଥାନରେ ଚଢାଉ କରି ୩ ଜଣଙ୍କୁ ଗିରଫ କରିବା ସହ ୫୦ ଲିଟର ଦେଶୀ ମଦ ଜବତ କରିଛି । ସହରର ଖ୍ରୀଷ୍ଟିଆନପେଟା ରେ ଚଢାଉ କରି ଆଶିଷ ବେନିୟା କୁ ଗିରଫ କରିଥିବା ବେଳେ ଫରେଷ୍ଟ କଲୋନୀରେ ଚଢାଉ କରି ସୋମନାଥ ରଣାକୁ ଗିରଫ କରିଛି । ପାରେବେଢାରେ ଚଢାଉ କରି ମହମ୍ମଦ ଇସାକକୁ ଗିରଫ କରିଥିବା ଜୟପୁର ଅବକାରର ବିଭାଗ ତରଫରୁ ସୁଚନା ଦିଆଯାଇଛି। ସେହିପରି ଜୟପୁର ସଦର ପୋଲିସ କଳାଗୁଡାରୁ ଏକ ବାଇକରେ ମଦ ଧରି ସହରକୁ ଆସୁଥିବା ବେଳେ ଗଡପଦର ଠାରେ ଚଢାଉ କରି ମନୁ ଦୁରୁକ କୁ ଗିରଫ କରିଛି। ତା ଠାରୁ ୩୦ ଲିଟର ଦେଶି ମଦ ଓ ବାଇକକୁ ଜବତ କରି ଥିବା ସଦର ଥାନା ସୁତ୍ରରୁ ସୂଚନା ଦିଆଯାଇଛି।

# ଫୁଲବାଣୀ ପୌରପରିଷଦ ଅଧ୍ୟକ୍ଷା ପଦବୀ ପାଇଁ ତ୍ରିମୁଖୀ ଲଢେଇ

କନ୍ଧମାଳ,୨୨ ମାର୍ଚ୍ଚ (ହି.ସ.)- କନ୍ଧମାଳ ଜିଲ୍ଲା ସଦରମହକୁମା ଫୁଲବାଣୀ ପୌରପରିଷଦ ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ତିନି ପ୍ରମୁଖ ରାଜନୈତିକ ଦଳର ପ୍ରଚାର ଜୋର ଧରିବାରେ ଲାଗିଛି । ଗତ ୧୪ ତାରିଖରେ ଚୂଡାନ୍ତ ପ୍ରାର୍ଥି ତାଲିକା ପ୍ରକାଶ ପାଇବା ପରେ ବିଜେଡି,କଂଗ୍ରେସ ଏବଂ ଭାରତୀୟ ଜନତା ପାର୍ଟି ସମେତ ଆମ ଅଦମୀ ପାର୍ଟି ମଧ୍ୟ ନିର୍ବାଚନୀ ପ୍ରଚାର ଦୌଡରେ ସାମିଲ ହୋଇଛି । ଶାସକ ବିଜୁ ଜନତା ଦଳ ପକ୍ଷରୁ କନ୍ଧମାଳ ସାଂସଦ ଡ.ଅଚ୍ୟୁତ ସାମନ୍ତ ପ୍ରଚାରର ମଙ୍ଗ ଧରିଛନ୍ତି । ଜିଲ୍ଲା ସଭାପତି ସରୋଜ କର୍ଣ୍ଣଙ୍କ ତେତୃତ୍ୱରେ ଗତ ୧୪ ତାରିଖ ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ସାଂସଦଙ୍କ ସମେତ ରାଜ୍ୟ ଆଇନ, ଫଂଚାୟତିରାଜ, ନଗର ଉନ୍ନୟନ ଏବଂ ଗ୍ରାମ୍ୟ ଜଳ ଯୋଗାଣ ମନ୍ତ୍ରୀ ତଥା କନ୍ଧମାଳ ଜିଲ୍ଲା ବିଜୁ ଜନତା ଦଳ ପ୍ରଭାରୀ ଦାୟୀତ୍ୱରେ ଥିବା ପ୍ରତାପ ଜେନା ଫୁଲବାଣୀ ପୌରାଂଚଳର ୧୩ ଟି ୱାର୍ଡ ବୁଲି ଦଳର ସମସ୍ତ ୧୩ ଜଣ ୱାର୍ଡ ମେମ୍ବରଙ୍କ ସମେତ ପୌରାଧ୍ୟକ୍ଷ ପ୍ରାର୍ଥିନୀ ପୁନମ କହଁରଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ । ତେବେ ପ୍ରଚାର କାର୍ଯ୍ୟରେ କନ୍ଧମାଳ ଜିଲ୍ଲାର ପୁରୁଖା ନେତା ତଥା ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଅନୁପସ୍ଥିତି କୁ ନେଇ ଚର୍ଚ୍ଚା ହେବା ପରେ ଦଳର ବରିଷ୍ଠ ନେତୃବୃନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଗତ ୨୦ ତାରିଖରେ ମନ୍ତ୍ରୀ ପଦ୍ମନାଭ ବେହେରା ଏବଂ ତାଙ୍କ ପତ୍ନୀ ତଥା ପୁର୍ବତନ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା ଉପର ମହଲରୁ ନିର୍ଦ୍ଦେଶ ପାଇବା ପରେ ହଠାତ ଫୁଲବାଣିରେ ପହଂଚି ପୌରାଂଚଳର ବିଭିନ୍ନ ୱାର୍ଡ ବୁଲି ଲୋକଙ୍କୁ ଭୋଟ ଭିକ୍ଷା କରିବା ସହ ବିଭିନ୍ନ ପୌରାଂଚଳର ବିଭିନ୍ନ ୱାର୍ଡରେ ନିର୍ବାଚନୀ ସଭା କରି ଲୋକଙ୍କ ନିକଟରେ ଦଳୀୟ ପ୍ରାର୍ଥିଙ୍କ ପାଇଁ ପ୍ରଚାର କରିଥିବା ଦେଖିବାକୁ ମିଳିଛି । ସେହିପରି ସୋମବାର ଫୁଲବାଣୀରେ କନ୍ଧମାଳ ସାଂସଦଙ୍କ ସହିତ ଓଡିଆ ସିନେ ତାରକା ସବ୍ୟସାଚୀ ମିଶ୍ର ଏବଂ ଅର୍ଚ୍ଚିତା ସାହୁ ମଧ୍ୟ ପୌରାଂଚଳର ଏକ ଶୋଭାଯାତ୍ରାରେ ବୁଲି ଲୋକ ମାନଙ୍କୁ ବିଜୁ ଜନତା ଦଳକୁ ଭୋଟ ଦେବା ପାଇଁ ଅନୁରୋଧ କରିବା ସହ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକଠାରେ ଏକ ସାଧାରଣ ସଭାରେ ଲୋକଙ୍କୁ ସମ୍ବୋଧିତ କରିବା ସହିତ ନିର୍ବାଚନ ପ୍ରଚାର କାର୍ଯ୍ୟରେ ଯୋଗ ଦେଇଥିଲେ । ବିଜୁ ଜନତା ଦଳର ହେଭିୱେଟ୍ ନେତା ମାନଙ୍କର ପ୍ରଚାର, ପୌରାଂଚଳରେ ବିଜୁ ଜନତା ଦଳର ସ୍ଥିତି ଠିକ୍ ନଥିବା ନେଇ ଆଲୋଚନା ଜୋର ଧରିଛି । ସେହିପରି କନ୍ଧମାଳ ଜିଲ୍ଲା କଂଗ୍ରେସ ପକ୍ଷରୁ ମଧ୍ୟ ପ୍ରଚାର ଜୋର ସୋରରେ ଚାଲିଛି । ଜିଲ୍ଲା ସଭାପତି ଅନାମ ନାୟକଙ୍କ ନେତୃତ୍ୱରେ ଜିଲ୍ଲା କଂଗ୍ରେସ ପ୍ରଭାରୀ ବିସ୍ମୟ ମହାପାତ୍ରଙ୍କ ସମେତ ବହୁ ଜିଲ୍ଲା ସ୍ତରୀୟ ନେତା ଏକାତ୍ରିତ ହୋଇ ଦଳର ସମସ୍ତ ୧୩ ଟି ୱାର୍ଡର ଦଳୀୟ ପ୍ରାର୍ଥି ଓ ପୌରାଧ୍ୟକ୍ଷା ପ୍ରାର୍ଥି ସବିତା ମହାନ୍ତିଙ୍କ ପାଇଁ ଶୋଭାଯାତ୍ରା ରେ ବାହାରି ଲୋକଙ୍କୁ ଭୋଟ ଭିକ୍ଷା କରିଥିଲେ । ଅନୁରୁପ ଭାରତୀୟ ଜନତା ପାର୍ଟି ପକ୍ଷରୁ ମଧ୍ୟ ଜିଲ୍ଲା ସ୍ତରୀୟ ନେତୃବୃନ୍ଦ ଏବଂ କର୍ମି ମାନଙ୍କୁ ନେଇ ଏକ ବିଶାଳ ଶୋଭାଯାତ୍ରା ରେ ଫୁଲବାଣୀ ପୌରାଂଚଳରେ ପରିକ୍ରମା କରିବା ସହିତ ଦଳର ସମସ୍ତ ୧୩ ଟି ୱାର୍ଡର ପ୍ରାର୍ଥି ମାନଙ୍କ ସମେତ ପୌରାଧ୍ୟକ୍ଷା ପ୍ରାର୍ଥିନୀ ସ୍ମିତାରାଣୀ ମହାନ୍ତିଙ୍କୁ ଭୋଟ ଦେବା ପାଇଁ ଜନ ସାଧାରଣଙ୍କୁ ଅନୁରୋଧ କରିଥିଲେ । ଏହି ଅବସରରେ ଆଜି ସ୍ଥାନୀୟ ମାଦିକୁନ୍ଦା ଛକଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇ ଦଳୀୟ ପ୍ରାର୍ଥି ମାନଙ୍କ ସପକ୍ଷରେ ଭୋଟ ଦେବା ପାଇଁ ଅନୁରୋଧ କରାଯାଇଥିଲା । ଗତ ୨ ଦିନ ମଧ୍ୟରେ ୩ଟି ପ୍ରମୁଖ ରାଜନୈତିକ ଦଳ ପକ୍ଷରୁ ବିଭିନ୍ନ ସମୟରେ ବାଇକ ଶୋଭାଯାତ୍ରା ମାଧ୍ୟମରେ ଭୋଟର ମାନଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା କରାଯାଇଛି । ତେବେ ଜନ ମତକୁ ଦୃଷ୍ଟି ଦେଲେ ଶାସକ ବିଜୁ ଜନତା ଦଳର ପୌରାଧ୍ୟକ୍ଷା ପ୍ରାର୍ଥିନୀଙ୍କ ସମେତ ଅନ୍ୟାନ୍ୟ କାଉନସିଲର ପ୍ରାର୍ଥି ଚୟନ ସଠିକ୍ ହୋଇ ନଥିବା ନେଇ ଦଳୀୟ କର୍ମିଙ୍କ ସମେତ ସାଧାରଣ ଜନତା ମଧ୍ୟ ବିକଳ୍ପ ଚିନ୍ତା କରୁଥିବା ଚର୍ଚ୍ଚା ଜୋର ଧରିଛି । ଯାହାକି ଶାସକ ଦଳର ମୁଣ୍ଡବଥାର କାରଣ ସାଜିଛି ।

# ଦାବଜୁରୀ ଗ୍ରାମରେ ଶାଳ କାଠ ଜବତ

ବଲାଙ୍ଗିର ,୨୩/୦୩ (ନି.ପ୍ର): ଗତକାଲି ସଇଁତଳା ରେଞ୍ଜ ଅନ୍ତର୍ଗତ ଦାବଜୁରୀ ଗ୍ରାମ ନିକଟରେ ପେଟ୍ରୋଲିଂ ବେଳେ ୫ ଖଣ୍ଡ ଶାଳ କାଠ ଜବତ କରାଯାଇଛି । ରେଞ୍ଜ ଦାୟିତ୍ୱ ରେ ଥିବା କାମେଶ୍ୱର ତାଣ୍ଡି, ବନରକ୍ଷି ମୁରଲୀ ବେହେରା,ସତ୍ୟ ପଧାନ ଓ ଜଙ୍ଗଲ କର୍ମୀ ଏହି ଚଢ଼ାଉ ରେ ଭାଗ ନେଇଥିଲେ।

# ଆଦିବାସୀ ଯୁବକର ମୃତ୍ୟୁ ମାମଲାର ମୁଖ୍ୟ ଅଭିଯୁକ୍ତ କୋର୍ଟ ଚାଲାଣ : ଏଏସଆଇ ନିଲମ୍ବିତ

କୋରେଇ,୨୩/୦୩ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ଅଳତିରି ଶିବ ମନ୍ଦିର ନିକଟରେ କେତେକ ଆଦିବାସୀ ପରିବାର ଘର କରି ରହି କାମଧନ୍ଦା କରି ଚଳନ୍ତି । ଚଗୁଲୁ ମୁଣ୍ଡା ନାମକ ଯୁବକ ତାଙ୍କ ଘର ନିକଟସ୍ଥ ଗୌରାଙ୍ଗ ସିଂହଙ୍କ ପୁଅ ବାପି ସିଂହ ଓରଫ ସୁଚିନ୍ଦ୍ର ସିଂହଙ୍କ (ଯେ କି ଜଣେ ପୁଲିସ କର୍ମଚାରୀ) ଟ୍ରାକ୍ଟର ଚଲାଏ । ହେଲେ ଗତ ୧୩ ତାରିଖ ରବିବାର ଚଗୁଲୁ ବକେୟା ଟଙ୍କା ନଦେଲେ ଟ୍ରାକ୍ଟର ଚଳାଇବ ନାହି ବୋଲି ରୋକଠୋକ ଶୁଣାଇଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ବାପି ତାକୁ ଆକ୍ରମଣ କରିବା ସହ ତାର ଘର ଭଙ୍ଗା ରୁଜା କରିଥିଲା । ଚଗୁଲୁର ସମ୍ପର୍କୀୟ ସନିଆ ମୁଣ୍ଡାଙ୍କ ପୁଅ ଶୁକୁରା (୨୯) ଏହାର ପ୍ରତିବାଦ କରିବାରୁ ବାପି ତାକୁ ମଧ୍ୟ ମାଡ ମାରିଥିଲା । ଏନେଇ ଶୁକରା ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲା । ମାତ୍ର ଦାୟିତ୍ୱରେ ଥିବା ଏଏସଆଇ ଶ୍ରୀ ପ୍ରଭାସ ବେଉରା ଏହାକୁ ଗୁରୁତ୍ୱ ନଦେଇ ସମାଧାନ କରିବାକୁ ପ୍ରର୍ବତାଇଥିଲେ । ପରେ ଚିକତ୍ସିତ ହେବା ପାଇଁ ଆହତ ଶୁକୁରା ଯାଜପୁର ମୁଖ୍ୟ ଚିକତ୍ସାଳୟରେ ଭର୍ତି ହୋଇଥିଲା । କିନ୍ତୁ ଅଧିକ ଚିକତ୍ସା ନିମନ୍ତେ ତାକୁ କଟକ ପଠାଯାଇଥିଲା । ହେଲେ କଟକରେ ଚିକିତ୍ସିତ ଅବସ୍ଥାରେ ବୁଧବାର ରାତ୍ରୀ ଦୁଇଟା ବେଳେ ତାର ମୃତ୍ୟୁ ହୋଇଥିଲା । ଶୁକୁରାର ଶବକୁ ଘରକୁ ଆଣିବା ପରେ ତାର ମୃତ୍ୟୁର କାରଣ ଜଣାପଡି ନଥିଲେ ବି ଆଦିବାସୀ ବସ୍ତିର ଲୋକମାନେ ତାର ଶବକୁ ଆଣି ବାପିଙ୍କ ଘର ଆଗରେ ରଖି କ୍ଷତିପୂରଣ ଦାବି କରିଥିଲେ । ଘଟଣାସ୍ଥଳେ ଧିରେ ଧିରେ ଲୋକମାନେ ରୁଣ୍ଡ ହୋଇଥିଲେ । ସାହି ପଡିଶା ଓ ପଂଚାୟତର ନେତୃମଣ୍ଡଳୀ ଘଟଣାସ୍ଥଳେ ପହଂଚି ଆଦିବାସୀ ମାନଙ୍କୁ ବୁଝାସୁଝା କରିଥିଲେ । କ୍ଷତିପୂରଣ ଦାବିରେ ସେମାନେ ଅଡି ବସିବାରୁ ତାର ପରିବାର ପ୍ରତିପୋଷଣ ସହ ପିଲାଙ୍କ ପାଠ ପଢାର ଦାୟିତ୍ୱ ଗ୍ରାମବାସୀ ମାନେ ନେବା ପାଇ ପ୍ରତିଶୃତି ଦେବାରୁ ଶବ ଉଠିଥିଲା । ପରେ ଶୁକୁରାର ଶବକୁ ଗାଁ ଶସ୍ମାନରେ ଶେଷକୃତ ସମ୍ପନ୍ନ କରାଯାଇଥିଲା । ହେଲେ ଏନେଇ ବିଭିନ୍ନ ଆଦିବାସୀ ସଙ୍ଗଠନ ଶୁକୁରା ପରିବାର ନିକଟରେ ପହଂଚିଥିଲେ । ଏନେଇ ମାନବ ଅଧିକାର କର୍ମୀଙ୍କ ଦ୍ୱାରା ଜାତୀୟ ମାନବାଧିକାର କମିସନଙ୍କ ନିକଟରେ ଅଭିଯୋଗ କରାଯିବା ସହ ଜିଲ୍ଲାପାଳ, ଆରକ୍ଷି ଅଧିକ୍ଷକ, ଡିଜିପି ଓ ମୁଖ୍ୟମନ୍ତ୍ରୀ ଓ ଗୃହ ସଚିବ ଜଣାଇଥିଲେ । ଏନେଇ ମୃତ ଶୁକୁରାର ପତ୍ନୀ ମାମି ମୁଣ୍ଡା ନିଜ ସମ୍ପ୍ରଦାୟର ଲୋକଙ୍କ ସହ ରବିବାର ରାତ୍ରୀରେ ପାଣିକୋଇଲି ଥାନାରେ ପହଂଚି ଅଭିଯୋଗ କରିଛନ୍ତି । ଏନେଇ ଏକ ମାମଲା ୬୨/୨୨ରୁଜୁ ହୋଇ ଥିଲା । ଏହି ଘଟଣାରେ ଶୁକୁରା ପରିବାରକୁ ପୁଲିସ ପକ୍ଷରୁ ପଚରାଉଚୁରା ଜାରି ରଖି ଦିନ ତମାମ ବିଭିନ୍ନ ଦିଗକୁ ଲକ୍ଷ୍ୟକରି ପୁଲିସ ତଦନ୍ତ କରୁଥିଲା । ତଦନ୍ତାଧିକାରୀ ଡିଏସପି ପ୍ରମୋଦ କୁମାର ମଲ୍ଲିକ ଶେଷରେ ତଦନ୍ତର ଅନ୍ତ ଘଟାଇ ବାପିକୁ ଅଦାଲତ ଚାଲାଣ କରିଛନ୍ତି । ଅଭିଯୁକ୍ତ ବାପିକୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ପୁଲିସ ଏକାଡେମୀରୁ ପାଣିକୋଇଲି ପୁଲିସ ସେମାବାର ରାତ୍ରୀରେ ଗିରଫ କରିବାକୁ ସକ୍ଷମ ହୋଇଥିଲା । ଆଦିବାସୀ ସୁକୁମରା ମୁଣ୍ଡାର ହତ୍ୟାକାରୀ ବାପିକୁ କେଶ ନମ୍ବର ୬୨/୨୨ ଦଫା ୨୯୪, ୩୨୩, ୪୨୭, ୫୦୬, ୩୦୨, ୨୦୧ ସହିତ ଅନୁସୂଚିତ ଜାତି ଓ ଜନଜାତି ଆଇନ ଏବଂ ଶିଶୁ ଶ୍ରମିକ ନିରୋଧ ଆଇନରେ ଆଜି ଅପରାହ୍ନରେ ଅଦାଲତ ଚାଲାଣ କରାଯାଇଛି ।

# ମୋ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ରକ୍ତଦାନ ଶିବିର

ବାସୁଦେବପୁର,୨୩/୦୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀଦାସପୁର ବାତ୍ୟା ଆଶ୍ରୟ ସ୍ଥଳୀ ପରିସରରେ ମୋ ସ୍ୱେଚ୍ଛାସେବୀ ସଂଗଠନ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭଦ୍ରକ ବ୍ଲଡ଼ ବ୍ୟାଙ୍କ ର ଡାକ୍ତର ରତିକାନ୍ତ ବଳ, ସୌମ୍ୟା ପଣ୍ଡା ଓ ମଧୁସୂଦନ ବେହେରା ଯୋଗ ଦେଇଥିଲେ । ଏହି ଶିବିରରେ ଅତିଥି ଭାବେ ଯୋଗ ଦେଇଥିଲେ ଯୁବ ସମାଜ ସେବୀ ପବିତ୍ର ରଂଜନ ପୂହାଣ , ଶିକ୍ଷାବିତ ଶ୍ୟାମ ସୁନ୍ଦର ପଳିତା, ରୂପକ ନାୟକ, ଅଭିମନ୍ୟୁ ଦାସ ଓ କମଳାକାନ୍ତ ମହାନ୍ତି ।ସଂଗଠନ ର ସଭାପତି ଅଜୟ ସ୍ୱାଇଁ, ସମ୍ପାଦକ ପରମେଶ୍ୱର ଜେନା,ପ୍ରଶାନ୍ତ ଜେନା,ଶାନ୍ତନୁ ମହାରଣା, ମନୋରଞ୍ଜନ ନାୟକ, ମନୋଜ ବାରିକ ପ୍ରମୁଖ ମୁଖ୍ୟ ଦାୟିତ୍ୱ ବହନ କରିଥିଲା ବେଳେ ସହଯୋଗ କରିଥିଲେ ପ୍ରତାପ ପଲାଇ,ଜଗନ୍ନାଥ ପଲାଇ,ଦୀପକ ସେନାପତି,ବଳରାମ ମହାରଣା । ସମୁଦାୟ ଏହି ଶିବିର ରେ ୬୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ଓ ରକ୍ତଦାତା ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ।



# ପିଲାଙ୍କୁ ମଧୁମେହ

ଦିନ ଥିଲା, ବୟସ୍କ ବ୍ୟକ୍ତିମାନଙ୍କୁ ହିଁ ଡାଇବେଟିଜ ବା ମଧୁମେହ ରୋଗଜ ହେଉଥିଲା । ମାତ୍ର ବର୍ତ୍ତମାନର ଖାଦ୍ୟାଖ୍ୟାସ ଯୋଗୁ ପିଲାଏ ମଧ ଏହି ଘାତକ ରୋଗରେ ପଡୁଛନ୍ତି । ପିଲାଙ୍କ ଖାଦ୍ୟ, ପାନୀୟ ପ୍ରତି ବାପା, ମା' ସଚେତନ ହେଲେ ପିଲାଙ୍କୁ ଏହି ରୋଗ କବଳରୁ ସୁରକ୍ଷିତ ରଖାଯାଇପାରିବ ।

ଅନିୟମିତ ଜୀବନଶୈଳୀ, ଶାରୀରିକ ପରିଶ୍ରମ ଦିନକୁ ଦିନ କମିଯିବା ଦ୍ୱାରା ବର୍ତ୍ତମାନ ଅଧିକାଂଶ ଲୋକ ମଧୁମେହ ବା ଡାଇବିଟିଜରେ ପୀଡ଼ିତ ହେଉଥିବା ଦେଖିବାକୁ ମିଳୁଛି । ଏହି ରୋଗୀଙ୍କ ସଂଖ୍ୟା ଏଭଳି ଭାବରେ ବଢ଼ିଚାଲିଛି ଯେ, ଭାରତକୁ ମଧୁମେହର ରାଜଧାନୀ ବୋଲି ବି କୁହାଗଲାଣି । କିଛି ବର୍ଷ ତଳେ କେବଳ ବୟସ୍କ ବ୍ୟକ୍ତିମାନେ ଡାଇବିଟିଜ୍ ବା ମଧୁମେହ ଭୋଗୁଥିଲେ । ସାଧାରଣତଃ ୪୫ ବର୍ଷରୁ ଅଧିକ ବୟସର ଲୋକମାନଙ୍କୁ ମଧୁମେହ ହେଉଥିବା ଶୁଣାଯାଉଥିଲା । ମାତ୍ର ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ପ୍ରତି ଉପଯୁକ୍ତ ସଚେତନତାର ଅଭାବ, ଖାଦ୍ୟପେୟରେ ସତର୍କତା, ସାବଧାନତା ଅବଲମ୍ବନ କରାଯାଉନଥିବାରୁ ବର୍ତ୍ତମାନ ପିଲାମାନେ ମଧ ମଧୁମେହରେ ଆକ୍ରାନ୍ତ ହେଉଥିବା ଦେଖାଯାଉଛି । ତେବେ ବାପା, ମା' ଟିକିଏ ସାବଧାନତା ଅବଲମ୍ବନ କଲେ ବା ସଚେତନ ହେଲେ ପିଲାଏ ଏହି ଘାତକ ରୋଗରେ ପଡ଼ିବେ ନାହିଁ । ବାପା, ମା' ମାନେ ପିଲାଙ୍କ ଖାଦ୍ୟ, ପାନୀୟ ଅଭ୍ୟାସରେ ପରିବର୍ତ୍ତନ ଆଣି ଏହି ରୋଗରୁ ନିଜ ପିଲାଙ୍କୁ ଦୂରରେ ରଖିପାରିବେ । ଏଭଳି ବହୁତ ଖାଦ୍ୟ ପଦାର୍ଥ ଅଛି, ଯାହା ମଧୁମେହର କାରଣ ପାଲଟିଥାଏ । ଏଭଳି ଖାଦ୍ୟ ଅଧିକ ପରିମାଣରେ ଓ ଅଧିକ ଦିନ ଧରି ଖାଇବା ଦ୍ୱାରା ମଧୁମେହ ହେବାର ଆଶଙ୍କା ଦେଖାଦେଇଥାଏ । ସେହିଭଳି କିଛି ଖାଦ୍ୟ ସମ୍ପର୍କରେ ଏଠାରେ ଆଲୋଚନା କରିବା ।



## ଫାଷ୍ଟଫୁଡ୍

ସାଧାରଣତଃ ପିଲାମାନେ ଫାଷ୍ଟଫୁଡ୍ ଖାଇବାକୁ ଅଧିକ ପସନ୍ଦ କରିଥାନ୍ତି । ଏକ ସର୍ଭେରୁ ଜଣାପଡ଼ିଛି ଯେ, ପିଲାମାନେ ସପ୍ତାହରେ ଦୁଇ ବା ତା' ଠାରୁ ଅଧିକ ଥର ଫାଷ୍ଟ ଫୁଡ୍ ଖାଇବାକୁ ମନ ବଳାଇଥାନ୍ତି ଓ ବାପା, ମା'ଙ୍କ ନିକଟରେ ଜିଦ୍ କରିଥାନ୍ତି । ବାପା, ମା' ମାନେ ମଧ ପିଲାଙ୍କ ଜିଦ୍ ଆଗରେ ହାରମାନି ପିଲାଙ୍କୁ ଫାଷ୍ଟ ଫୁଡ ଖୁଆଇଥାନ୍ତି । ଏଭଳି ପରିସ୍ଥିତିରେ ପିଲାଙ୍କ ଶରୀରେ ଫାଷ୍ଟ ଫୁଡ୍ ଜରିଆରେ ଯେଉଁ ଅତିରିକ୍ତ କ୍ୟାଲୋରୀ ପହଞ୍ଚେ, ତାହା ସେମାନଙ୍କ ଶାରୀରିକ ଗତିବିଧି ଦ୍ୱାରା ପୂରାପୂରି ଖର୍ଚ୍ଚ ହୁଏ ନାହିଁ । ଫଳରେ




ପିଲାମାନେ ମୋଟା ହୋଇଯାଆନ୍ତି । ମୋଟାପଣ କାରଣରୁ ପିଲାମାନେ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି । ଏଭଳି କ୍ଷେତ୍ରରେ ମଧୁମେହ ଭଳି ରୋଗ ହେବାର ଆଶଙ୍କା ବଢ଼ିଯାଇଥାଏ ।

## ॥ ସଫେଦ ବ୍ରେଡ୍ ॥

ବର୍ତ୍ତମାନ ଅଧିକାଂଶ ଘରେ ବ୍ରେଡ୍, ବଟର ବା ବ୍ରେଡ କ୍ଷୀର ଏକ ସାଧାରଣ ଜଳଖିଆ । ପାନ ଦୋକାନ, ଓମଫେଡ ବୁଥଠାରୁ ଆରମ୍ଭ କରି ସ୍ନାକ୍ସ ଦୋକାନ ପର୍ଯ୍ୟନ୍ତ ଏହା ସହଜରେ ମିଳିଯାଏ । ତା' ଛଡ଼ା ଏହାକୁ ରୋଷେଇ କରିବାକୁ ପଡ଼େନାହିଁ । କିଣି ଆଣି ସିଧା ଖାଇ ଦେଲେ ହେଲା । ଫଳରେ ଖୁବ୍ ଅଳ୍ପ ସମୟରେ ଜଳଖିଆ କାମ ଶେଷ ହୋଇଯାଏ । ଏହି କାରଣରୁ ବ୍ରେଡର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି । ବର୍ତ୍ତମାନ ଲୋକଙ୍କ ପାଖରେ ସମୟା ଘୋର ଅଭାବ । ସେହି କାରଣରୁ ଲୋକମାନେ ବ୍ରେଡ୍‌କୁ ଜଳଖିଆ ଭାବେ ଖାଇବାକୁ ଅଧିକ ପସନ୍ଦ କରୁଛନ୍ତି । ଘରର ବଡ଼ମାନଙ୍କ ଦେଖାଦେଖି ପିଲାଏ ମଧ ବ୍ରେଡ୍



ଖାଇବାରେ ଅଭ୍ୟସ୍ତ ହୋଇଗଲେଣି । ମାତ୍ର ଅନେକ ଜାଣନ୍ତି ନାହିଁ ଯେ, ସଫେଦ ବ୍ରେଡ୍ ଖାଇବା ପରେ ଏହା ଡାଇଜେଷ୍ଟ ହେବାବେଳେ ଚିନି ଭଳି କାମ କରିଥାଏ । ଏହି କାରଣରୁ ଡାଇବୀଟିଜ ରୋଗୀ ସଫେଦ ବ୍ରେଡ୍ ଖାଇବା ଉଚିତ ନୁହେଁ । ସଫେଦ ବ୍ରେଡ୍ ରକ୍ତରେ ଶର୍କରା ସ୍ତରକୁ ବଢ଼ାଇଥାଏ, ଯାହା ମଧୁମେହ ରୋଗୀଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଥାଏ ।

## ॥ କେକ୍ ଏବଂ ପେଷ୍ଟ୍ରି: ॥

ବର୍ତ୍ତମାନ ସମୟରେ ଏଭଳି କୌଣସି ଜଣେ ବି ପିଲା ନଥିବ, ଯିଏ କେକ୍ ଏବଂ ପେଷ୍ଟ୍ରି ଫାଇବାକୁ ପସନ୍ଦ କରୁନଥିବ । ମାତ୍ର ଅଭିଭାବକମାନେ ପିଲାଙ୍କୁ କେକ୍ ଓ ପେଷ୍ଟ୍ରି ଖାଇବାକୁ ଦେବା ଉଚିତ ନୁହେଁ । ଏସବୁ ଜିନିଷଠାରୁ ପିଲାଙ୍କୁ ଯଥା ସମ୍ଭବ ଦୂରେଇ ରଖିବା ୁଚିତ । କାରଣ କେକ୍ ପ୍ରସ୍ତୁତ କରିବା ସମୟରେ ସୋଡ଼ିୟମ, ଚିନି ଆଦି ବ୍ୟବହାର କରାଯାଇଥାଏ, ଯାହା ବ୍ଲଡ ସୁଗାର ଲେବଲକୁ ବଢ଼ାଇଥାଏ । ଏହା ମଧ ଇନସୁଲିନର କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରିଥାଏ । ଏହା ବ୍ୟତୀତ କେକେ୍ ଓ ପେଷ୍ଟ୍ରି ହୃଦରୋଗର କାରଣ ମଧ ହୋଇଥାଏ । ସରଳ, କୋମଳମତି ପିଲାମାନେ ଉପରୋକ୍ତ ଖାଦ୍ୟଗୁଡ଼ିକ ଖାଇବାକୁ ଜିଦ୍ କରିଥାନ୍ତି । କାରଣ ସେମାନେ ଏସବୁର ଭଲ ମନ୍ଦ କିଛି ବୁଝନ୍ତି ନାହିଁ । ନ ବୁଝିବା ମଧ ସ୍ୱାଭାବିକ କାରଣ ବୁଝିବା ଭଳି ବୟସ ସେମାନଙ୍କର ହୋଇନଥାଏ । ତେଣୁ ପିଲାଙ୍କ ଖାଦ୍ୟ, ପାନୀୟ ପ୍ରତି ସାବଧାନତା ଅବଲମ୍ବନ କରିବା ବାପା, ମା'ଙ୍କର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ । ପିଲାଙ୍କ ଖାଦ୍ୟ ପାନୀୟ ସମ୍ବନ୍ଧରେ ସବିଶେଷ



ଜାଣିବା ପାଇଁ ସେମାନେ କୌଣସି ଡାଏଟିସିଆନଙ୍କର ପରାମର୍ଶ ମଧ ନେବା ଉଚିତ ।



## ଚକୋଲେଟ୍, କ୍ୟାଣ୍ଡି ଓ କୁକିଜ୍

ମଧୁମେହରେ ପୀଡ଼ିତ ପିଲା, ବଡ଼ ସମସ୍ତଙ୍କୁ ଚିନି ଓ ଚିନିରୁ ତିଆରି ଖାଦ୍ୟ ପଦାର୍ଥ ଖାଇବାକୁ ବାରଣ କରାଯାଇଥାଏ । ଚିନି ଅଧିକ ବ୍ୟବହାର ହୋଇଥିବା ଚିଜ ଯେମିତିକି ଚକୋଲେଟ୍, କ୍ୟାଣ୍ଡି ଓ କୁକିଜରେ ପୋଷକତତ୍ତ୍ୱ ନଥାଏ । ଏସବୁ ଜିନିଷରେ କାର୍ବୋହାଇଡ୍ରେଟର ମାତ୍ରା ମଧ କମ ଥାଏ । ଫଳରେ ଏହା ରକ୍ତ ଶର୍କରା ବଢ଼ାଇଥାଏ । ଏହା ବ୍ୟତୀତ ଚିନି ଖାଇବା ଦ୍ୱାରା ମୋଟାପଣ ବଢ଼ିଥାଏ, ଯାହା ଡାଇବିଟିଜ ପାଇଁ ବିପଜ୍ଜକ ସାବ୍ୟସ୍ତ ହୋଇଥାଏ ।




## ମୃଦୁପାନୀୟ

ପିଲାମାନେ ବଜାରରେ ମିଳୁଥିବା ବିଭିନ୍ନ ସଫ୍ଟଡ୍ରିଙ୍କ ବା ମୃଦୁପାନୀୟ ପିଇବାକୁ ପସନ୍ଦ କରିଥାନ୍ତି । ବାପା, ମା' ଅଭିଭାବକମାନେ ଯେତେ ମନା କଲେ ହେଁ ପିଲାଏ ବେଧଡ଼କ ମୃଦୁପାନୀୟ ପିଇବାରେ ଲାଗିଥାନ୍ତି । ଏହି ସବୁ ମୃଦୁପାନୀୟରେ ସୁଗାରର ମାତ୍ରା ବହୁତ ଅଧିକ ଥାଏ, ଏହି କାରଣରୁ ଏସବୁ ପିଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ବଢ଼ିଯାଏ । ଏଭଳି ସଫ୍ଟଡ୍ରିଙ୍କରେ କ୍ୟାଲୋରିର ମାତ୍ରା ମଧ ବହୁତ ଅଧିକ ଥାଏ, ଯାହା ଡାଇବିଟିଜ୍ ହେବାରେ ଅଧିକ ସହାୟତା କରିଥାଏ ।

# ଖରାରୁ ମୁକ୍ତି



ଗୋଟେ କାକୁଡ଼ିକୁ ଭଲ କରି ଘୋରି ଦିଅନ୍ତୁ, ସେଥିରେ ଅଳ୍ପ ଗୋଲାପ ଜଳ ମିଶାଇ ଫ୍ରିଜର ଆଇସ୍ ଟ୍ରେରେ ରଖି ଦିଅନ୍ତୁ । ଏହା ବରଫରେ ପରିଣତ ହେଲା ପରେ ଏହାକୁ ମୁହଁରେ ଘଷନ୍ତୁ, ଏହାଦ୍ୱାରା ସନବର୍ଣ୍ଣ ହେବ ନାହିଁ, ସତେଜ ମଧ ଲାଗିବ ।

ତରଭୁଜ ରସ ବାହାରକରି ଆଇସ୍ ଟ୍ରେରେ ରଖନ୍ତୁ । ବାହାରୁ ଆସିବା ପରେ ଏହି ଆଇସକୁ ମୁହଁରେ ଘସନ୍ତୁ, ସତେଜ ଲାଗିବ ।

ଛଟେ ଖଣ୍ଡେ ହଳଦୀ, ୫ଟି ଚିନାବାଦାମକୁ ମିଶାଇ ପେଷ୍ଟ ପ୍ରସ୍ତୁତ କରି ମୁହଁରେ ଲଗାନ୍ତୁ । ଶୁଖିଗଲା ପରେ ଧୋଇ ଦିଅନ୍ତୁ । ଏହାଦ୍ୱାରା ତ୍ୱଚା ଚିକ୍କଣ ହୋଇଥାଏ ।



କମଳା ଚୋପାକୁ ଶୁଖାଇ ଗୁଣ୍ଡ କରି ଦିଅନ୍ତୁ, ଗୋଟେ ଚାମଚ କମଳା ଚୋପାରେ ହଳଦୀ, ମହୁ ଓ ଗୋଲାପ ଜଳ ମିଶଶଇ ଲଗାନ୍ତୁ । ୧୫ ମିନିଟ୍ ପରେ ମୁହଁ ଧୋଇ ଦିଅନ୍ତୁ । ଏଥିରେ ତ୍ୱଚା ଚିକ୍କଣ ହୁଏ ।

ସନବର୍ଣ୍ଣ ହୋଇଥିଲେ ଫାଳେ ଟମାଟୋ ଉପରେ ହଳଦୀ ମିଶାଇ ଲଗାନ୍ତୁ । ହଳଦୀ ଛାଡ଼ାଇବାକୁ ଚାହୁଁଥିଲେ ଆଉ ଫାଳେ ଟମାଟୋରେ ଚିନି ଲଗାଇ ୧୫ ମିନିଟ ଘଷି ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ଦେଖିବେ ହଳଦୀ ଛାଡ଼ିଯିବ ।



ମସୁର ଗୁଣ୍ଡରେ ହଳଦୀ, ମହୁ ମିଶାଇ ପେଷ୍ଟ ପ୍ରସ୍ତୁତ କରି ମୁହଁରେ ଲଗାନ୍ତୁ । ଏହି ପେଷ୍ଟ ଶୁଖି ଗଲାପରେ ଧୀରେଧୀରେ ମୁହଁ ସଫା କରି ଦିଅନ୍ତୁ । ମୁହଁରୁ କଳାଦାଗ ଛାଡ଼ିଯିବ ।

ବାହାରୁ ଆସିବା ପରେ ମୁହଁକୁ ପ୍ରଥମେ ଓ୍ୱାଇସ୍ପରେ ପୋଛନ୍ତୁ, ଦେଖିବେ ଫ୍ରେସ୍ ଲାଗିବ ।

## ୨୦ ଫୁଟ୍ ବଢ଼ିଲା ଇଫେଲ୍ ଟାୱାର

ନିକଟରେ ପ୍ୟାରିସ୍‌ର ପ୍ରସିଦ୍ଧ ଇଫେଲ୍ ଟାୱାରର ଉଚ୍ଚତା ୨୦ ଫୁଟ୍ ବୃଦ୍ଧି ପାଇଛି । ହେଲିକପ୍ଟର୍ ଯୋଗେ ଇଫେଲ୍ ଟାୱାର ଶୀର୍ଷରେ ଏକ ନୂତନ ରେଡିଓ ଆଣ୍ଟେନା ଖଞ୍ଜାଯିବା ପରେ ପ୍ୟାରିସ୍‌ର ଏହି ଉଚ୍ଚତମ ନିର୍ମାଣର ଉଚ୍ଚତା ୧,୦୬୩ ଫୁଟ୍‌ରୁ ୧,୦୮୩ ଫୁଟ୍‌କୁ ବୃଦ୍ଧି ପାଇଛି । ୧୮୮୯ରେ ନିର୍ମିତ ଏହି ଐତିହାସିକ ଟାୱରକୁ ଲୋକେ ଆଦରରେ 'ଆଇରନ୍ ଲେଡି' କହିଥାନ୍ତି । ଏହା ସେ ସମୟରେ ବିଶ୍ୱର ଉଚ୍ଚତମ ମଣିଷ ତିଆରି ଢାଞ୍ଚାର ମାନ୍ୟତା ହାସଲ କରିଥିଲା । ନିର୍ମାଣ ପର ଠାରୁ ଏହାକୁ ଅନେକ ବୈଜ୍ଞାନିକ ପ୍ରୟୋଗରେ ବ୍ୟବହାର କରାଯାଇଆସୁଛି । ଅତୀତରେ ଏହାକୁ ପାଣିପାଗ ଅନୁଧାନ, ଜ୍ୟୋତିର୍ବିଜ୍ଞାନ ଗବେଷଣା ଲାଗି ବ୍ୟବହାର କରାଯାଉଥିଲା । ଫ୍ରେଞ୍ଚ୍ ସେନାବାହିନୀ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ରେଡିଓ ଟ୍ୱାର୍ ଭାବେ ବ୍ୟବହାର କରୁଥିଲା । ୧୯୧୦ ଦଶନ୍ଧିରେ ଯୁକ୍ତରାଷ୍ଟ୍ର ଆମେରିକା ପର୍ଯ୍ୟନ୍ତ ଟେଲିଗ୍ରାମ୍ ପ୍ରେରଣ ପାଇଁ ଏହାକୁ ବ୍ୟବହାର କରାଯାଉଥିଲା । ସେହିପରି ପ୍ରଥମ ବିଶ୍ୱ ଯୁଦ୍ଧ ବେଳେ ଜର୍ମାନୀର ରଣକୌଶଳ ସନ୍ଦେଶ ଶୁଣିବାରେ ଇଫେଲ୍ ଟ୍ୱର୍ ବିଶେଷ ସହାୟକ ହୋଇଥିଲା । ତେବେ ଗତ ଏକ ଶତାବ୍ଦୀ ହେଲା ଏହାକୁ ସଞ୍ଚାର ଟ୍ୱର୍ ଭାବେ ବ୍ୟବହାର କରାଯାଉଛି । ସମୟକ୍ରମେ ଗୋଟିଏ ଆଣ୍ଟେନା ଖରାପ ହେବା ପରେ ସେହି ସ୍ଥାନରେ ନୂଆ ଆଣ୍ଟେନା ଲଗାଯାଇଥାଏ । ଏହା ଅନୁଯାୟୀ ଆଇଫେଲ୍ ଟାୱାର ଉଚ୍ଚତା କମ୍-ବେଶୀ ହୋଇଥାଏ ।

# ଯାତ୍ରୀଙ୍କୁ ଭିନ୍ନ ଉପହାର

ନବଜାତ ଶିଶୁଙ୍କୁ ସାଙ୍ଗରେ ନେଇ ଯାତ୍ରା କରିବା କିଛି ସହଜ କଥା ନୁହେଁ । ପ୍ଲେନରେ ଘଣ୍ଟାଘଣ୍ଟା ଧରି ଶିଶୁମାନଙ୍କୁ କୋଳରେ ବସେଇ ଯାତ୍ରା କରିବା କାଠିକର ପାଠ । ବିଶେଷ କରି ପ୍ଲେନ୍ ଟେକଅପ୍ କରିବା ସମୟରେ ତାର ଶବ୍ଦରେ ଶିଶୁମାନେ ବିଚଳିତ ହୋଇଥାନ୍ତି ଏବଂ କାନ୍ଦିବାକୁ ଲାଗନ୍ତି, ଯାହାଫଳରେ ଅନ୍ୟାନ୍ୟ ଯାତ୍ରୀମାନେ ବିରକ୍ତ ହୋଇଥାନ୍ତି । ତେବେ ଏପରି ଅସୁବିଧାରୁ ଯାତ୍ରୀମାନଙ୍କୁ ନ ଦେବା ପାଇଁ ଏକ ଭିନ୍ନ ଉପାୟକୁ ଆପଣାଇଛନ୍ତି ଦକ୍ଷୀଣ କୋରିଆରୁ ସାନ ଫ୍ରାନ୍ସିକୋ ଯାତ୍ରା କରୁଥିବା ମହିଳା । ଉକ୍ତ ମହିଳା ଜଣକ ସାଥିରେ ନିଜର ୪ମାସର ଶିଶୁକୁ ନେଇ ଆମେରିକାରେ ରହୁଥିବା ଭଉଣୀଙ୍କ ଘରକୁ ଯାଉଥିଲେ । ଏପରି କ୍ଷେତ୍ରରେ ମହିଳା ଜଣଙ୍କର ଭୟ ଥିଲା ତାଙ୍କ ୪ମାସର ଶିଶୁ ଯେପରି ଯାତ୍ରା କରୁଥିବା ୨୦୦ ଜଣ ଯାତ୍ରୀଙ୍କ ସେଟରେ ଗୋଟେ ଲେଖାଏଁ ପ୍ୟାକେଟ ରଖି ଦେଇଥିଲେ । ସେହି ପ୍ୟାକେଟରେ ଥିଲା ଗୋଟିଏ ଇୟରପ୍ଲଗ ସାଙ୍ଗକୁ ଗୋଟିଏ ଚିଠି । ଚିଠିଟିରେ ଲେଖାଥିଲା 'ନମସ୍କାର, ମୁଁ ଜୁବନୁ ୪ମାସର ଶିଶୁ । ଆଜି ମୁଁ ମୋ ମା' ଏବଂ ଆଇଙ୍କ ସହ ମାଉସୀଙ୍କ ଘରକୁ ଯାତ୍ରା କରୁଛି । ଏହା ମୋର ପ୍ରଥମ ଯାତ୍ରା । ତେଣୁ ମୁଁ ଟିକେ ଡରୁଛି ଆଉ ଆଗକୁ କାନ୍ଦିବି ମଧ । ମୋ କାନ୍ଦଶୁଣି ଆପଣମାନେ



ଯେପରି ବିରକ୍ତ ହେଲେ କାନରେ ଇୟରପ୍ଲଗକୁ ଲଗାଇ ପାରିବେ । ଚିଠି ପଢ଼ିବା ମାତ୍ରକେ ହିଁ ଯାତ୍ରୀମାନଙ୍କ ମୁହଁରେ ହସ ଖେଳିଗଲା । ଯାତ୍ରା ସମୟରେ ଏହି ଭିନ୍ନ ଦୃଶ୍ୟକୁ ନିଜ କ୍ୟାମେରାରେ ଉତ୍ତୋଳନ କରିଥିଲେ କୋରାନ । କୋରାନା ଫେସବୁକ୍ ପେଜରେ ପେଲନରେ ଘଟିଥିବା ଦୃଶ୍ୟ ସହିତ ଚିଠିର ଫଟୋକୁ ଅପଲୋଡ କରିଥିଲେ । ଏବେ ଏହି ଫଟୋଗୁଡ଼ିକ ସୋସିଆଲ ମିଡ଼ିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି ।

# ରୋଗରୁ ରକ୍ଷା କରୁଛି ଗୁମ୍ଫା

ସ୍ୱାସ୍ଥ୍ୟ ଖରାପ ହେଲେ ଡାକ୍ତରଖାନା ଯିବାକୁ ପଡ଼େ । କିନ୍ତୁ ଅଷ୍ଟ୍ରିଆର କିଛି ଲୋକ ରୋଗ ହେଲେ ଏକ ଗୁମ୍ଫାକୁ ଚାଲିଯାନ୍ତି ଶୋଇବାକୁ । ସେମାନଙ୍କ ବି୍ୱାସ ଗୁମ୍ଫାରେ ଶୋଇବା ପରେ ଶରୀରର ବିଭିନ୍ନ ରୋଗରୁ ଆରୋଗ୍ୟ ମିଳିଥାଏ । ଆଶ୍ଚର୍ଯ୍ୟ ଲାଗୁଥିଲେ ବି କଥାଟା ସତ । ପ୍ରକୃତରେ ଅଷ୍ଟ୍ରିଆର ଗାଷ୍ଟିନରେ ରହିଛି ଏହି



ଗୁମ୍ଫା । କୁହାଯାଏ, ପ୍ରଥମେ ଗୁମ୍ଫାକୁ ଲୋକେ ସୁନା ସନ୍ଧାନରେ ଆସିଥିଲେ । କିନ୍ତୁ ପରେ ଜାଣିଲେ ଗୁମ୍ଫାରୁ ନିର୍ଗତ ଗ୍ୟାସ୍ ଦ୍ୱାରା ଅନେକ ବଡ଼ ବଡ଼ ରୋଗ ଠିକ୍ ହୋଇପାରୁଛି । ଗ୍ୟାସରେ ରେଡ଼ିଓଆକ୍ଟିଭ୍ତ ଗ୍ୟାସ୍ ଥାଏ, ଯାହା ଗୁମ୍ଫାର ଉଷ୍ମ ବାତାବରଣରେ ଅନେକ ରୋଗ ଉପରେ ଗଭୀର ପ୍ରଭାବ ପକାଇଥାଏ । ଏହାଦ୍ୱାରା ଦୂରାରୋଗ୍ୟ ରୋଗର ଚିକିତ୍ସା ପାଇଁ ଟଙ୍କାଟିଏ ବି ଖର୍ଚ୍ଚ କରିବାକୁ ପଡ଼େନାହିଁ; କିନ୍ତୁ ରୋଗ ଭଲ ହୋଇଯାଏ । ବର୍ତ୍ତମାନ ସୁଦ୍ଧା ହଜାର ହଜାର ଲୋକ ନିଜର ରୋଗ ଗୁମ୍ଫାରେ ଶୋଇ ଭଲ କରିସାରିଛନ୍ତି । ଆର୍ଥରାଇଟିସ୍ ଭଳି ଗଣ୍ଠିରୋଗ ଏବଂ ଅଷ୍ଟିଓପୋରୋସିସ୍ କିମ୍ବା ତ୍ୱଚା ସମ୍ବନ୍ଧୀୟ ରୋଗରୁ ବେଶ ସହଜରେ ଗୁମ୍ଫାରରୁ ଉପଶମ ମିଳିଥାଏ । କେବଳ ଆଷ୍ଟିଆବାସୀ ନୁହଁନ୍ତି ୟୁରୋପ ଭଳି ଆହୁରି ଅନେକ ଦେଶର ଲୋକ ବି ଏହି ଗୁମ୍ଫାରକୁ ନିଜର ରୋଗ ଭଲ କରିବାକୁ ଆସୁଛନ୍ତି । ଗୁମ୍ଫା ପର୍ଯ୍ୟନ୍ତ ଲୋକଙ୍କୁ ପହଞ୍ଚାଇବାକୁ ଏକ ଟ୍ରେନ ଚଳାଚଳ କରିଥାଏ । ଏହାସହ ଗୁମ୍ଫା ଭିତରେ ଅନବରତ ଡାକ୍ତରମାନେ ପ୍ରାକୃତିକ ଉପାୟରେ ସେମାନଙ୍କ ଚିକିତ୍ସା କରିବାକୁ ପ୍ରସ୍ତୁତ ହୋଇରହିଥାନ୍ତି ।

# ଶୁଭଙ୍କର କଳା ବିରାଡ଼ି !

ଘରୁ ବାହାରକୁ ଗୋଡ଼ କାଢ଼ିଲା ବେଳେ କଳା ବିରାଡ଼ି ସହ ଭେଟ ହେଲେ ଦିନଟି ଭଣ୍ଡୁର ହୋଇଯାଏ ବୋଲି କିଛି ଲୋକଙ୍କର ଏକ ଅନ୍ଧବିଶ୍ୱାସ ରହିଛି । ତେବେ ଗ୍ରେଟ୍ ବ୍ରିଟେନ୍ ଓ ଜାପାନ ପରି ଦେଶରେ କଳା ବିରାଡ଼ିକୁ ଏକ ଶୁଭଦାୟକ ଗୃହପାଳିତ ପଶୁର ମାନ୍ୟତା ମିଳିଛି । ବିଶେଷ କରି ଗ୍ରେଟ୍ ବ୍ରିଟେନ୍‌ରେ ବିବାହ ବେଳେ ନବଦମ୍ପତିଙ୍କୁ ଆଶୀର୍ବାଦ କରିବା ପାଇଁ କଳା ବିରାଡ଼ିର ଉପସ୍ଥିତି ଏକ ମହାର୍ଘ ଘଟଣା ପାଲଟିଥାଏ ବୋଲି ଦେଶବାସୀଙ୍କର ଏକ ଅନ୍ଧବିଶ୍ୱାସ ରହି ଆସିଛି । ଏପରିକି ନବ ବିବାହିତମାନେ ପାଖରେ କଳା ବିରାଡ଼ି ରଖିଲେ ସେମାନଙ୍କ ଦାମ୍ପତ୍ୟ ଜୀବନ ଦୀର୍ଘସ୍ଥାୟୀ ଓ ସୁଖକର ହେବ ବୋଲି ବିଶ୍ୱାସ ରହିଛି । ଏଥି ସହିତ ବିରାଡ଼ିର ସେହି କଳା ରଙ୍ଗ କୁଆଡ଼େ ବ୍ରିଟେନ୍‌ବାସୀଙ୍କ ପାଇଁ ଶୁଭ ରଙ୍ଗ ବୋଲି ବିଚାର କରାଯାଏ । ସେହିପରି ଜାପାନରେ ଏକାକୀ ଜୀବନ ବିତାଉଥିବା ମହିଳାମାନଙ୍କ ପାଇଁ କଳା ବିରାଡ଼ି ଅତ୍ୟନ୍ତ ମଙ୍ଗଳକାରୀ ବୋଲି ପ୍ରବାଦ ରହି ଆସିଛି । ଏଥି ସହିତ ଜାପାନୀ ପରମ୍ପରାରେ ବିରାଡ଼ିର ପଞ୍ଝା ଉଚ୍ଚାଳିଆ ହୋଇଥିଲେ, ଗୃହମାଲିକଙ୍କ ପାଇଁ ତାହା ସୁଖ ସମୃଦ୍ଧି ଆଣିବା ସହ ଦୁଷ୍ଟ ଆତ୍ମା ଓ ରାକ୍ଷସମାନଙ୍କୁ ଘଉଡ଼ାଇ ଦେଇଥାଏ । ଫେଙ୍ଗ-ସୁଇ ସମର୍ଥକମାନଙ୍କର ଧାରଣା, ବିରାଡ଼ିକୁ ଯେତେ ଖୁସି ଓ ନିରାପଦରେ ରଖାଯାଇପାରିବ, ନିଜେ ସେତେ ସୁଖ ଓ ନିରାପତ୍ତା ପାଇପାରିବ । ସେହିପରି ଫରାସୀ କୃଷକଙ୍କର ଏକ ଧାରଣା, ଏକ ପଞ୍ଚମୁଖୀ ଛକରେ ବିରାଡ଼ିକୁ ଛାଡ଼ିଦେଲେ, ସିଏ ଯେଉଁ ଆଡ଼କୁ ଗତି କରିବ ତାହା ଧନ ସମ୍ପଦର ଗନ୍ତାଘରକୁ ବାଟ କଢ଼ାଇନେବ । ବଡ଼ ଅଜବ ଓ ବିଚିତ୍ର ଲୋକଙ୍କର ଏପରି ଅନ୍ଧବିଶ୍ୱାସ !



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କୋଟିଆର ଭବିଷ୍ୟତ ....

ଆନ୍ଧ୍ରପ୍ରଦେଶର ଦାଦାଗିରି ଜାରି ରହିଛି । ତଳ କୋର୍ଟ ଯେଉଁ ମାମଲା ଖାରଜ କରିଦେଉଛି, ତାହାକୁ ଉପର କୋର୍ଟରେ ପିଟିସନ୍ କରି ଯେଉଁ ଆବେଦନ କରିଥିଲା, ସେଥିରୁ ଗୋଟିଏ ଖାରଜ ହୋଇଯାଇଛି । ଫଳରେ ଆନ୍ଧ୍ର ସରକାର ପଞ୍ଚାୟତ ନିର୍ବାଚନ ତଥା ପରବର୍ତ୍ତୀ ପ୍ରକ୍ରିୟା ନେଇ ଆରମ୍ଭ କରିଥିବା ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଛି । ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଅଂଶସ୍ୱରୂପ କୋଟିଆ ଅଞ୍ଚଳରୁ ନିର୍ବାଚିତ ସମିତି ପ୍ରତିନିଧି କୁନେଟି କୁସମ୍ମାଙ୍କ ଦ୍ୱାରା ଆଗତ ରିଟ୍ ପିଟିସନ୍ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଖାରଜ ହୋଇଯାଇଛି । ଏହାଦ୍ୱାରା ଆନ୍ଧ୍ର ସରକାରଙ୍କୁ ବଡ଼ଧରଣର ଧକ୍କା ଲାଗିଛି । ଫଳରେ କୋଟିଆ ମାମଲାରେ ଓଡ଼ିଶା ସରକାରଙ୍କ ଦ୍ୱାରା ଆଗତ ଓରିଜିନାଲ ସୁଟର ବିଚାରଣା ସୁପ୍ରିମ କୋର୍ଟରେ ହେବା ସ୍ପଷ୍ଟ ହୋଇଯାଇଛି । ଓଡ଼ିଶା ତରଫରୁ ଅନୁଷ୍ଠିତ ପଞ୍ଚାୟତ ନିର୍ବାଚନ ଉପରେ ଆନ୍ଧ୍ର ସରକାର ରହିତାଦେଶ ଜାରି କରିବା ଚାହିଁଥିଲେ। କୋଟିଆ ଗ୍ରାମପୁଞ୍ଜକୁ ଆନ୍ଧ୍ରପ୍ରଦେଶର ଅଂଶବିଶେଷ ରୂପେ ଘୋଷଣା କରାଯିବା ଉପରେ ଗୁରୁତ୍ୱ ଦେଇଥିଲା । ମାତ୍ର ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ଼ ଓ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମାମଲାର ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ଓକିଲ ଶିବଶଙ୍କର ମିଶ୍ର ଦର୍ଶାଇଥିଲେ ଯେ, ବିବାଦୀୟ କୋଟିଆ ଅଞ୍ଚଳରେ ଇତିମଧ୍ୟରେ ଭୋଟ୍ ଅନୁଷ୍ଠିତ ହୋଇଯାଇଛି । ସୁତରାଂ, ୨୦୨୧ରେ ଆନ୍ଧ୍ର ସରକାର ଦ୍ୱାରା ଜବରଦସ୍ତ କରାଯାଇଥିବା ଭୋଟ୍ର ପ୍ରାସଙ୍ଗିକତା ନାହିଁ । ରାଜ୍ୟ ସରକାରଙ୍କ ନଇ ଚାଲି ପକ୍ଷରୁ ଅଦାଲତ ଅବମାନନା ଏବଂ ଓରିଜିନାଲ୍ ସୁଟ୍ ମାମଲା ଦାଖଲ ହୋଇଛି । ଏହା ନ୍ୟାୟାଳୟଙ୍କ ବିଚାରାଧୀନ ରହିଛି । କୋଟିଆ ଗ୍ରାମପୁଞ୍ଜ ନେଇ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ନାକ ଗଳାଇବା ଏହା ପ୍ରଥମ ଘଟଣା ନୁହେଁ । ୨୦୨୧ରେ ଯେଉଁ ନିର୍ବାଚନ ହୋଇଥିଲା, ତାହା କିଭଳି ବିବାଦୀୟ ତାହା ସମସ୍ତଙ୍କୁ ଜଣା । ଗୋଟିକ ପରେ ଆଉ ଗୋଟିଏ ମାମଲା ଲଗାଇ ରାଜ୍ୟ ଉପରେ ବୋଝ ଲଦିଲା ଭଳି କାର୍ଯ୍ୟ ଚଳାଉଛି ଆନ୍ଧ୍ରପ୍ରଦେଶ । ଜନଗଣନାଠାରୁ ଆରମ୍ଭ କରି ରାସନ ସାମଗ୍ରୀ ଓ ଭତ୍ତା ଦେଇ କୋଟିଆବାସୀଙ୍କୁ ପ୍ରଲୋଭନ ଦେଖାଇ ଚାଲିଛି ଆନ୍ଧ୍ର ସରକାର । ବିପରୀତ ପକ୍ଷରେ ଆମ ସରକାର ଯେତିକି ତତ୍ପରତା ଦେଖାଇବା କଥା, ତାହା କରୁନଥିବାରୁ ତାହାର ଫାଇଦା ନେଉଛି ଆନ୍ଧ୍ର । ମାମଲା ନେଇ ଆନ୍ଧ୍ର ସରକାର ଏହାପରେ ଅଧିକ କିଛି କରିବାର ସୁଯୋଗ ନଥିବା ଦୃଷ୍ଟିରୁ ରାଜ୍ୟ ସପକ୍ଷରେ ନବନିର୍ବାଚିତ ସରପଞ୍ଚ କୁସମ୍ମାଙ୍କ ଆବେଦନର ବୈଧତାକୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଖଣ୍ଡପୀଠ ସ୍ୱୀକାର କରିଛନ୍ତି । ଏହାଦ୍ୱାରା କୋଟିଆ ଗ୍ରାମପୁଞ୍ଜ ନେଇ ଯଥାବି ବିଚାରଣା ଚାଲିବ। ନିୟମିତ ବ୍ୟବଧାନରେ ଆନ୍ଧ୍ର ପକ୍ଷରୁ ଆମ କୋଟିଆ ଇଲାକାରେ ମାଗଣା ତେଲଗୁ ପଢ଼ା ବହି ବାଣ୍ଟିବା, ଛୋଟ ପିଲାମାନଙ୍କୁ ଖେଳ ଉପକରଣ, ଖାତା, ପେନ୍ସିଲ ଏବଂ ପୋଷାକ ପରିଚ୍ଛେଦ ଦେଇ ଲୋକମାନଙ୍କର ନିରୀହତାର ଭରପୂର ଫାଇଦା ମାରୁଛି ଆନ୍ଧ୍ର । ପୋଲାଭରମ ହେଉ କିମ୍ବା ପ୍ରବାସୀ ଓଡ଼ିଆଙ୍କ କଥା ହେଉ, ଛୋଟ ଛୋଟ କଥା ନେଇ ତଳିଆ କର୍ମଚାରୀଙ୍କ ସାହାଯ୍ୟ ନେଇ ଯାବତୀୟ ଅସୁବିଧାରେ ପକାଯାଉଛି । କେନ୍ଦ୍ର ସରକାର ଏହା ମଧ୍ୟରେ ପୋଲାଭରମ ପ୍ରକଳ୍ପକୁ ଗ୍ରୀନ୍ ପ୍ରୋଜେକ୍ଟ ରୂପେ ଗ୍ରହଣ କରିଥିବାରୁ ଆନ୍ଧ୍ରରେ ଏହାର କାର୍ଯ୍ୟକାରିତା ଅଧିକ ତ୍ୱରାନ୍ୱିତ ହୋଇଛି । କେନ୍ଦ୍ର ପକ୍ଷରୁ ଅଧିକରୁ ଅଧିକ ଅର୍ଥ ମଂଜୁର କରାଯାଉଛି ଏବଂ ଓଡ଼ିଶା ପକ୍ଷରୁ ତାହାର ବିରୋଧ ତ' ଦୂରର କଥା, ଓଲଟି ଚୁପ ବସିବାର ଦେଖାଯାଉଛି । ଏହା ମଧ୍ୟରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୱାଇ. ଏସ. ଜଗମୋହନ ରେଡ୍ଡି ଆମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବା ପାଇଁ ଆସିଥିଲେ । ବିଭିନ୍ନ ପ୍ରସଙ୍ଗ ଭିତରେ ବାସଚ୍ୟୁତଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ଓ କୋଟିଆ ପ୍ରସଙ୍ଗ ପଡ଼ିଥିଲା । ମାତ୍ର ସେହି ପ୍ରସଙ୍ଗ ନେଇ ସେଭଳି କିଛି ସମାଧାନର ପନ୍ଥା ବାହାରି ପାରିନଥିଲା। ଯଦି ରାଜ୍ୟର ବୃହତ୍ ସାର୍ଥକୁ ପ୍ରାଥମିକତା ଦେଇ କାର୍ଯ୍ୟ ଯିବା ଉଚିତ ଯଦ୍ୱାରା ଆନ୍ଧ୍ର ସରକାର ନିଜ ସ୍ୱାର୍ଥକୁ କେବେ ବି ଏଭଳି ଅବାଂଛିତ କାର୍ଯ୍ୟ କରିବାକୁ ସାହସ କରିବେନାହିଁ । ତାହା କୋଟିଆ ଗ୍ରାମପୁଞ୍ଜ ହେଉ କି ପୋଲାଭରମ୍ ପ୍ରକଳ୍ପ ଆମର ରାଜ୍ୟ ସ୍ୱାର୍ଥର ପରିପନ୍ଥୀ ପଦକ୍ଷେପ ନେବାକୁ ଥରେ ନୁହେଁ, ଶହେବାର ଚିନ୍ତା କରିବାକୁ ଆନ୍ଧ୍ରକୁ ପଡ଼ିବ । ମାଲକାନଗିରିର ବିସ୍ତୀର୍ଣ୍ଣ ଇଲାକା ଜଳାର୍ଣ୍ଣବ ହେବା ସହିତ ପଡ଼ୋଶୀ ତେଲେଙ୍ଗାନାକୁ ଅସନ୍ତୁଷ୍ଟ କରିବା ଭଳି କାର୍ଯ୍ୟରେ କେହି ସନ୍ତୁଷ୍ଟ ହୋଇପାରିବ ବୋଲି ଆନ୍ଧ୍ର ସରକାର ଯଦି ବିଚାରୁଥିବେ, ତାହା ସେ ରାଜ୍ୟ ସରକାରଙ୍କର ବିରାଟ ଭୁଲ୍ ହେବ ।

## ସଂସାରରେ ଜୀବ ଚେତନାର ସଂଚାର ହେଉଛନ୍ତି ଶିବ



ଅମୂଲ୍ୟ କୁମାର ପଣ୍ଡା

ଶିବ ଏକମାତ୍ର ଭଗବାନ ଯିଏ ଏ ସଂସାରକୁ ପରିଚାଳନା କରୁଛନ୍ତି। ଶିବଙ୍କ ମାଧମରୁ ଜ୍ଞାନ ବୈରାଗ ଭଳି ମୂଳ ଦିବ୍ୟ ସାଧନା ସମ୍ବନ୍ଧୀୟ ତଥ୍ୟ ମିଳିଥାଏ। ଭଗବାନ ଶିବଙ୍କୁ ମହାଦେବ ବୋଲି କୁହାଯାଏ। ସେ ଅନାଦି ପରମେଶ୍ୱର। ଭଗବାନ ଶିବ ହିଁ ସୃଷ୍ଟିର ଉତ୍ପତ୍ତି ଓ ଜଗତର ବିସ୍ତାର, ବିକାଶ ଓ ବ୍ରହ୍ମସ୍ୱରୂପ ସ୍ଥାପିତ କରିଛନ୍ତି। ଶିବଙ୍କୁ ସଂସାରରେ ଜୀବ ଚେତନାର ସଞ୍ଚାର କୁହାଯାଇଛି। ଭଗବାନ ଶିବ ଓ ଶକ୍ତି ସ୍ୱରୂପା ମା' ପାର୍ବତୀ ଏହି ଜଗତ ଓ ବ୍ରହ୍ମାଣ୍ଡରେ ବିଶେଷ ଭୂମିକା ନିର୍ବାହ କରୁଛନ୍ତି। ଶିବ ମହାପୁରାଣ ଅନୁସାରେ ଭଗବାନ ଶିବ ସ୍ୱୟଂ ବ୍ରହ୍ମାଙ୍କୁ ବେଦ ଜ୍ଞାନ ଦେଇଥିଲେ। ଦେବ ଦେବ ମହାଦେବ ସର୍ବଦା ଧ୍ୟାନରେ ଥାଆନ୍ତି କିନ୍ତୁ ତାଙ୍କର ପୂଜା ଉଭୟ ଶିବଲିଙ୍ଗ ଏବଂ ମୂର୍ତ୍ତିକୁ କରାଯାଇଥାଏ। ମହାଦେବଙ୍କ ଗଳାରେ ସର୍ବଦା ନାଗ ଦେବତା ବିଦ୍ୟମାନ ରୁହନ୍ତି ଏବଂ ହାତରେ ଡମ୍ବରୁ ଏବଂ ତ୍ରିଶୂଳ ଶୋଭା ପାଇଥାଏ। ମହାଦେବ ପରଂବ୍ରହ୍ମ ଅଟନ୍ତି। ପ୍ରାଚୀନ ବିଦ୍ୱାନ ମାନେ ମହାଦେବଙ୍କୁ ହିଁ ଭଗବାନ ବୋଲି ମାନିଥାନ୍ତି । କୈଳାସ ପର୍ବତରେ ସ୍ୱଇଚ୍ଛାରେ ବାସ କରୁଥିବା ମହାଦେବ ଦେବୀ ଶକ୍ତିଙ୍କୁ ସୃଷ୍ଟି କରିଥିଲେ। ଦେବୀ ଶକ୍ତିଙ୍କ ଜନ୍ମ ମହାଦେବଙ୍କ ଅଂଶରୁ ହିଁ ହୋଇଛି। ମହାଦେବ ନିଜ ଅଂଶରୁ ଦେବୀ ଶକ୍ତି ଅର୍ଥାତ ମାତା ପାର୍ବତୀଙ୍କ ସୃଷ୍ଟି କରିଥିଲେ। ମାତା ପାର୍ବତୀଙ୍କୁ ଦେବୀ ଶକ୍ତି ଏବଂ ମହାଦେବଙ୍କୁ ଅର୍ଦ୍ଧ ନାରେଶ୍ୱରର ଆଖ୍ୟା ଦିଆଯାଇଛି। ଏ ଚରାଚର ବିଶ୍ୱ ବ୍ରହ୍ମାଣ୍ଡରେ ତଥା ସୃଷ୍ଟିରେ ତ୍ରିଦେବଙ୍କ ମଧ୍ୟରୁ ଜଣେ ଦେବ ଅଟନ୍ତି ମହାଦେବ। ତାଙ୍କୁ ଦେବଙ୍କ ଦେବ ମହାଦେବ ବୋଲି ଆଖ୍ୟା ଦିଆଯାଇଛି। ଏହା ବ୍ୟତୀତ ମହାଦେବଙ୍କର ଆହୁରି ଅନେକ ନାମ ରହିଛି ଯଥା ନୀଳକଣ୍ଠ, ଭୋଳାନାଥ, ରୁଦ୍ର, ଶଙ୍କର, ମହେଶ ଇତ୍ୟାଦି। ତନ୍ତ୍ର ସାଧନାରେ ଭଗବାନ ଶିବଙ୍କୁ ଭୈରବ ନାଁରେ ବି ଜଣାଯାଏ। ହିନ୍ଦୁ ଧର୍ମର ପ୍ରମୁଖ ଦେବତାଙ୍କ ମଧ୍ୟରେ ଭଗବାନ ଶିବଜୀ ଜଣେ ଅଟନ୍ତି ବେଦରେ ତାଙ୍କୁ ରୁଦ୍ର ନାମରେ ଜଣାଯାଆନ୍ତି। ତନ୍ତ୍ର ସାଧନାରେ ମହାଦେବଙ୍କୁ ଭୈରବ ନାମରେ ସମସ୍ତେ ଜାଣିଛନ୍ତି। ହିନ୍ଦୁ ଧର୍ମରେ ଥିବା ପ୍ରମୁଖ ଦେବତା ଗଣଙ୍କ ମଧ୍ୟରେ ଅନ୍ୟତମ ଅଟନ୍ତି ମହାଦେବ। ବେଦରେ ତାଙ୍କୁ ରୁଦ୍ର ନାମରେ ନାମିତ କରାଯାଇଛି। ମହାଦେବ ମନୁଷ୍ୟର ଚେତନାର ଅନ୍ତର୍ଯ୍ୟାମୀ ଅଟନ୍ତି ଅର୍ଥାତ ସେ ମନୁଷ୍ୟର ମନର କଥାକୁ ସ୍ପଷ୍ଟ ଭାବରେ ପଢ଼ିପାରନ୍ତି। ଅଧାତ୍ମବାଦ ଅନୁସାରେ ଶିବ ତମାମ ଅବସ୍ଥା ଓ ବ୍ୟବସ୍ଥାକୁ ନିଜର ମାତ୍ର ଏକ ଅଂଶ ରୂପେ ଧାରଣ କରିଛନ୍ତି। ଭଗବାନ ଶିବ ମଣିଷର ଚେତନା ଅନ୍ତର୍ଯାମୀ ଅଟନ୍ତି ମାନେ ମଣିଷର ମନର କଥା ସେ ପଢିନିଅନ୍ତି। ତାଙ୍କର ସ୍ତ୍ରୀ ଦେବୀ ଶକ୍ତି ଅଟନ୍ତି ତାଙ୍କର ନାମ ପାର୍ବତୀ ଅଟେ। ଭଗବାନ ଶିବଙ୍କ ଦୁଇଟି ପୁତ୍ର କାର୍ତ୍ତିକ ଓ ଗଣେଷ ଅଟନ୍ତି ଓ ତାଙ୍କର ଏକ ପୁତ୍ରୀ ବି ଅଛନ୍ତି ଯାହାଙ୍କ ନାମ ଅଶୋକ ସୁନ୍ଦରୀ ଅଟେ।

ଭଗବାନ ଶିବ ସମସ୍ତ ଦେବଙ୍କ ଭିତରେ ମହାଦେବ ଏବଂ ବୈଷ୍ଣବମାନଙ୍କ ମଧ୍ୟରେ ପ୍ରଥମ ବୈଷ୍ଣବ ଅଟନ୍ତି। ତ୍ୟାଗ ଓ ବୈରାଗ୍ୟର ପ୍ରତୀକ ଭଗବାନ ଅତି ସହଜରେ ପ୍ରାପ୍ତ ହେଇଯାଆନ୍ତି ତେଣୁ କେବଳ ମାନବ ନୁହଁ ସମସ୍ତ ଦାନବମାନଙ୍କର ମଧ ସେ ଆରାଧ ଦେବତା। ଭଗବାନ ଶିବଙ୍କ ମହିମା ଅପାର ଅଟେ ତାଙ୍କ ବିନା ଇଚ୍ଛାରେ ଏହି ଦୁନିଆଁରେ କୌଣସି ଲୋକ କୌଣସି ସତ୍କର୍ମର ଫଳ ପାଆନ୍ତି ନାହିଁ। ପୃଥିବୀର ଶ୍ରେଷ୍ଠ ଜୀବ ମନୁଷ୍ୟ, ପଶୁ ଏବଂ ଦେବତ୍ୱର ମଝି କଡ଼ି ଅଟେ ପ୍ରୟତ୍ନଶୀଳତା ତା ଜୀବନରେ ପ୍ରକୃତ ସୁଖ, ଶାନ୍ତି, ବୈଭବ ସହିତ ଆତ୍ମିକ ଉନ୍ନତି ଆଣିବାରେ ସାହାଯ୍ୟ କରେ କିନ୍ତୁ ଅସଂଯମତା ଏବଂ ଭୋଗବିଳାସି ଚିନ୍ତାଧାରା ତା ଜୀବନରେ ପାପ, ଶ୍ୟାପ, ରୋଗ, ଦୁଃଖ, ଯନ୍ତ୍ରଣା ସହିତ ନିମ୍ନ ପଶୁ ଯୋନିକୁ ପ୍ରାପ୍ତ କରିବାରେ ସାହାଯ୍ୟ କରେ । ମଣିଷ ନିଜର ଅଜ୍ଞାନତା ଯୋଗୁଁ ଭୁଲ କରିଥାଏ। ପ୍ରତିଟି ଭୁଲ କାର୍ଯ୍ୟ ତାକୁ ଦଣ୍ଡିତ କରେ। ଏହା ସୃଷ୍ଟିର ବିଧାନ ଅନୁସାରେ ଭୁଲ ଜାଣତରେ ହେଉ କି ଅଜାଣତରେ ହେଉ ଭୁଲ ମାନେ ଭୁଲ ! ଦଣ୍ଡ ମିଳିବ ନିଶ୍ଚିତ। ବହୁତ ଲୋକ କଷ୍ଟ ପାଇଲେ ଈଶ୍ୱରଙ୍କୁ ଦାୟୀ କରନ୍ତି ନିଜ କର୍ମଫଳକୁ ନୁହେଁ। ଈଶ୍ୱର କେବେବି କାହାକୁ ଦଣ୍ଡିତ କରିବାର ଇଚ୍ଛା କରିନଥାନ୍ତି କେବଳ ସମସ୍ତଙ୍କ ପ୍ରତି ସମାନ ନ୍ୟାୟ କରିବାକୁ ଯାଇ ସେ ଏକବିଧି ତିଆରି କରିଛନ୍ତି ତାହା ହେଲା 'କର୍ମ ଅନୁସାରେ ଫଳ ପ୍ରାପ୍ତି'।

ଶାସ୍ତ୍ର ଅନୁସାରେ ଭଗବାନ ଶିବଙ୍କ ତେଜରୁ ପୁଞ୍ଜ ଜାଗୃତ ହୋଇଥିଲା ଯେଉଁଠାରୁ ଭଗବାନ ବିଷ୍ଣୁ ଉତ୍ପତ୍ତି ହୋଇଥିଲେ। ବିଷ୍ଣୁଙ୍କ ନାଭି କମଳରେ ବ୍ରହ୍ମାଙ୍କ ଉତ୍ପତ୍ତିର ଉଲ୍ଲେଖ ରହିଛି। ଭଗବାନ ଶିବଙ୍କ ପରମ ତେଜସ୍ୱି ବିନ୍ଦୁ ନିଜ ଗତିରେ ସାରା ବ୍ରହ୍ମାଣ୍ଡର ଜୀବାତ୍ମାକୁ ପ୍ରକାଶିତ କରିଥାଏ। ଏହିସବୁ ଜୀବାତ୍ମା ଶିବଙ୍କ ସେହି ରୂପ ଦର୍ଶନ ଓ ଅନୁଭବ କରନ୍ତି। ଶିବ ହିଁ ସଂସାରରେ ଜନଜୀବନ ଚେତନା ସଞ୍ଚାର କରନ୍ତି। ବ୍ରହ୍ମା ସୃଷ୍ଟିର ଉତ୍ପତ୍ତିକର୍ତ୍ତା। ସେହିଭଳି ଶିବ ପ୍ରଥମ, ବିଷ୍ଣୁ ଦ୍ୱିତୀୟ ଓ ବ୍ରହ୍ମା ତୃତୀୟ ସ୍ଥାନରେ ଅଛନ୍ତି। କିନ୍ତୁ ସାଂସାରିକ ମାନ୍ୟତା ଅନୁସାରେ ବ୍ରହ୍ମାଙ୍କୁ ପ୍ରଥମ, ବିଷ୍ଣୁଙ୍କୁ ଦ୍ୱିତୀୟ ଓ ଶିବଙ୍କୁ ତୃତୀୟ ତଥା ପ୍ରଳୟଙ୍କରୀ ରୂପରେ ସମସ୍ତେ ଜାଣିଛନ୍ତି। ଥରେ ଭଗବାନ ବିଷ୍ଣୁ ଏବଂ ବ୍ରହ୍ମାଙ୍କ ମଧ୍ୟରେ କଳହ ସୃଷ୍ଟି ହୋଇଥିଲା। ପରସ୍ପରଙ୍କୁ ସୃଷ୍ଟି କର୍ତ୍ତାର ଆଖ୍ୟା ଦେଉଥିଲେ। ଭଗବାନ ବ୍ରହ୍ମା ବିଷ୍ଣୁଙ୍କୁ କହିଲେ ଯେ ତାଙ୍କ ଦ୍ୱାରା ବିଷ୍ଣୁଙ୍କ ଉତ୍ପତ୍ତି ହୋଇଛି ଏବଂ ବିଷ୍ଣୁ ଭଗବାନ ବ୍ରମହାଙ୍କୁ କହିଲେ ଯେ ତାଙ୍କ ନାଭି କମଳ ଦ୍ୱାରା ବ୍ରହ୍ମାଙ୍କ ଉତ୍ପତ୍ତି ହୋଇଛି। ଉଭୟଙ୍କ କଳହ ଦେଖି ସ୍ୱୟଂ ଦେବ ଦେବ ମହାଦେବ କହିଲେ ଯେ ସେ ସୃଷ୍ଟିର କର୍ତ୍ତା ଅଟନ୍ତି ଏବଂ ସେ ତ୍ରିଦେବଙ୍କୁ ଉତ୍ପତ୍ତି କରିଛନ୍ତି ଏବଂ ତ୍ରିଦେବଙ୍କୁ ପରସ୍ପରଙ୍କ କାର୍ଯ୍ୟରେ ମଧ ଲିପ୍ତ କରିଛନ୍ତି ଏବଂ ସେ ତ୍ରିଦେବଙ୍କୁ ଜଗତର ଉତ୍ପତ୍ତି, ସ୍ଥିତି ରୂପୀ ଏବଂ ସଂହାର କାର୍ଯ୍ୟ ସମର୍ପଣ କରିଛନ୍ତି ଏବଂ ତାଙ୍କ ପାଞ୍ଚଟି ମୁଖରୁ ବାହାରିଥିବା ଶବ୍ଦ ମିଶିକରି ଗୋଟିଏ ଶବ୍ଦର ସୃଷ୍ଟି ହୋଇଛି ତାହା ହେଉଛି ଓଁ ଅର୍ଥାତ୍ ଏକ ମୁଖରୁ 'ଅ' କାର, ଦ୍ୱିତୀୟ ମୁଖରୁ 'ଉ' କାର, ତୃତୀୟ ମୁଖରୁ 'ମ' କାର, ଚତୁର୍ଥ ମୁଖରୁ 'ବିନ୍ଦୁ' ତଥା ପଞ୍ଚମ ମୁଖରୁ 'ନାଦ' ଶବ୍ଦ ପ୍ରକଟ ହୋଇଛି, ସେହି ପାଞ୍ଚଟି ଅବବୟ ଏକତ୍ରୀତ ହୋଇ 'ଓଁ 'ହୋଇଛି। ଏହା ମୋର ମୂଳ ମନ୍ତ୍ର ଅଟେ ଏବଂ ଏହା ହିଁ ସମସ୍ତ ସୃଷ୍ଟିର ମୂଳତତ୍ତ୍ୱ ଅଟେ। ଉପରୋକ୍ତ ଶିବ ମହାପୁରାଣ ପ୍ରକରଣରୁ ଏହା ସିଦ୍ଧ ହେଉଅଛି ଯେ ଶଙ୍କରଙ୍କ ମା ଦେବୀ ଦୁର୍ଗା ଅଟନ୍ତି, ତଥା ଶିବଙ୍କ ବାପା ସଦାଶିବ ଅର୍ଥ କାଳ ବ୍ରହ୍ମ ଅଟନ୍ତି । ଶିବ ଏକମାତ୍ର ପରମ ଅଘୋରୀ ଯାହାଙ୍କ ମାଧମରେ ସଂସାରର ସମସ୍ତ ଦିବ୍ୟ ଶକ୍ତି, କ୍ରିୟା ଓ ପ୍ରାକୃତିକ ଦୃଷ୍ଟିକୋଣ ସମ୍ବନ୍ଧୀୟ ଜ୍ଞାନ ପ୍ରାପ୍ତ ହୋଇଥାଏ। ଶିବ ହିଁ ପରମ ଗୁରୁ। ତାଙ୍କ କୃପାରୁ ଆମକୁ ଜୀବନକୁ ସୁନ୍ଦର ଭାବେ ଗଢ଼ିତୋଳିବା କଳା, ବର୍ତ୍ତମାନ ସହ ସଂଘର୍ଷ କରି ସମସ୍ତ ବ୍ୟାଧି ଉପରେ ନିୟନ୍ତ୍ରଣ କରି ଜୀବନ ଯାତ୍ରାକୁ ବିଜୟୀ କରିବାକୁ ଜ୍ଞାନ ମିଳିଥାଏ। ଏଥିରୁ ଜଣା ପଡେ ଯେ ସଦାଶିବ ହେଉଛନ୍ତି ସମସ୍ତ ସୃଷ୍ଟିର ମୂଳ ଉତ୍ସ । ସତ୍ୟଂ-ଶିବଂ-ସୁନ୍ଦରମ୍ ଭଗବାନ ଶଙ୍କରଙ୍କର ଏହି ସୁନ୍ଦର ନାମ ବ୍ରହ୍ମଙ୍କର ସ୍ୱରୂପ ଲକ୍ଷଣ ସତ୍ୟମ୍-ଜ୍ଞାନମ୍-ଆନନ୍ଦମ୍ ପରମଂ ବ୍ରହ୍ମର ପ୍ରତୀକ ଅଟେ । ଉପାସକଙ୍କର ଦୃଷ୍ଟିରେ ଶଙ୍କରଙ୍କୁ ତମୋଗୁଣୀ ଦେବତା କୁହାଯାଏ। କାରଣ ଭଗବାନ ଶିବ ଏତେ ଦୟାଳୁ ଯେ ଯେଉଁ ଦୋଷ ଓ ଅପବିତ୍ରତା କାରଣରୁ ସାଧାରଣତଃ ତାଙ୍କୁ ଘୃଣା କରାଯାଏ ସେ ସେଥିପ୍ରତି ଧ୍ୟାନ ସୁଦ୍ଧା ଦିଅନ୍ତି ନାହିଁ ଆଉ ଭକ୍ତଙ୍କର ଟିକିଏ ମାତ୍ର ସେବା ଭାବରେ ତୃପ୍ତ ହୋଇ ତାଙ୍କୁ ଧର୍ମ-ଅର୍ଥ-କାମ-ମୋକ୍ଷ ସବୁକିଛି ପ୍ରଦାନ କରିଥାନ୍ତି । ସେ ସ୍ୱୟଂ ଏତେ ବିରକ୍ତ ଯେ ସମସ୍ତ ଦୃଶ୍ୟମାନ ବସ୍ତୁ ରାଜିକୁ ସେ ତୁଚ୍ଛ ମନେ କରିଥାନ୍ତି । ଏହି ସ୍ୱଭାବ କାରଣରୁ ସେ ସମୁଦ୍ର ମନ୍ଥନରୁ ନିର୍ଗତ ହଳାହଳ ବିଷ ପାନ କରିଥିଲେ ଆଉ ସମୁଦ୍ର ରୁ ଆବିର୍ଭାବ କୌଣସି ମୂଲ୍ୟବାନ ବସ୍ତୁ ପ୍ରାପ୍ତିର ଅଭିଳାଷା ରଖି ନଥିଲେ । ଏହି ସବୁ ଗୁଣ କାରଣରୁ ସେ ରାବଣ ତଥା ଭସ୍ମାସୁର ଆଦିଙ୍କୁ ମଧ ବିନା ବିଚାରରେ ଅନେକ ବର ପ୍ରଦାନ କରିଥିଲେ ।

ଭଗବାନ ଶଙ୍କର ଜ୍ଞାନ, ଯୋଗ, ବୈରାଗ୍ୟ ଭକ୍ତିର ଭଣ୍ଡାର ହିଁ ନୁହଁନ୍ତି ବରଂ ଆଗମ, ମନ୍ତ୍ର, ତନ୍ତ୍ର, ଯନ୍ତ୍ର, ନୃତ୍ୟ, ବାଦ୍ୟ, ସଙ୍ଗୀତ, ବ୍ୟାକରଣ ଆଦି ସମସ୍ତ କଳା ଓ ବିଦ୍ୟା ମାନଙ୍କର ଗୁରୁ ମଧ ଅଟନ୍ତି । ତାଙ୍କର ବାସ୍ତବିକ ସ୍ୱରୂପ ଅତ୍ୟନ୍ତ ସୋମ୍ୟ ଏବଂ ଶାନ୍ତି ଦାୟକ ଅଟେ । ତାଙ୍କର କ୍ରୋଧାନଳ ଲୀଳା ଜଗତର କଲ୍ୟାଣ ନିମିତ୍ତ ହିଁ ସମୟେ ସମୟେ ପ୍ରକଟିତ ହୋଇଥାଏ । ଯେଉଁଳି କାମଦେବଙ୍କର ସଂହାର ଏବଂ ପ୍ରଳୟ ଓ ମହାପ୍ରଳୟ । ଏଥିପାଇଁ ଶଙ୍କରଙ୍କର ରୂପ ମଧ ଦୁଇ ପ୍ରକାରର ଅଟେ । ଗୋଟିଏ ପଟେ ମସ୍ତକରେ ପତିତପାବନୀ ଗଙ୍ଗା ଏବଂ ଶୀତଳ ଚନ୍ଦ୍ରମା ଅନ୍ୟପଟେ ଗଳାରେ ଭୟଙ୍କର ସର୍ପ, ହସ୍ତରେ ତ୍ରିଶୂଳ ତଥା ବ୍ରହ୍ମରୂପୀ ଡମ୍ବରୁ ଶୋଭିତ । ଦେବୀ ପାର୍ବତୀଙ୍କର ବିବାହ ଅବସରରେ ମହାଦେବଙ୍କର ଭୟାନକ ଏବଂ ସୌମ୍ୟ ଉଭୟ ରୂପ ଦର୍ଶନ ହୋଇଥିଲା । ଶାସ୍ତ୍ରରେ ଯେଉଁଠି ବି ଈଶ୍ୱର ଅଥବା ଈଶ ଶବ୍ଦ କୌଣସି ବିଶେଷଣ ବିନା ବ୍ୟବହୃତ ହୋଇଛି, ତାହାର ଅର୍ଥ 'ଶଙ୍କର' ବୋଲି ବୁଝାଯାଇଥାଏ । ପୁରାଣରେ ଉଲ୍ଲେଖ ଅଛି ଯେ ବିଷ୍ଣୁ-କାର୍ଯ୍ୟ, ବ୍ରହ୍ମା-କ୍ରିୟା ଏବଂ ମହେଶ୍ୱର-କାରଣ ର ସୂଚକ ଅଟନ୍ତି କିନ୍ତୁ ବାସ୍ତବରେ ଏ ତିନିହେଁ ଏକ ଓ ଅଭିନ୍ନ ଅଟନ୍ତି । ଏଣୁ ପ୍ରତ୍ୟେକ ମଣିଷ ଦୈନିକ ଶିବଲିଙ୍ଗ ପୂଜାରେ କିଛି ସମୟ ନିଜକୁ ଭକ୍ତି ଭାବ ନେଇ ନିୟୋଜିତ କରି ପ୍ରଭୁ ଶିବଙ୍କର କୃପା ଲାଭ ପ୍ରାପ୍ତ କରି ମାନବ ଜନ୍ମକୁ ସାଫଲ୍ୟ କରିବା ଉଚିତ ।

♥ ଅରଙ୍ଗାବାଦ,
ବରୀ, ଯାଜପୁର
ମୋ: ୯୯୩୮୯୦୬୦୭୦

## କିମ୍ବଦନ୍ତୀରେ କଣାସର ଅଧିଷ୍ଠାତ୍ରୀ 'କୁଞ୍ଜେଶ୍ୱରୀ



ଶିବ ପ୍ରସାଦ ବାହିନୀପତି

କଥିତ ଅଛି 'ମନ୍ଦିର ମାଳିନୀ ଓଡ଼ିଶା' ; ଓଡ଼ିଶାରେ ଅନେକ ମନ୍ଦିର, ଅନେକ କିମ୍ବଦନ୍ତୀ । ଓଡ଼ିଶାର କୋଣେ ଅନୈକୋଣେ ଦେବାଦେବୀଙ୍କ ନିବାସ । ପ୍ରତ୍ୟେକ ଠାକୁର/ଠାକୁରାଣୀଙ୍କର କିଛି ନା କିଛି କିମ୍ବଦନ୍ତୀ ରହିଛି । ହିନ୍ଦୁ ବିଶ୍ୱାସ ଅନୁସାରେ ସେଇ କିମ୍ବଦନ୍ତୀ ମାନଙ୍କ ମଧ୍ୟରୁ ପୁରୀ ଜିଲ୍ଲାର କଣାସ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' କୁଞ୍ଜେଶ୍ୱରୀଙ୍କର କଥା ଓ କାହାଣୀ କ୍ଷୁଦ୍ର ହେଲେ ବି ନିଆରା । ଦିବ୍ୟ ସିଂହାସନାସୀନା ଦେବୀ ଚତୁର୍ଭୁଜା ଏବଂ ଶଙ୍ଖ, ଚକ୍ର, ତ୍ରିଶୂଳ ଧାରିଣୀ । ସମୀକ୍ଷାରେ କହିବାକୁ ଗଲେ ଶଙ୍ଖ ହେଉଛି ଶୁଭନାଦ ଅର୍ଥାତ୍ ମଙ୍ଗଳଘୋଷର ପ୍ରତୀକ । ବିଜ୍ଞାନ ବି ପ୍ରମାଣ ଦିଏ ଯେ, ଶଙ୍ଖ ବାଦନ ଦ୍ୱାରା ନାନାଦି ରୋଗ ଜୀବାଣୁ ନାଶ ହେବା ସହ ଶଙ୍ଖ ବାଦନର ଶବ୍ଦ ଯେତେ ଦୂର ଯାଏଁ ଶୁଭେ, ଭୂତ - ପ୍ରେତ ଆଦି ସେହି ଶବ୍ଦଘୋଷ ମଧ୍ୟକୁ ପ୍ରବେଶ କରିପାରନ୍ତି ନାହିଁ । ତେଣୁ ଦେବୀ ମାତା ଶଙ୍ଖ ବାଦ୍ୟ ପୂର୍ବକ କଣାସ ମାଟିକୁ ଏସବୁରୁ ରକ୍ଷା କରନ୍ତି; ତେଣୁ ସ୍ୱ କରେ ଶଙ୍ଖାୟୁଧ ଧାରଣ କରିଛନ୍ତି । ଚକ୍ର ହେଉଛି ଶତ୍ରୁ ନାଶର ଅସ୍ତ୍ର; ତେଣୁ କଣାସ ମାଟିକୁ ଶତ୍ରୁ ମାନଙ୍କ ଉପଦ୍ରବରୁ ମାଆ ରକ୍ଷା କରନ୍ତି । ତ୍ରିଶୂଳ ହେଉଛି ଦୁଷ୍ଟ ଦଳନର ଅସ୍ତ୍ର ତଥା ଅନ୍ୟାୟ, ଅସତ୍ୟ, ପାପ ବିନାଶର ଅସ୍ତ୍ର । ମାଆ କଣାସ ମାଟିର ରକ୍ଷାକର୍ତ୍ତୀ ଅଟନ୍ତି । ଚାରି ଭୁଜ ଧର୍ମ, ଅର୍ଥ, କାମ, ମୋକ୍ଷର ପ୍ରତୀକ । ଚତୁର୍ବର୍ଗ ଫଳଦାତ୍ରୀ ମା' କୁଞ୍ଜେଶ୍ୱରୀ । ତ୍ରିନେତ୍ରା ସେ; ବାମ ନେତ୍ର ସତ୍ୟ, ଦକ୍ଷିଣ ନେତ୍ର ନ୍ୟାୟ ଏବଂ ଉର୍ଦ୍ଧ୍ୱ ନେତ୍ର ଧର୍ମର ପ୍ରତୀକ ଭାବେ ଗଣା ଯାଇପାରେ।

କିମ୍ବଦନ୍ତୀ ଅନୁସାରେ ମା' କୁଞ୍ଜେଶ୍ୱରୀ ପୀଠ ପ୍ରଥମେ ରହିଥିଲା ଗଡ଼ବଳଭଦ୍ରପୁର ଗ୍ରାମରେ । ସେହି ସମୟର କଥାନୁସାରେ ଜନୈକ ମା' କୁଞ୍ଜେଶ୍ୱରୀଙ୍କ ସେବକ ପୁରୀ ରାଜାଙ୍କ ପାଖକୁ ସାକ୍ଷୀ ହୋଇ ଯାଉଥିଲେ । ସାକ୍ଷୀ ପ୍ରଦାନ କରିବା ପାଇଁ ଯିବା ପୂର୍ବରୁ ସେବକ ଜଣକ ମା'ଙ୍କୁ ସମସ୍ତ ବୃତ୍ତାନ୍ତ ଜଣାଇ ପ୍ରାର୍ଥନା ବାଢ଼ିବାରୁ ମା' କୁଞ୍ଜେଶ୍ୱରୀଙ୍କ ସ୍ୱପ୍ନାଦେଶ ପ୍ରାପ୍ତ କଲେ । ମା' କୁଞ୍ଜେଶ୍ୱରୀ ତାଙ୍କୁ ସ୍ୱପ୍ନରେ କହିଲେ - 'ନିର୍ଦ୍ଦ୍ୱନ୍ଦରେ ଯାତ୍ରା କର, ମୁଁ ତୁମର ପଛରେ ଯାଉଛି ତୁମ ସହିତ ; କିନ୍ତୁ ସାବଧାନତାବଲମ୍ବନ କରିବା ପାଇଁ ପଡ଼ିବ । ଏକମୁହାଁ ହୋଇ ଯାତ୍ରା କରିବ, ପଛକୁ କିନ୍ତୁ କେବେ ସୁଦ୍ଧା ଦୃଷ୍ଟି ଦେବ ନାହିଁ । ଯେଉଁଠି ତୁମେ ପଛକୁ ବୁଲି ମୋତେ ଦେଖିବ ମୁଁ ସେଇଟି ଅଟକି ଯିବି, ଆଉ ଆଗକୁ ଯିବି ନାହିଁ ।' ପରଦିନ ପ୍ରାତଃରୁ ଉଠି ନିତ୍ୟକର୍ମ ସମାପନାନ୍ତେ ମା'ଙ୍କ ଆଜ୍ଞା ନେଇ ସେବକ ଜଣକ ବାହାରି ଗଲେ ପୁରୀ ରାଜାଙ୍କ ନବର ଅଭିମୁଖେ ।

ଚିଲିକା ତଟବର୍ତ୍ତୀ ଅଞ୍ଚଳ ହେତୁ ସେତେବେଳେ ସମ୍ପୂର୍ଣ୍ଣ ପୁରୀ କଣାସଞ୍ଚଳ ବାଲିଚର ଥିଲା । ଆଗରୁ ମା'ଙ୍କର ନୂପୁର ଶବ୍ଦ ଶୁଭୁଥିଲା, କିନ୍ତୁ ବାଲିଚର ହେତୁ ଆଉ ଶୁଭାଗଲା ନାହିଁ । ତେଣୁ ସେବକ ଜଣକ ମନରେ ଭାବନା ଆସିଲା କି, ମା' ବୋଧହୁଏ ମୋତେ ଠକି ଦେଲେ । କିଛି ବିଚାର ନକରି ପଛକୁ ଚାହିଁ ଦେବାରୁ ଦେଖିଲେ ସୁନ୍ଦର ରୂପଲାବଣ୍ୟର ନାରୀଟିଏ ଛିଡ଼ା ହୋଇଛି ଏବଂ ତା' ଦେହରୁ ଝଲସି ଉଠୁଛି ଦିବ୍ୟ ଆଭା । ସୁନ୍ଦର କମନୀୟ ପଦ୍ମ ପରି ନେତ୍ର; ସତେ ଯେମିତି ଗୋଟିଏ ଚାଉଳରେ ଗଢ଼ା । ମନେପଡ଼ିଗଲା ମା'ଙ୍କର କହିବା କଥା; ନିଜର ଭୁଲ୍ ବୁଝିପାରି ମନସ୍ତାପ କଲେ ଓ ପୁନର୍ବାର ସହିତରେ ସଙ୍ଗୀ ହେବାକୁ ମାଆଙ୍କୁ ସେ କେତେ କାକୁତିମିନତି ହେଲେ । ଭାଗ୍ୟର ଏ ବିଡ଼ମ୍ବନା, ବୋଧେ ମାଆଙ୍କର ଇଚ୍ଛା ଥିଲା ସେହି ସ୍ଥାନରେ ନିଜର ଆବାସ କରିବାକୁ । ସମୟ ସାଥ୍ ଦେଲାନି କି ନିଜର ସ୍ୱପ୍ନାଦେଶ ପ୍ରାପ୍ତିର କଥା ସ୍ମରଣ ହେଲା ନାହିଁ । ଯେତେ ପ୍ରକାରେ ପ୍ରାର୍ଥନା କଲେ ବି ଦେବୀ ନଛୋଡ଼ବନ୍ଧା ; 'ବଚନ ରକ୍ଷା କର' ବୋଲି କହିଲେ । ନିର୍ଦ୍ଦେଶ ଦେଲେ ଏଇଠାରେ ତାଙ୍କ ନିମିତ୍ତ ମନ୍ଦିରଟିଏ ନିର୍ମାଣ କରିବା ପାଇଁ । ସେହିଦିନ ଠାରୁ ସେ ବନିଗଲେ ଏହି କଣାସ ମାଟିର ଅଧିଷ୍ଠାତ୍ରୀ ଦେବୀ ।

ଏଠି ବି ବିଭିନ୍ନ ପର୍ବପର୍ବାଣି ସର୍ବତ୍ର ଭଳି ରୀତିନୀତି ଅନୁସରଣରେ ଚଳମାନ । ବିଶେଷ କରି ନବରାତ୍ର ପୂଜାର ଆକର୍ଷଣ ଅନନ୍ୟ ଅତ୍ର ସ୍ଥାନେ । ଏଠାରେ କାଠିଯାତ୍ରା ନିଆରା ଓ ସ୍ୱତନ୍ତ୍ର ପରମ୍ପରା ମା'ଙ୍କର । ଆଶ୍ୱିନ ମାସର ତୃତୀୟା ତିଥିରେ ପୁରୀ ଜିଲ୍ଲାର ବାଲିପାଟଣା ଗାଁର ଜଣେ ଭକ୍ତ ରାଉଳ ସୁବୁଦ୍ଧିଙ୍କ ଗୃହକୁ ମନ୍ଦିରର ସେବକ ସଂଘ ଯାଇ ଘଣ୍ଟଘଣ୍ଟା, ଝାଞ୍ଜାଦି ବାଦ୍ୟ ସହ ମସାଲ ଓ ମା'ଙ୍କର ଆଜ୍ଞା ମାଳ ଆଣି ଏକ ବାଉଁଶକୁ ପୂଜାର୍ଚ୍ଚନା କରି ରୀତି ଅନୁସାରେ ମନ୍ଦିରକୁ ଅଣାଯାଏ । ତା'ପରେ ମନ୍ଦିରର ମହାରଣା ସେବାୟତଙ୍କ ଦ୍ୱାରା ବାଉଁଶକୁ ଷୋଳ ହାତ ମାପରେ କାଟି ରଖି ଖୁରା ପ୍ରସ୍ତୁତ କରାଯାଇଥାଏ । ପଞ୍ଚାମୃତ, ଗଙ୍ଗାଜଳାଦିରେ ସ୍ନାନ ଶୌଚ କରାଇ ବାଉଁଶରେ ସିନ୍ଦୂର, କଜ୍ଜଳ, ବସ୍ତ୍ର, ଚନ୍ଦ, ଫୁଲ ଓ ଆଜ୍ଞାମାଳ ଆଦି ଦେଇ ମଣ୍ଡନ କରାଯାଏ ଏବଂ ଏହାକୁ ଚାରିଜଣ ଭେଣ୍ଡା ସେବକଙ୍କ ଦ୍ୱାରା ହିଁ କରାଯାଇଥାଏ । ତା'ପରେ ବାଦ୍ୟଘୋଷ ସହିତ ବେଢ଼ା ପରିକ୍ରମା କରି ମନ୍ଦିରରେ ରଖି ତୃତୀୟାରୁ ପଞ୍ଚମୀ ଯାଏଁ ତିନିଦିନ ଧରି ପୂଜା କରାଯାଏ । ପଞ୍ଚମୀ ଦିନ ପୂର୍ବବତ୍ ରୀତିନୀତି ଅନୁସାରେଣ କାଠି ବାହାରେ ଓ ପ୍ରଥମେ କଣାସ ନିକଟସ୍ଥ ପୋତାଘର ଗ୍ରାମକୁ ଭୋଗ ଖାଇବାକୁ ନିଆଯାଏ । ଷଷ୍ଠୀ ଦିନ ପୁନରାୟ ମା' କୁଞ୍ଜେଶ୍ୱରୀ ଦେବୀଙ୍କ ବେଶ ପରିବର୍ତ୍ତନ କରାଯାଏ ଏବଂ ପାଖ ଗିରାମ ଯଥା ପଞ୍ଚ ପାଟଣା, ବିଡ଼ିଶା, କଖାରୁଓସ୍ତ, ବୈଦ୍ୟନାଥ ପାଟଣା, କଦଳୀଦଣ୍ଡା, କରପଡ଼ା ଆଦିକୁ ଭୋଗ ଖାଇବାକୁ ନିଆଯାଇଥାଏ।


(ଅବଶିଷ୍ଟାଂଶ ପୃଷ୍ଠା-୭ରେ)





## ଛେଳି

### ଲୋକେଶ୍ୱର ପାଣ୍ଡେ

କେତେ ଆକଟ କଲୁ ।
ଅଇଁଠାର ଦେଲୁ ବିଶ୍ୱାସ
ମୁଁ ଉଦରସ୍ଥ କରି
ମାରିଲି ପ୍ରଶାନ୍ତିର
ନିଃଶ୍ୱାସ
ଆଉଁସିଲୁ ଛଳନାର
କଅଁଳ ପାପୁଲିରେ
ମୁଁ କି ଜାଣି ଥିଲି-
ଏତେ ହଳାହଳ ବିଷ !
ଇସାରା ଇସାରାରେ
ଯାହା ହେଲି ଭଳିକି ଭଳି
ବେଶ ।

ପାଣିକୁ ନିଆଁ କହିଲୁ
ନିଆଁକୁ ପାଣି
ନିଦାଘରେ ଝରେଇଲୁ
ବୁନ୍ଦା ବୁନ୍ଦା ମଣି

ବଣିକୁ କାଉ କହିଲୁ
କାଉକୁ ବଣି
ଇଚ୍ଛା ଅନିଚ୍ଛାକୁ ଫିଙ୍ଗି
ହେଲି ଦୁଚାରୁଣୀ ।

ଯେଉଁ ଆଡେ ଦେଖେଇଲୁ
ଖେପି ଗଲି
ସ୍ୱାର୍ଥର ଅନ୍ଧକାର ଚିରି
ବାତୁଳ ହୋଇ ଖୋଜିଲି
ଅଭାବରେ ଭାବ ଯେ,
ସାଜିଲି ବଇରୀ ।

ସୁଂଘେଇଲୁ ଫୁଲ
ଅର୍ଜିତ ପୁଣ୍ୟସବୁ
ପିନ୍ଧିଲେ ସନ୍ତର୍ପଣରେ
ଯେତେ ଯେତେ ପାପର
ଖୋଳ
ଭୁଲିଲି ସ୍ୱାଭିମାନ
ଦୂର କଲି ମାନ ଅଭିମାନ
ଭଲ ହେଲା ଭେଲ
ଘୋର କଳି କାଳ
ଆଖି ଛଳ ଛଳ
ନୀରିହ ପଣରେ
ଦଶଦିଶ ଅନେଇ ଦେଖେତ
ଥିପି ପଡୁଛି କଂସେଇର ଲାଳ ।

♥ ମେଣ୍ଟିପାଲି, ଦଶପୁର,ବଲାଙ୍ଗିର
ମୋ-୯୪୩୮୩୧୦୯୫୨



## ଜାଡ୍

### ସୁଶାନ୍ତ ରଣା

ବେଲ୍ ନାଇଁ ବୁଡ଼ି କେନ ଥିଲା ରହି
ଧାଇଁଛେ ଗାଁ ମୁହାଁ ହେଇ
ଛୋଟ୍ ଠାନୁଁ ରୋଟ୍ ସଭେ ଥରୁଥିଛନ୍
ସେ ଜେନ୍ତା ଯାଏଛି ଛୁଇଁ ।

ରାଏଟ ସାରା ଯାକ କର୍ସି କଲ୍ ବଲ୍
ଆଏଁଖେ ନାଇଁ ଝୁମୁରା
ଢାପିଢୁପା ହେଇ ଥିଲେ ବି ହୋ ରହି
ହେଉଥିସି ତରାତରା ।

ବଡ୍ଢେ କଲ୍ ବଲେ ରାଏତ୍ ସରେ ହୋ
ଫିର୍ ଭି ନି ଛାଡେ ପିଛା
ଗଥଲି ପଟାଭି କାମ ନିହିଁ କରେ
ସତେ ଯେ କଙ୍କଡ଼ା ବିଛା ।

ବଡ୍ଢେ ଗୁଲ୍ ଗୁଲେ ସଖାଲ୍ ପାହେଶି
ଜୁଏ ପାଖେ ହେସୁଁ ଗୁରେହି
ଜୁଏ ଠାନୁ ଖଣେ ଖସ୍ ରି ଦେଲେ ହୋ
ଫିନ୍ ଦେସି ଜାଡ୍ ଟାମ୍'ଡି ।

♥ ରାଧାବଲ୍ଲଭ ପଡ଼ା
ତେରେସିଂହା, ଜି. କଳାହାଣ୍ଡି
ମୋ. ୭୮୯୪୬୫୮୨୭୪

## ଭ୍ରାତୃତ୍ୱ ପୁଷ୍ପେ ମହକି ଉଠୁ ଧରା

### ତରଙ୍ଗଚଣ୍ଡି

ଅପସରି ଯାଉ ଦୁଃଖ
ଶସ୍ୟ ସଂପଦେ ଭରିଦିଅ ମେଦିନୀ
ବିଲୁପ୍ତ ହେଉ ଆତଙ୍କ ।

ମାନବବାଦର ଜୟକାର ଶୁଭୁ
ଖେଳିଉଠୁ ଶିଶୁ ପ୍ରାଣ
ଅଖଣ୍ଡ ଭାରତେ ମୈତ୍ରେ ନାଶଯାଉ
ଦଳ ଜାତି ବିଭାଜନ ।

ଜନନୀ ଭଗିନୀ ନିର୍ଭୟେ ବୁଲିବେ
ନାଶଯିବେ ଦସ୍ୟୁ କୁଳ
ମାଟିର ସୁପୁତ୍ର ମାଟିଲଗ୍ନା ହେବେ
ନହୋଇ ମଦେ ମାତାଲ ।

ବାଦ ବିବାଦ ର କଳଙ୍କ ନଥିବ
ନଥିବ ଉକତ୍କଚ ବ୍ୟାଧି
ଶୀତଳ ସମୀରେ ପ୍ରୀତି ର ଅବିର
ପ୍ରତି ହୃଦେ ଯିବ ଭେଦି ।

ହତାଶ ମନରେ ଆଶାର ଆଲୋକ
ନେଇ ଆସ ନୂଆ ବର୍ଷ
ଗୋଟିଏ ଚୁଲିରେ ସିଝୁଥିବ ଭାତ
ପ୍ରତିବେଶୀ ମେଳେ ହର୍ଷ ।

ପିପୀଲିକା ଶ୍ରମ ମଥାର ଚନ୍ଦନ
ଧୈର୍ଯ୍ୟବାନ ହେବେ ସୁତ
ଚନ୍ଦ୍ରରେ ଆବାସ ମଙ୍ଗଳେ ବଜାର
କଳ୍ପନା କରିବେ ସତ ।

ସ୍ନେହ ଦୟା ପ୍ରେମେ ନିଜକୁ ସଜାଇ
ବିତରି ଦେବେ ମହକ
ରାମ ରହିମ ର ଭ୍ରାତୃତ୍ୱ ସଂପର୍କ
ବିଶ୍ୱରେ ହେବ ବିଦିତ ।

ଭାଇଚାରା ପାରିଜାତ ମହକେ
ମହକି ଉଠୁ ଏ ବିଶ୍ୱ
ବିଶ୍ୱାସ ର ଫଲଗୁ ମଳୟେ ସଜେଇ
ଆସ ହେ ନୂଆ ବରଷ
ଆସ ହେ ନୂଆ ବରଷ ।

♥ ଲିମସେର ବୃନ୍ଦାବାହାଲ
ସାହିତ୍ୟ ସଂସଦ ଧର୍ମଗଡ,
କଳାହାଣ୍ଡି
ମୋ: ୯୭୭୭୫୪୯୭୪୭

## ହଜି ଯାଇଥିବା ମଣିଷମାନେ

### ନିରଞ୍ଜନ ସାହୁ



ବେଳେବେଳେ ମୋତେ
ଫେରିଯିବାକୁ ହୁଏ ପିଛିଲା ଦିନକୁ ।

ନ ଫେରିବି ଅବା କେମିତି ?

ହଜି ଯାଇଥିବା ଦିନକୁ
କିଏ ଭୁଲିପାରେ ଯେ
ମୁଁ ଭୁଲି ପାରିଲି ନାହିଁ ।

ଅତୀତର ସ୍ମୃତିଚାରଣ ଭିତରେ
ସୁଖର ଦିନଗୁଡାକ
ଯେତିକି ଆନନ୍ଦ ଦିଏ
ତା ଠାରୁ ଅଧିକ ଦୁଃଖ ଦିଏ
କିଛି ଅସ୍ପଷ୍ଟ ମୁହଁ
ଯେଉଁମାନେ ଏବେ ଦିବଂଗତ ।

ଦିବଂଗତମାନଙ୍କୁ ମନେପକାଇଲେ
ଆଖି ଆଗରେ ନାଚି ଯାଉଥାଏ
ସେମାନଙ୍କ ସହିତ କାଟିଥିବା
ମଧୁର ମୁହୂର୍ତ୍ତମାନଙ୍କୁ ।

ନା ଭୁଲିହୁଏ ସେମାନଙ୍କୁ
ନା ଭୁଲାଇ ହୁଏ ମନକୁ ।

ଭାରି କଷ୍ଟଲାଗେ
କୁଆଡେ ଗଲେ ସେମାନେ ?

ଆଉ କ'ଣ କେବେ
ସେମାନଙ୍କ ସହ ଭେଟ ହେବ
ନା ଅନ୍ତରଙ୍ଗ ହୋଇ ହେବ ।

ବେଳେବେଳେ ଅନୁତାପ ଆସେ
ନା କିଛି କରିପାରିଛି ସେମାନଙ୍କ ପାଇଁ
ନା କିଛି କରିପାରୁଛି ଏବେ ।

ସବୁପରେ ବି
ସେହି ଅତୀତ ପୃଷ୍ଠାର ମଣିଷମାନେ
ଢେର ଜ୍ୱାଜୁଲ୍ୟମାନ ମୋ ଆଖିରେ
ଆଉ ସେମାନଙ୍କ ପାଇଁ
ଦି' ବୁନ୍ଦା ଅଶ୍ରୁ ନିଗାଡି ଦେଇ
ଶ୍ରଦ୍ଧାଞ୍ଜଳି ବାଢ଼ିଦେବା ଛଡା
ଅନ୍ୟ କିଛି ଉପାୟ ନାହିଁ
ମୋ ପାଖରେ ।

♥ ନିହଲ ପ୍ରସାଦ,
ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩




## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

**ଡ. ସିନ୍ଧୁ ସେନ**



ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...

**ଭାଗ-୫୩**

ମୁଁ ମୋ ରଥରେ ବସି ଆଗେଇ ଯାଉଥାଏ ଯୁଦ୍ଧଭୂମି ଆଡ଼କୁ । ଆଖି ଖୋଜୁଥିଲା ଅର୍ଜୁନଙ୍କୁ । ନିଜ ଧନୁରେ ଟଙ୍କାର ଦେଇ ବାରମ୍ବାର ଆହ୍ୱାନ କରୁଥାଏ ଯୁଦ୍ଧ ପାଇଁ । ହେଲେ, କେଉଁଠି ଅର୍ଜୁନ? ମୋ ଆଗରେ ଠିଆ ହୋଇଥାନ୍ତି ଭୀମସେନ । ଯୁଦ୍ଧପାଇଁ ଆହ୍ୱାନ କରନ୍ତି । ମୋର କିନ୍ତୁ ସେଥିରେ ଆଗ୍ରହ ନାହିଁ । କୁନ୍ତୀମାତାଙ୍କୁ କଥାଦେଇଛି ଅର୍ଜୁନ ବ୍ୟତୀତ ଆଉ କୌଣସି ପାଣ୍ଡବ ସହ ଯୁଦ୍ଧ କରିବି ନାହିଁ। ତେଣୁ ସାମାନ୍ୟ ଆଘାତ କରି ଭୀମସେନଙ୍କୁ ଛାଡ଼ିଦେଲି । ଗୋଟିଗୋଟି କରି ଅନ୍ୟାନ୍ୟ ପାଣ୍ଡବମାନଙ୍କ ସହ ସମ୍ମୁଖୀନ ହୋଇ ମଧ କାହାରିକୁ ଅସ୍ତ୍ରାଘାତ କରିଲି ନାହିଁ ।

ଅର୍ଜୁନ ମୋର କାମ୍ୟ । ଅର୍ଜୁନ ମୋର ଇପ୍‌ସିତ ଆକାଂକ୍ଷା । ରଣଭୂମିରେ ମୁଁ କେବଳ ଖୋଜୁଥିଲି ଅର୍ଜୁନଙ୍କୁ । କିନ୍ତୁ କୁଆଡ଼େ ଗଲେ ସେ। ଚତୁର କୃଷ୍ଣ ତାଙ୍କୁ ସୁରକ୍ଷିତ ରଖିବାପାଇଁ ଅନ୍ୟ କେଉଁଠି ଆଉ ଲୁଚାଇ ଦେଇ ନାହାଁନ୍ତି ? କିଏ ଜାଣେ ? ମାୟାବୀ କୃଷ୍ଣଙ୍କ ମାୟା ବୁଝିବା ଏତେ ସହଜ ନୁହେଁ ? ତଥାପି ମୋର ଖୋଜା ଶେଷ ହେଉନି । ପାଣ୍ଡବ ପକ୍ଷର ଅନେକ ସୈନ୍ୟ ମୋ ହାତରେ ମୃତାହତ ହେଲେଣି । ମୁଁ କିନ୍ତୁ ସେମାନଙ୍କୁ ବଧ କରି ଶାନ୍ତି ପାଉନି । ମୋର ଲକ୍ଷ୍ୟପୂରଣ ପାଇଁ ମୁଁ ସଦା ଚେଷ୍ଟିତ ।

ପରପର ଦୁଇଦିନ ଏମିତିରେ କଟିଗଲା । ଅର୍ଜୁନଙ୍କୁ ଭେଟିପାରିଲି ନାହିଁ । ଶୁଣିଲି ଏତେଦିନ ପରେ ମଧ ପାଣ୍ଡବମାନଙ୍କ ମଧ୍ୟରୁ କାହାରି ମଧ ବୀରଗତି ହୋଇନି । ତେଣୁ ମିତ୍ର କୁରୁ ସେନାପତି ଦ୍ରୋଣାଚାର୍ଯ୍ୟଙ୍କ ଉପରେ ଭୀଷଣ କ୍ଷୁବ୍ଧ । ପିତାମହଙ୍କ ଭଳି ଦ୍ରୋଣାଚାର୍ଯ୍ୟଙ୍କର ମଧ ପାଣ୍ଡବମାନଙ୍କ ପ୍ରତି ଦୁର୍ବଳତା ରହିଛି । ଦୁର୍ଯ୍ୟୋଧନଙ୍କ ଠାରୁ ବାରମ୍ବାର କଟାକ୍ଷ ଶୁଣିଶୁଣି ଶେଷରେ ଦ୍ରୋଣାଚାର୍ଯ୍ୟ ପାଣ୍ଡବ ବଧକରିବା ନିମନ୍ତେ ନିଷ୍ପତ୍ତି ନେଇଥାନ୍ତି । ମୋ ମନରେ କିନ୍ତୁ ସନ୍ଦେହ ଜାତ ହୁଏ । ଆଚାର୍ଯ୍ୟ ଦ୍ରୋଣ ଯୁଦ୍ଧ ବିଶାରଦ ବିଶେଷକରି ଅସ୍ତ୍ର ବିଦ୍ୟାରେ ଧୂରୀଣ । ହେଲେ, ସେ କ'ଣ ସତରେ କୌଣସି ମରଣାତ୍ମକ ଅସ୍ତ୍ର ପାଣ୍ଡବମାନଙ୍କ ପ୍ରତି ପ୍ରୟୋଗ କରି ପାରିବେ? ବିଶେଷକରି ତାଙ୍କର ପ୍ରିୟ ଶିଷ୍ୟ ଅର୍ଜୁନ । ଯାହାକୁ ସେ ନିଜ ପୁତ୍ରଠାରୁ ଅଧିକ ଶକ୍ତିଶାଳୀ କରି ଗଢ଼ିଥିଲେ । ତାଙ୍କ ଅନ୍ତରତଳେ ପାଣ୍ଡବମାନଙ୍କ ପାଇଁ ଅମୃତଧାରା ପ୍ରବାହମାନ । ସେ ପୁଣି ବିଷାକ୍ତ ଅସ୍ତ୍ର ପ୍ରୟୋଗ କରିବେ କେମିତି ?

ଆଚାର୍ଯ୍ୟଙ୍କ କଥାରେ ଦୁର୍ଯ୍ୟୋଧନ କିନ୍ତୁ ବେଶ୍ ଉତ୍‌ଫୁଲ୍ଲିତ । ଆଗାମୀକାଲିର ଯୁଦ୍ଧରେ ପାଣ୍ଡବମାନଙ୍କ ମଧ୍ୟରୁ କେହି ନା କେହି ନିଶ୍ଚୟ ବୀରଗତି ପ୍ରାପ୍ତ ହେବେ । କିଛି ନହେଲେ ଦ୍ରୋଣାଚାର୍ଯ୍ୟ ଯୁଧିଷ୍ଠିରଙ୍କୁ ବନ୍ଦୀ କରିବେ ।

ଆଚାର୍ଯ୍ୟ ତାଙ୍କର ପ୍ରତିଶ୍ରୁତି ଅନୁଯାୟୀ ଏକ ନୂତନ ଯୋଜନା ଚିନ୍ତା କରିଛନ୍ତି । ସେ ଯୋଜନା ଅନୁସାରେ କୌରବସେନା ଏକ ନୂତନ ବ୍ୟୂହରଚନା କରିବେ । ଯାହାର ନାମ ହେବ ଚକ୍ରବ୍ୟୂହ । ଯାହାକୁ ଭେଦକରିବା କୌଣସି ପାଣ୍ଡବକୁ ଜଣାନାହିଁ । ବ୍ୟୂହ ଭେଦ କରିବାର କୌଶଳ କେବଳ ଅର୍ଜୁନଙ୍କୁ ହିଁ ଜଣା । ସେହି ଅନୁସାରେ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶରେ ସଂଶପ୍ତକ ସେନା ଅର୍ଜୁନ ସହ ଯୁଦ୍ଧ କରିବାପାଇଁ ଆହ୍ୱାନ ଦେବେ । ଆଉ ସେହି ଆଳରେ ଦୂରେଇ ଯିବେ ଅର୍ଜୁନ । ଏଇ ସୁଯୋଗରେ ଆଚାର୍ଯ୍ୟ ନିଜର ରଣକୌଶଳ ପ୍ରୟୋଗ କରିବେ ।

ଏସବୁ ଶୁଣିସାରିବା ପରେ ଆଚାର୍ଯ୍ୟ ଯେ କୌରବପକ୍ଷର ହିତାକାଂକ୍ଷୀ ଏ ବିଶ୍ୱାସ ମୋ ମନରେ ଆସୁଥିଲା । ଯୋଜନା ଅନୁଯାୟୀ ଚକ୍ରବ୍ୟୂହର ମୁଖ୍ୟ ଦ୍ୱାରଦେଶରେ ଥାଆନ୍ତି ସିନ୍ଧୁରାଜ ଜୟଦ୍ରଥ । ସଂଶପ୍ତକ ସେନା ସହ ଯୁଦ୍ଧକରିବାପାଇଁ ଅର୍ଜୁନ ଅନେକ ଦୂରକୁ ଚାଲିଗଲେଣି । ପାଣ୍ଡବମାନଙ୍କ ମଧ୍ୟରୁ କାହାରିକୁ ଚକ୍ରବ୍ୟୂହ ଭେଦ ଜଣା ନଥିବାରୁ ସୁଭଦ୍ରା ତନୟ ଅଭିମନ୍ୟୁ ସେ ଦାୟିତ୍ୱ ନେଇଥାନ୍ତି ।

ଅଭିମନ୍ୟୁ, ଅର୍ଜୁନ ଓ ସୁଭଦ୍ରାଙ୍କ ବୀରପୁତ୍ର । ମାତୁଳ କୃଷ୍ଣଙ୍କ ପାଖରେ ପିଲାବେଳୁ ବଢ଼ିଛନ୍ତି । ପିତାଙ୍କର ଯୋଗ୍ୟ ଦାୟାଦ ହେଲେ ବାଳୁତ । ତାଙ୍କୁ ଦେଖିଲେ ଦୟା ଆସୁଛି ମନରେ ଅନୁକମ୍ପା ଜାଗୁଛି । ଏଡ଼େ ବକଟେ ପିଲା । ମନରେ ଡର ନାହିଁ, ଶଙ୍କା ନାହିଁ । ଚକ୍ରବ୍ୟୂହ ପରି ଅଭେଦ୍ୟ ଦୁର୍ଗକୁ ଭେଦ କରିବାକୁ ବୀରଦର୍ପରେ ଆଗେଇ ଚାଲିଛି ।

ଯଥା ସମୟରେ ଅଭିମନ୍ୟୁ ମଧ ପ୍ରବେଶ କରନ୍ତି ଚକ୍ରବ୍ୟୂହ ମଧ୍ୟରେ । ତାଙ୍କ ପଛେପଛେ ପାଣ୍ଡବମାନେ ତାଙ୍କୁ ସହାୟତା ଦେବାପାଇଁ ଆଗେଇ ଯାଉଥିଲେ ମଧ ସିନ୍ଧୁରାଜ ସେମାନଙ୍କୁ ଭିତରକୁ ଛାଡ଼ନ୍ତି ନାହିଁ । ଚକ୍ରବ୍ୟୂହ ମଧ୍ୟକୁ ପ୍ରବେଶ ଜଣାଥିଲେ ମଧ ବାହାରିବା ଜଣା ନଥିଲା ଅଭିମନ୍ୟୁଙ୍କୁ । ବିଚରା ବାଳକ ଅଭିମନ୍ୟୁ ଏକାକୀ ଚକ୍ରବ୍ୟୂହ ଗୋଟିଏ ପରେ ଗୋଟିଏ ଦ୍ୱାର ଅତିକ୍ରମ କରି ଚାଲିଥାନ୍ତି । ନିରନ୍ତର ଯୁଦ୍ଧ କରୁଥାନ୍ତି । ସେପଟେ ସିନ୍ଧୁରାଜଙ୍କ ପ୍ରତିବନ୍ଧକତା ପାଇଁ କେହି ବି ପାଣ୍ଡବ ଅଭିମନ୍ୟୁକୁ ସହାୟତା ଦେଇପାରନ୍ତି ନାହିଁ ।

ତାକୁ ଦେଖି ସ୍ୱତଃ ମୋ ମନରେ ଅନୁକମ୍ପା ଜାତ ହେଉଥିଲା । ଚେହେରା, ଗଢ଼ଣ ଅବିକଳ ପିତାଙ୍କ ପରି । ତାର ତୀର ଚାଳନା ଦେଖି ମୋର ଯେମିତି ମନେ ହେଉଥିଲା ସ୍ୱୟଂ ଅର୍ଜୁନ ଯେମିତି ଆମ ସହ ଯୁଦ୍ଧ କରିବାପାଇଁ ଆଗେଇ ଆସିଛନ୍ତି। ତାର ଯୁଦ୍ଧ କରିବାର ଶୈଳୀକୁ ଦେଖିଲେ ଆମେ ସବୁ ଯେତକ ବୀର ଆତଙ୍କିତ ହୋଇ ପଡୁଥିଲୁ । ଲଜ୍ୟାରେ ଆମ ମଥା ତଳକୁ ନଇଁ ଯାଉଥାଏ । ମନେ ହେଉଥାଏ ଏକାକୀ ଅଭିମନ୍ୟୁ ଆଉ ଅଳ୍ପକିଛି ସମୟ ମଧ୍ୟରେ ଏ ଭୟଙ୍କର ସମରର ପରିସମାପ୍ତି ଘଟାଇଦେବ । ଅଭିମନ୍ୟୁର ବୀରତ୍ୱକୁ ମନେମନେ ମୁଁ ବଧାଇ ଜଣାଉଥାଏ । ଅର୍ଜୁନ ପୁତ୍ର, ବାସୁଦେବ କୃଷ୍ଣଙ୍କ ଭଣଜା ଅଭିମନ୍ୟୁ ଯେ ଅସାମାନ୍ୟ ବୀର ଏହା ବୁଝିବାକୁ କାହାରି ବାକି ନଥାଏ । ଆଚାର୍ଯ୍ୟ ଦ୍ରୋଣ ମଧ ଏଭଳି ବାଳକର ବୀରତ୍ୱ ଦେଖି ବିସ୍ମିତ । କାହାରି ମୁହଁରୁ ଭାଷା ସ୍ଫୁରୁ ନଥାଏ । ସମସ୍ତଙ୍କର ଭାଳେଣି ପଡ଼ି ଯାଇଥାଏ ଯେମିତି ହେଉ, ଅଭିମନ୍ୟୁ ବଧ ଶୀଘ୍ର କରିବାକୁ ପଡ଼ିବ । ତେଣୁ ଶେଷରେ ଯୁଦ୍ଧର ନୀତିନିୟମକୁ ଉଲ୍ଲଙ୍ଘନ କରି ଆମେ ସମସ୍ତେ ମିଳିତ ଭାବେ ଅଭିମନ୍ୟୁକୁ ଆକ୍ରମଣ କଲୁ । ଏକାକୀ ନିରସ୍ତ୍ର ଅଭିମନ୍ୟୁ ସହ ଆମେ ସପ୍ତରଥୀ (ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ, କୃତବର୍ମା, ଅଶ୍ୱତ୍ଥାମା, ବୃହଦ୍‌ବଳ, ଦୁର୍ଯ୍ୟୋଧନ ଏବଂ ମୁଁ) ଯୁଦ୍ଧ କରୁଥିଲୁ । ବାରମ୍ବାର ଅସ୍ତ୍ରାଘାତ କରି ବାଳକ ଅଭିମନ୍ୟୁକୁ ଯେତେ ଦୁର୍ବଳ କରିବାକୁ ଚେଷ୍ଟା କରୁଥିଲୁ, ସେ ସେତିକି ଭୟଙ୍କର ହୋଇ ଉଠୁଥିଲା । ଏପରିକି ଶେଷରେ ଭଗ୍ନରଥର ଚକଟିକୁ ଅସ୍ତ୍ରକରି ଆମ ସହ ଯୁଦ୍ଧ କରୁଥିଲା । ମୋ ମନ କିନ୍ତୁ ବୁଝୁ ନଥିଲା । ଜଣେ ବୀର ପକ୍ଷରେ ଏଭଳି ଅନ୍ୟାୟ ଯୁଦ୍ଧକୁ ପ୍ରଶ୍ରୟ ଦେବା ଆଦୌ ଉଚିତ ନୁହେଁ । ଯୁଦ୍ଧର ସମସ୍ତ ନୀତିନିୟମ ଏ ଯୁଦ୍ଧରେ ଉଲ୍ଲଙ୍ଘନ କରାଯାଉଥିଲା । ଆଚାର୍ଯ୍ୟ ଦ୍ରୋଣଙ୍କ ଉପସ୍ଥିତିରେ ଏଭଳି ଅନ୍ୟାୟ ଯୁଦ୍ଧ ସଂଘଟିତ ହେଉଥିଲେ ମଧ, ସେ କିଛି ପ୍ରତିବାଦ କରୁଥିଲେ । ଏକସଂଗେ ଏତେ ସଂଖ୍ୟକ ବୀର, ମହାବୀର ଜଣେ ବାଳକ ସହ ଲଢ଼ିବା ଘୋର ଅନ୍ୟାୟ । ଦୁର୍ଯ୍ୟୋଧନ କିନ୍ତୁ ନିଜ ଜିଦ୍‌ରେ ଅଟଳ। ନ୍ୟାୟ ହେଉ କି ଅନ୍ୟାୟ ହେଉ, ପାପ ହେଉ କି ପୁଣ୍ୟ ହେଉ, ଅଭିମନ୍ୟୁ ବଧ କରିବାକୁ ପଡ଼ିବ। ଏକାକୀ ଅଭିମନ୍ୟୁ ଏ ଅନ୍ୟାୟ ଯୁଦ୍ଧ ବିରୋଧରେ ବିକଳରେ ପ୍ରତିବାଦ କରୁଥାନ୍ତି । ଆମେ ସପ୍ତରଥୀ ତାଙ୍କୁ ଘେରିଆଡୁ ଘେରିରହି ଆକ୍ରମଣ କରୁଥିଲୁ । ଅଭିମନ୍ୟୁର ବିକଳ ଚିତ୍କାର ଚକ୍ରବ୍ୟୂହ ଭେଦ କରି ଯେତେ ପ୍ରତିଧ୍ୱନି ସୃଷ୍ଟି କରୁଥିଲେ ମଧ ବ୍ୟୂହର ମୁଖ୍ୟଦ୍ୱାରରେ ଜୟଦ୍ରଥଙ୍କ ଶାଣିତ ବାଣ ପ୍ରବେଶ ପଥକୁ ସଂପୂର୍ଣ୍ଣ ଗତିରୋଧ କରି ପାଣ୍ଡବମାନଙ୍କୁ ବ୍ୟୂହ ପ୍ରବେଶ କରିବାକୁ ସୁଯୋଗ ଦେଇ ନଥିଲା । ବ୍ୟୂହ ମଧ୍ୟରୁ ବାହାରିବା କୌଶଳ ଜାଣି ନଥିବା ଅଭିମନ୍ୟୁ ଶେଷରେ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଆମ ସହ ଯୁଦ୍ଧ କରିକରି ରଣକ୍ଷେତ୍ରରେ ଟଳିପଡ଼ନ୍ତି। ନିଜର ସହାୟତା ପାଇଁ ପିତା ଓ ମାମୁଙ୍କ ପ୍ରତି ଆର୍ତ୍ତଚିତ୍କାରର ଶେଷ ଶବ୍ଦ କେବଳ ରହିରହି ଶୁଭୁଥାଏ । ଏଭଳି ଦୃଶ୍ୟକୁ ଦେଖି ସେଦିନ ମୋର ଯେମିତି ମନେ ହେଉଥିଲା, ଅଭିମନ୍ୟୁକୁ ଆମେ ପରାଜୟ କରିନୁ ବରଂ ଜଘନ୍ୟ ଭାବେ ଆମ ସ୍ୱାର୍ଥପାଇଁ ବଳି ପକାଇ ଦେଇଛୁ । ଯୁଦ୍ଧଭୂମିରେ ପୂର୍ବରୁ ଏଭଳି ଜଘନ୍ୟ ହତ୍ୟା କେବେ ହୋଇ ନଥିଲା। ଯୁଦ୍ଧର ସମସ୍ତ ନୀତିନିୟମ ଉଲ୍ଲଙ୍ଘନ କରି ଅନ୍ୟାୟ ଭାବେ ସାତଜଣ ମହାରଥୀ ମିଳିତ ଭାବେ ଜଣେ ବାଳକକୁ ବଧକରିବା ଆମପାଇଁ କିଭଳି ବିଜୟ, ତାହା ମୁଁ ହୃଦୟଙ୍ଗମ କରିପାରୁଥିଲି । କିନ୍ତୁ କୌରବ ପକ୍ଷରେ ଥାଇ ଏସବୁ ଘଟଣାକୁ ନିରବରେ ସମର୍ଥନ କରିବାକୁ ବାଧ ହେଉଥିଲି।

ସେଦିନ ଯୁଦ୍ଧରେ ଯଦିଓ କୌରବ ପକ୍ଷକୁ ବିଜୟ ଓ ପାଣ୍ଡବ ପକ୍ଷକୁ ପରାଜୟର ଶ୍ରେୟ ମିଳିଥାଏ, ମୋ ମନରେ କିନ୍ତୁ ବିଜୟର ସାମାନ୍ୟତମ ଆନନ୍ଦ ନଥାଏ । ମୋତେ ଯେମିତି ଲାଗୁଥିଲା ଆମେ ଅଭିମନ୍ୟୁକୁ ବଧ କରିନୁ ବରଂ ତାଠାରୁ ଆମେ ସମସ୍ତେ ପରାଜିତ ହୋଇଛୁ । ତାର ଏକାକୀ ଶକ୍ତି, ସାମର୍ଥ୍ୟ ପାଖରେ ଆମଭଳି ରଥୀ, ମହାରଥୀ ମାନଙ୍କର ବୀର ଯଥେଷ୍ଟ ନ୍ୟୂନ ଥିଲା । ତାହାହିଁ ଥିଲା ଅଭିମନ୍ୟୁବଧର ଜ୍ୱଳନ୍ତ ଦୃଷ୍ଟାନ୍ତ । ରଣକ୍ଷେତ୍ରରେ ତାର ବଳିଦାନ ଆମପାଇଁ ଏକ କଳଙ୍କିତ ଅଧ୍ୟାୟ ହୋଇ ରହିଗଲା। ବିଶେଷକରି ମୁଁ ନିଜେ ହିଁ ନିଜକୁ ଦୋଷାରପ କରୁଥିଲି । ଅଭିମନ୍ୟୁ ବଧ ଯେ ମୋର ନିଜସ୍ୱ ବୀରତ୍ୱ ପ୍ରତି ଏକ କଳାଦାଗ, ଏହା ମୁଁ ବେଶ୍ ଉପଲବ୍ଧି କରିପାରୁଥିଲି । ନିଜ ବୀରତ୍ୱ ପ୍ରତି ଧିକ୍କାର ଜାତ ହେଉଥିଲା ମୋ ମନରେ ।

ଜଣେ ବାଳୁତ ଯୋଦ୍ଧାକୁ ସପ୍ତରଥୀ ମିଳିତ ଭାବେ ବଧ କରିବା କ'ଣ ପ୍ରକୃତ ବିଜୟ ?

ମହା ଧନୁର୍ଦ୍ଧାରୀ ଆଚାର୍ଯ୍ୟ ଦ୍ରୋଣଙ୍କ ପରି ଯୋଦ୍ଧା ମଧ ଅଭିମନ୍ୟୁ ସହ ଏକାକୀ ଲଢ଼ି ପାରିଲେ ନାହିଁ । ଏହାଠାରୁ ବଳି ଦୁଃଖଦ ଘଟଣା ଆଉ କ'ଣ ଥାଇପାରେ ? ମୋ ମନ ଅସ୍ଥିର ହୋଇ ଉଠୁଥିଲା, ଶତ୍ରୁପକ୍ଷ ହେଲେ ମଧ, ଅଭିମନ୍ୟୁ ମୋର ଅନୁଜପୁତ୍ର । ଯୁଧିଷ୍ଠିର, ଭୀମଙ୍କ ଭଳି ମୁଁ ମଧ ତାର ଜଣେ ଜ୍ୟେଷ୍ଠତାତ । ହେଲେ ଏଇ ହାତରେ ପୁତ୍ରହନ୍ତାର ଅପରାଧରେ ଅପରାଧି ହେଲି । କେହି ନ ଜାଣିଲେ ମଧ ମୁଁ ତ ଜାଣେ ଅଭିମନ୍ୟୁ ବଧ ଆମର ପ୍ରକୃତ ବିଜୟ ନଥିଲା ବରଂ ଥିଲା ଅନ୍ୟାୟ, ଅଧର୍ମର ପ୍ରତ୍ୟକ୍ଷ ସାକ୍ଷୀ । ସେଦିନ ଯଦି ଆମେ ଯୁଦ୍ଧର ନୀତି ଉଲ୍ଲଙ୍ଘନ କରି ନଥାନ୍ତୁ କି ଅନ୍ୟାୟ ଧର୍ମକୁ ପ୍ରଶ୍ରୟ ଦେଇ ନଥାନ୍ତୁ ହୁଏତ ଆମେ ସମସ୍ତେ ବାଳୁତ ଯୋଦ୍ଧାଟି ହାତରେ ପରାଜୟ ବରଣ କରିଥାନ୍ତୁ । ସ୍ୱାର୍ଥପର ଭାବେ ନିଜର ସୁରକ୍ଷା ପାଇଁ ଆମେ ଯାହାକିଛି କଲୁ, ତାହା ଆଦୌ ଠିକ୍ କରିନୁ ।

ନିଜକୁ ଯେତେ ବୁଝାଇବାକୁ ଚେଷ୍ଟା କରୁଥିଲେ ବି, ଆଦୌ ବୁଝାଇ ପାରୁନଥିଲି । ଭାରାକ୍ରାନ୍ତ ମନ ନେଇ ମୁଁ ଅନ୍ୟମନସ୍କ ଭାବେ ପଦଚାରଣ କରୁଥିଲି । ମିତ୍ର ଦୁର୍ଯ୍ୟୋଧନ ମୋ ଶିବିରକୁ ପ୍ରବେଶକରି ଆଉ ଏକ ନୂତନ ସମ୍ବାଦ ଦେଲେ । ସମ୍ବାଦଟି ଥିଲା ଏଇପରି । ସେଦିନ ସଂଶପ୍ତକ ମାନଙ୍କୁ ମାରି ଅର୍ଜୁନ ଯେବେ ନିଜ ଶିବିରକୁ ଫେରନ୍ତି; ସେଠାରେ ଅଭିମନ୍ୟୁର ମରଶରୀରକୁ ଦେଖି ଭାଇମାନଙ୍କ ମୁହଁରୁ ସବୁକଥା ଶୁଣି ସବ୍ୟସାଚୀ ପ୍ରତିଜ୍ଞା କରନ୍ତି, ଆଗାମୀକାଲି ସୂର୍ଯ୍ୟାସ୍ତ ପୂର୍ବରୁ ଜୟଦ୍ରଥ ବଧ ନକରିପାରିଲେ ସେ ନିଜେ ଆତ୍ମାହୂତି ଦେବେ।

ଏଥିରେ ଉଲ୍ଲସିତ ହେବାର କାରଣ କ'ଣ? କାଲି ସୂର୍ଯ୍ୟାସ୍ତ ପୂର୍ବରୁ ଅର୍ଜୁନଙ୍କ ହାତରେ ଜୟଦ୍ରଥ ବଧ ଯେ ନହେବ, ତାହା କିଏ କହିପାରିବ ?

ନା ନା ମିତ୍ର ନା । ଜୟଦ୍ରଥଙ୍କ ସୁରକ୍ଷା ଦାୟିତ୍ୱ ଆଚାର୍ଯ୍ୟ ନିଜେ ନେଇଛନ୍ତି । ଜୟଦ୍ରଥ ପାଇଁ ସେ ଏପରି ବ୍ୟୂହଟିଏ ସଜାଡ଼ି ରଖିବେ, ଯେଉଁଥିରେ ଅର୍ଜୁନ ଶତଚେଷ୍ଟା କଲେ ମଧ ଖୋଜି ପାଇବନି । ଆଉ ତାପରେ ସୂର୍ଯ୍ୟାସ୍ତ ପରେ ଅର୍ଜୁନ ଆଉ ଥିବେ ଯେ ତାଙ୍କର ପ୍ରତିଜ୍ଞା ପୂରଣ କରିପାରିବେ ।

ବୁଝିଲ ମିତ୍ର । ଅର୍ଜୁନ ହେଉଛନ୍ତି ପାଣ୍ଡବମାନଙ୍କର ବଳ ଆଉ ଅସ୍ତ୍ର । ତେଣୁ ଅର୍ଜୁନ ବିନା ପାଣ୍ଡବଙ୍କ ପରାଜୟ ସୁନିଶ୍ଚିତ । ତାପରେ ତ ବିଜୟ ଆମ ହାତରେ ।

ଦୁର୍ଯ୍ୟୋଧନ ମୋ ନିକଟରୁ ଚାଲିଗଲେ ।



ମୋ ମନରେ କିନ୍ତୁ ସନ୍ଦେହ ଆସୁଥିଲା । ସତରେ କ'ଣ ଜୟଦ୍ରଥଙ୍କୁ ଅର୍ଜୁନ ହାତରୁ ଆଚାର୍ଯ୍ୟ ବଞ୍ଚାଇ ପାରିବେ ? ଆଉ ଯଦି ବଞ୍ଚାଇ ଦିଅନ୍ତି ତେବେ ଅର୍ଜୁନ ତାଙ୍କ ପ୍ରତିଜ୍ଞା ରକ୍ଷାକରି ଶେଷରେ ଆତ୍ମାହୂତି ଦେବେ ? କେଜାଣି କାହିଁକି, ମୋ ମନକୁ ଏସବୁ ଠିକ୍ ଲାଗୁନଥିଲା। କେଶବ ଯା'ର ସାରଥୀ ସେ ପୁଣି ଜୟଦ୍ରଥକୁ ଭୟ କରିବ । ମୁଁ ଖାଲି ଭାବୁଥିଲି, ଅର୍ଜୁନଙ୍କ ଶପଥର ଫଳାଫଳ କ'ଣ ହେବ ।

ଶପଥ, ପ୍ରତିଜ୍ଞା.... ଖୁବ୍ କଠୋର । ତାହାଠାରୁ ଆହୁରି କଠୋର ଶପଥକୁ ପାଳନ କରିବା, ତାକୁ କାର୍ଯ୍ୟରେ ପରିଣତ କରିବା । ମୋର ମଧ ଗୋଟିଏ ଶପଥ ଅଛି । ଆଜିପର୍ଯ୍ୟନ୍ତ ମୋତେ ସେ ସୁଯୋଗ ମଧ ମିଳୁନି । ମୁଁ କେତେଦୂର ତାହା ପୂରଣ କରିପାରିବି କିମ୍ବା ନ ପାରିବି ସେ ତ ପରକଥା । ହେଲେ, ମୋତେ ସେଥିପାଇଁ ସୁଯୋଗ ମିଳୁଛି କାହିଁ ? ଆଉ ଯଦି ସୁଯୋଗ ନପାଏ, ମୋର ଆଶା, ଆକାଂକ୍ଷା ମଧ ଅପୂରଣ ହୋଇ ରହିଯିବ । ମୋ ବୀରତ୍ୱ ପ୍ରତି ଏହା ଏକ ମସ୍ତବଡ଼ କୁଠାରଘାତ । ମୁଁ ବଞ୍ଚେ କି ମରେ, ସେ ନେଇ ମୁଁ ବିବ୍ରତ ନୁହେଁ, ହେଲେ ଥରୁଟିଏ ହେଲେ ମଧ ମୋତେ ଅର୍ଜୁନଙ୍କ ସମ୍ମୁଖୀନ ହେବାକୁ ପଡ଼ିବ । ସେହି ଆଶାନେଇ ପରବର୍ତ୍ତୀ ଘଟଣାକୁ ଅପେକ୍ଷା କରି ରହିଲି ।

- ସତଚାଳିଶ -

ଯୁଦ୍ଧର ତ୍ରୟୋଦଶ ଦିନରେ ଅର୍ଜୁନଙ୍କ ହାତରେ ଜୟଦ୍ରଥଙ୍କର ବୀରଗତି ହୋଇଗଲା। ଘଟଣାଟି ଘଟିଗଲା ଖୁବ୍ ନାଟକୀୟ ଭାବେ । ଆଉ ଏ ନାଟକର ମୁଖ୍ୟନାୟକ ଥିଲେ ସ୍ୱୟଂ ବାସୁଦେବ ।

ସେଦିନ ଯୁଦ୍ଧକ୍ଷେତ୍ରରେ ଜୟଦ୍ରଥର ସୁରକ୍ଷା ପାଇଁ ଆଚାର୍ଯ୍ୟ ଅତି ଯତ୍ନର ସହ ସଜାଡ଼ିଥାନ୍ତି ଏକ ସ୍ୱତନ୍ତ୍ର ବ୍ୟୂହ, ଯାହାର ନାମ ପଦ୍ମବ୍ୟୂହ । ପଦ୍ମପାଖୁଡ଼ାର କେଶର ମଧ୍ୟରେ ଆଚାର୍ଯ୍ୟ ଲୁଚାଇ ଦେଇଥାନ୍ତି ଜୟଦ୍ରଥଙ୍କୁ । ବାସ୍ତବରେ ଆଚାର୍ଯ୍ୟଙ୍କ ଏଭଳି ରଣସଜ୍ଜାକୁ ମୁଁ ପ୍ରଶଂସା ନକରି ରହିପାରୁ ନଥିଲି । ତାଙ୍କୁ ଏଭଳି ଗୁପ୍ତରେ ରଖାଯାଇଥିଲା ଯେ, ଅର୍ଜୁନଙ୍କ ପକ୍ଷେ ତାଙ୍କୁ ଖୋଜି ବାହାର କରିବା ସମ୍ଭବପର ନଥିଲା । ହେଲେ, କ୍ଷଣିକରେ ସବୁକିଛି ଓଲଟପାଲଟ ହୋଇଗଲା । ଅର୍ଜୁନଙ୍କ ପାଇଁ ପ୍ରସ୍ତୁତ ହୋଇ ସାରିଥିଲା ଚିତା । ସୂର୍ଯ୍ୟାସ୍ତ ସୁଦ୍ଧା ଅର୍ଜୁନ ନିଜ ଶପଥ ପାଳନରେ ସଫଳ ହୋଇ ନପାରି ଚିତାରେ ଚଢ଼ିବାକୁ ପ୍ରସ୍ତୁତ ହେଉଥିବା ସମୟରେ କୌରବ ଶିବିରରେ ଖେଳିଯାଏ ଆନନ୍ଦର ଲହରୀ । ଆଉ ଏ ଆନନ୍ଦ ଉଲ୍ଲାସରେ ଭାଗ ନେବାପାଇଁ ନିଜ ସ୍ଥିତିକୁ ଭୁଲିଯାଇ ଜୟଦ୍ରଥ ବାହାରି ଆସନ୍ତି ବ୍ୟୂହ ମଧ୍ୟରୁ । ଠିକ୍ ସେହି ସମୟରେ ବଦଳିଯାଏ ଦୃଶ୍ୟପଟ୍ଟ । ଗ୍ରହଣମୁକ୍ତ ସୂର୍ଯ୍ୟାଲୋକରେ ଆଲୋକିତ ହୋଇଉଠେ ପଶ୍ଚିମାକାଶ । ସେହି ମୁହୂର୍ତ୍ତରେ ହିଁ କୃଷ୍ଣଙ୍କ ନିର୍ଦ୍ଦେଶରେ ନିରସ୍ତ୍ର ଜୟଦ୍ରଥ ଉପରକୁ ଅସ୍ତ୍ରପ୍ରହାର କରନ୍ତି ଅର୍ଜୁନ। ବୀରଗତି ପାଆନ୍ତି ଜୟଦ୍ରଥ । ଘଟଣାଟି ଆମ ସମସ୍ତଙ୍କୁ ସ୍ତବ୍ଧ କରିଦିଏ ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨

## ଫଗୁଣର ଫଗୁରେ ମୁଁ

**ସ୍ମିତା. ଜି. ମହାପାତ୍ର**



ଫୁଲ ତୋଳିବାକୁ ଯାଇ ମୁଁ ଦେଖିଲି
ଫୁଲକି ପତର ନାହିଁ..
ମନ ଦୁଃଖରେ ମୁଁ ଫେରି ଆସିଥିଲି
କାହାକୁ କିଛି ନ କହି..।

ଫୁଲ କିଣି ଆଣି ପୂଜା କରୁଥାଏ
ମନାସି କେତେ କଲ୍ୟାଣ..
ଧୈର୍ଯ୍ୟ ସହକାରେ ରାହା ଦେଖୁଥାଏ
କେବେ ଆସିବ ଫଗୁଣ...।

ମୋର ମନ ଜାଣି ଫଗୁଣ ଆସଇ
ରଙ୍ଗ ପସରାକୁ ନେଇ..।
ପଳାଶ ଶିମିଳି ମଲ୍ଲୀ କାଠଚମ୍ପା
ମୋ ପାଇଁ ଦିଏ ବିଛାଇ...।

ଥିରି ଥିରି ପାଦେ ଚୁପି ଚୁପି ଆସେ
ସୁଲୁ ସୁଲୁ ପବନରେ..
ମିଠା ମିଠା ବାସ ମୁଠାମୁଠା ରଙ୍ଗ
ଭରେ ମୋର ଜୀବନରେ...।

ରଙ୍ଗରେ ରଙ୍ଗରେ ରଙ୍ଗେଇ ମୋ ମନ
ରଙ୍ଗୋଲିରେ ମନ ମୋହେ..
ପଳାଶ ପାଟରେ ପିନ୍ଧାଇ ଧରାକୁ
ଭାବରେ ସେ କଥା ହୁଏ...।

ଫୁଲ ପାଖୁଡାରେ ଅବିର ବିଞ୍ଚି ସେ
କରୁଥାଏ ଆକର୍ଷଣ..
ଅଳପ ଦିନରେ ଅପାର ପୁଲକ
ଦେଇପାରେ ମୋ ଫଗୁଣ...।

ଅପାରହ୍ନେ ମୋର ପ୍ରିୟ ସାଥି ସବୁ
ଫଗୁଣର ଫଗୁ ସମ..
ଆମ୍ବ ବଉଳର ବାସନାଟେ ହୋଇ
ଝରୁଛନ୍ତି ପ୍ରତିଦିନ..।

ଜୀବନ ଯେମିତି ଯାଉଅଛି ବହି
ସମୟର ସ୍ରୋତ ଧାରେ...
ଆସରେ ସଭିଏଁ ଖୁସିରେ ଜୀଇଁବା
ଏ ଫଗୁଣର ଫଗୁରେ..।

+ବାରିପଦା
ମୋ: ୯୪୩୭୬୧୫୨୨୧



## ସମ୍ପର୍କର ରଙ୍ଗ

# ଗୀତା ଛାଡି ସ୍ମାର୍ଟ ଫୋନ୍ ମୋହରେ ବୟୋଜ୍ୟେଷ୍ଠ

**ଶ୍ୱେତା ରାଉତ୍**



ଏବେ ବଡ ବିଚିତ୍ର ପରିସ୍ଥିତି ଘଟୁଛି ପୃଥିବୀରେ। ମଣିଷ ଧିରେ ଧିରେ କଳିର କୂଟ ଚକ୍ରାନ୍ତରେ ପେଶିହୋଇ ଜୀବନ ଓ ଜୀବାତ୍ମାର ମହାନୁଭବକୁ ପାଶୋରି ଯାଉଛି। ସବୁଠୁ ବଡ ବ୍ୟଥିତ କରୁଥିବା କଥା ହେଉଛି ବୟସ୍କ ବା ବୃଦ୍ଧମାନଙ୍କ ଭିତରେ ଯେତେବେଳେ ଯେଉଁ ବୟସରେ ଭାଗବତ ଗୀତା ପଢିବା କଥା, ଆଧ୍ୟାତ୍ମ ସହିତ ଜଡିତ ରହି ସଂସାର ବା ପରିବାରର କନିଷ୍ଠମାନଙ୍କୁ ମହତ ଜ୍ଞାନ, ପରାମର୍ଶ ଦେଇ ସତ୍ ପଥାନୁଗାମୀ କରିବା କଥା, ନିଜର ଅନ୍ତିମ ମୂଲ୍ୟବାନ ସମୟ ସବୁକୁ ପ୍ରଭୁଙ୍କ ଚରଣାବିନ୍ଦରେ ଲୀନ କରିଦେବା କଥା, ସେତେବେଳେ ସେମାନେ ଆଧୁନିକତାର ଚାକଚକ୍ୟମୟ ଡିଜିଟାଲ ଦୁନିଆର ମାୟାରେ ପଡି ସ୍ମାର୍ଟ ଫୋନ୍ ରେ ସମୟ ଅପଚୟ କରିବାରେ ଆନନ୍ଦ ଅନୁଭବ କରୁଛନ୍ତି। ଯୁବକମାନଙ୍କ ଅପେକ୍ଷା ବୃଦ୍ଧମାନେ ଘଣ୍ଟା ଘଣ୍ଟା ଫୋନରେ ସମୟ ଦେଉଛନ୍ତି। ଜ୍ଞାନ, ଧ୍ୟାନ, ଭଜନ-କୀର୍ତ୍ତନ, ଗୀତା-ସଂହିତା ଏସବୁ ସେମାନଙ୍କୁ ବୋଝ ଭଳି ଲାଗିଲାଣି।

ଯେଉଁଠି ମୁରବୀମାନେ ସଂସ୍କାର-ସଂସ୍କୃତି, ପ୍ରଥା-ପରମ୍ପରା, ନୀତି-ମୂଲ୍ୟବୋଧ, ଭାବନା-ଚେତନା ଉପରେ ଗୁରୁତ୍ୱ ଦେଉନାହାନ୍ତି, ସେଠି ଆମେ ଆଗାମୀ ପିଢି ଉପରେ ସେମାନଙ୍କ ସଂସ୍କାର ଓ ସ୍ୱଭାବ ଉପରେ କିଭଳି ଆଶା ରଖି ଭରସା କରି ପାରିବା? ଆମ ପିଲାମାନେ ପଥଭ୍ରଷ୍ଟ ହେଉଛନ୍ତି, ଆମ ପ୍ରତି ହତାଦର କରୁଛନ୍ତି, ପିତାମାତାଙ୍କ ପ୍ରତି ଅବହେଳିତ ମନୋଭାବ ରଖୁଛନ୍ତି।ଏଭଳି ଆରୋପ ପିଲାମାନଙ୍କ ଉପରେ ରଖିବା ଆଗରୁ ଅଭିଭାବକମାନେ ନିଜକୁ ପ୍ରଶ୍ନଟିଏ ନିହାତି ପଚାରିବା ଆବଶ୍ୟକ, ନିଜର ଦାୟିତ୍ୱବୋଧରେ, ପିଲାମାନଙ୍କୁ ଶିକ୍ଷା ସଂସ୍କାର ଦେବାରେ କେଉଁଠି ଅବହେଳା କରୁନାହାନ୍ତି ତ ? ନିଜର ବହୁମୂଲ୍ୟ ସମୟ ପିଲାମାନଙ୍କ ସହିତ କଟାଇବା ବଦଳରେ କୌଣସି ଖଟିରେ କଟାଉନାହାନ୍ତି ତ?

ରବିନ୍ଦ୍ର ନାଥ ଠାକୁର ଭାରତବର୍ଷକୁ 'ମହାମାନବସମୁଦ୍ର' ବୋଲି କହିଛନ୍ତି। ଏହି ପୂଣ୍ୟ ମାଟିରେ ଅସୁର ଆସିଛନ୍ତି, ଆର୍ଯ୍ୟ ଆସିଛନ୍ତି, ଶକ, ହୁଣ, ନାଗ, ଯକ୍ଷ, ଗନ୍ଧର୍ବ ଜଣାନାହିଁ କେତେ ଯେ ମାନବଜାତି ଆସିଛନ୍ତି ଏବଂ ଆଜିର ଏହି ଭାରତବର୍ଷ ସ୍ଥାପନା କରିବାରେ ଯୋଗଦାନ ଦେଇଛନ୍ତି ତାହା ଅବର୍ଣ୍ଣନୀୟ। ଅନେକ ଆର୍ଯ୍ୟ ଏବଂ ଆର୍ଯ୍ୟତର ଉପାଦାନର ଅଦ୍ଭୁତ ମିଶ୍ରଣରେ ଆମ ହିନ୍ଦୁମାନଙ୍କ ରୀତି ନୀତି ଗଠିତ। ଏଠି ପଶୁ, ପକ୍ଷୀ, ଫୁଲ, ଫଳ, ମାଟି, ପାଣି, ଆକାଶ, ବୃକ୍ଷ, ସମୁଦ୍ର ସମସ୍ତେ ଗୋଟେ ଗୋଟେ କାରଣ ନେଇ ପୃଥିବୀକୁ ଆସିଛନ୍ତି। ଜୀବନଚର୍ଯ୍ୟାର ସୁଖ-ଦୁଃଖ, ଭାବ-ବନ୍ଧନ ପବିତ୍ର ଗୀତାର ପ୍ରତିଟି ଅଧ୍ୟାୟରେ ପ୍ରଭୁ ମନୁଷ୍ୟର ଜୀବସତ୍ତାକୁ ସୁପଥାନୁଗାମୀ କରିବା ପାଇଁ ନିଜର ଆଭିମୁଖ୍ୟ ଲେଖି ଯାଇଛନ୍ତି। ଜ୍ଞାନର ମହାସମୁଦ୍ରରୁ ଆଜି ଆମେ ବିନ୍ଦୁଏ ଜଳ ସଦୃଶ ଜ୍ଞାନ ଆହରଣ କରିବାକୁ କୁଣ୍ଠାବୋଧ କଲେ ଆଗାମୀ ପିଢିକୁ କେଉଁ ନୈତିକତାର ଜ୍ଞାନ ବାଣ୍ଟିବା ? କେବଳ ବିଧ୍ୱଂସ ବାକି ରହି ଯିବନି ତ? ପରମାତ୍ମାଙ୍କୁ ଭୁଲିଗଲେ ଆତ୍ମା ସ୍ଥିତିଶୂନ୍ୟ ହୋଇଯିବ।

ଏ ପୂଣ୍ୟଭୂମି ଭାରତବର୍ଷରେ ଆଧ୍ୟାତ୍ମ, ଗୀତା ଭାଗବତର ମହାନୁଭବ ପ୍ରତି ଯଥୋଚିତ ସମ୍ମାନ କରିବା ଭୁଲିଯାଇ ଯଦି ବୃଦ୍ଧାବସ୍ଥାରେ ନାମ ଜପ ତପ ଛାଡି ସ୍ମାର୍ଟ ଫୋନ୍‌ରେ ସମୟ ବ୍ୟତୀତ କରିବେ, ହତ୍ୟା, ଲୁଣ୍ଠନ, ଚୋରି, ବ୍ୟଭିଚାରୀ, କାମନା ବାସନାର ସମ୍ବାଦକୁ ମସ୍ତିଷ୍କରେ ପୋଷିତ କରିବେ, ତେବେ ହଜାର ମନ୍ଦିର ଗଢି ଲୋକଦେଖଣା ପୂଜା-ପାଠ, ମେଳା-ମେଳଣ, ଓଷା-ବ୍ରତର କିଛି ଲାଭନାହିଁ। ଆଧ୍ୟାତ୍ମକୁ କେହି ଉତ୍ସବରେ ପାଏନାହିଁ, ଆନ୍ତରିକ ଭାବାବେଗ, ହୃଦୟର ଶୀତଳତା, ଶ୍ରଦ୍ଧା ଓ ସମର୍ପଣ ଆଧ୍ୟାତ୍ମକୁ ପରିପୃଷ୍ଟ କରେ। ଆଧ୍ୟାତ୍ମଠାରୁ ଦୂରେଇ ରହୁଥିବା ଯୋଗୁଁ ଆଜିକାଲି ବୟୋଜ୍‌ଯଷ୍ଠମାନଙ୍କ ଠାରେ ଚିଡିଚିଡାପଣ, ଅଶାନ୍ତି, ଅନାଗ୍ରହ, ବିରକ୍ତିଭାବ ବଢିବାରେ ଲାଗୁଛି। ତେଣୁ ସମସ୍ତ ବୟୋଜ୍ୟେଷ୍ଠଙ୍କୁ ଅନୁରୋଧ ଫୋନ୍ ଅପେକ୍ଷା ଗୀତା ଭାଗବତରେ ମୋହ ରଖନ୍ତୁ। ଅନ୍ତତଃ ନିଜ ଆତ୍ମାର ଶାନ୍ତି ସହିତ ସମାଜର ମଙ୍ଗଳ ହୋଇପାରିବ।

+ ରାଉତ୍ କମ୍ପ୍ଲେକ୍ସ,କଟକ ରୋଡ୍,ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ପାର୍ଟିସିପେସନ ଅଫ ରେଲୱେ ଏମ୍ପ୍ଲୋୟିଜ ଇନ୍ ମ୍ୟାନେଜମେଂଟ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୨୩/୦୩ (ନି.ପ୍ର): ପରିଚାଳନାରେ କର୍ମଚାରୀ / ଶ୍ରମିକଙ୍କ ଅଂଶଗ୍ରହଣର ଏକ ଅଂଶ ଭାବରେ, ପୂର୍ବତଟ ରେଳପଥ ପକ୍ଷରୁ ଆଜି ଏହାର ମୁଖ୍ୟାଳୟ ରେଳ ସଦନ ଠାରେ ପାର୍ଟିସିପେସନ ଅଫ ରେଲୱେ ଏମ୍ପ୍ଲୋୟିଜ ଇନ୍ ମ୍ୟାନେଜମେଂଟ (ପ୍ରେମ୍) ବୈଠକ ଅନୁଷ୍ଠିତ ହୋଇଯାଇଅଛି ଯେଉଁଠାରେ ରେଳପଥର ସ୍ୱୀକୃତିପ୍ରାପ୍ତ ଟ୍ରେଡ ୟୁନିଅନର ପ୍ରତିନିଧୀ, ଅଧିକାରୀ ସଂଘ ଏବଂ ଆରପିଏଫ ଆସୋସିଏସନ ମାନଙ୍କର ପ୍ରତିନିଧି ମାନେ ଅଂଶଗ୍ରହଣ କରି ଫଳପ୍ରଦ ଭାବରେ ଗୁଣାତ୍ମକ କାର୍ଯ୍ୟ କରିବାକୁ ମତ ରଖିଥିଲେ। ପାର୍ଟିସିପେସନ ଅଫ ରେଲୱେ ଏମ୍ପ୍ଲୋୟିଜ ଇନ୍ ମ୍ୟାନେଜମେଂଟ ବୈଠକର ଧାରଣା କେବଳ ରେଳବାଇ ପାଇଁ ଅତୁଳନୀୟ ଏବଂ ଜୀବନ୍ତ ଏବଂ ଏହା ପରିପକ୍ୱ ଶିଳ୍ପ ସମ୍ପର୍କର ଏକ ସାକ୍ଷ୍ୟ ଅଟେ । ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବ ଏହି ବୈଠକରେ ସଭାପତିତ୍ୱ କରିଥିବାବେଳେ ଉପ ମହାପ୍ରବନ୍ଧକ ଅଶୋକ କୁମାର ମିଶ୍ର ଏହି ସଭାର ସଂଯୋଜନା କରିଥିଲେ। ରେଳପଥର ପ୍ରମୁଖ ଅଧିକାରୀ ମାନେ ମଧ ଏହି ଅବସରରେ ଉପସ୍ଥିତ ଥିଲେ।

# ବିଜେଡି ଟଙ୍କା ବାଂଟୁଥିବା ନେଇ ନିର୍ବାଚନ କମିଶନଙ୍କୁ ଫେରାଦ ହେଲା ବିଜେପି

ଭୁବନେଶ୍ୱର,୨୩/୦୩ (ନି.ପ୍ର): ସାଧାରଣ ଭୋଟରଙ୍କୁ ପ୍ରଲୋଭିତ କରି ଜୋର ଜବରଦସ୍ତ ଭୋଟ ହାତେଇବା ସୁସ୍ଥ ଗଣତନ୍ତ୍ର ପ୍ରତି ବିପଦ। ଶାସକ ବିଜେଡି ଭୋଟ ହାତେଇବା ପାଇଁ ଟଙ୍କାକୁ ମୁଖ୍ୟଅସ୍ତ୍ରଭାବେ ବ୍ୟବହାର କରୁଛି। ଦୁର୍ନୀତି ଓ ଭ୍ରଷ୍ଟାଚାର ଦ୍ୱାରା ବିକାଶ ପାଇଁ ଉଦ୍ଦିଷ୍ଟ ଅର୍ଥକୁ ବ୍ୟାପକ ମାତ୍ରାରେ ହରିଲୁଟ କରି ଦଳୀୟ ସ୍ୱାର୍ଥରେ ଖର୍ଚ୍ଚ କରୁଛି ବିଜେଡି ବୋଲି ରାଜ୍ୟ ଓବିସି ମୋର୍ଚ୍ଚାର ସଭାପତି ସୁରଥ ବିଶ୍ୱାଳ କହିଛନ୍ତି। ପୌର ନିର୍ବାଚନ ପାଇଁ ରାଜ୍ୟବ୍ୟାପୀ ନିର୍ବାଚନ ଆଚରଣ ବିଧି ଜାରୀ ଥିବା ବେଳେ ବିଜୁ ଜନତା ଦଳର ମନ୍ତ୍ରୀ ଓ ନେତାମାନେ ଏହାର ଖୋଲାଖୋଲି ଉଲଘଂନ କରୁଛନ୍ତି। ଭୁବନେଶ୍ୱର ମହାନଗର ନିଗମ ଜାଗମରା ଅନ୍ତର୍ଗତ ୬୩ନଂ ୱାର୍ଡରେ ବିଜେଡି ପ୍ରାର୍ଥୀନି ରୁନୁ ଜେନା ଦିବା ଆଲୋକରେ ଟଙ୍କା ବାଂଟିବା ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ। ତେଣୁ ରାଜ୍ୟ ରାଜ୍ୟ ନିର୍ବାଚନ କମିଶନ ଏହାକୁ ଗୁରୁତ୍ୱର ସହ ବିଚାର କରି ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେପି ତରଫରୁ ଦାବି କରାଯାଇଛି।

ପଂଚାୟତ ନିର୍ବାଚନରେ ବିଜୁ ଜନତା ଦଳର ଗୁଣ୍ଡାଗର୍ଦ୍ଦି, ସାମ୍ବାଦିକଙ୍କୁ ମାଡ, ଭୋଟ ବାକ୍ସ ପାଣିକୁ ଫିଙ୍ଗିବା ଭଳି ଜଘନ୍ୟକାଣ୍ଡ ଘଟାଇଥିଲେ ବି ଏହାକୁ ସରକାରୀ କର୍ମଚାରୀମାନେ ସାହାଯ୍ୟ କରୁଥିଲେ। ଏବେ ପୌର ନିର୍ବାଚନ ପ୍ରଚାର ସମୟରେ ସମାନ ପରିସ୍ଥିତି ଦେଖିବାକୁ ମିଳୁଛି। ବିଜୁ ଜନତା ଦଳର ମନ୍ତ୍ରୀମାନେ କଳ, ବଳ ନିଜ ଆୟତରେ ଦୁର୍ନତି କରିବାରେ ଲାଗିଛନ୍ତି। ଯାହା ସ୍ୱଚ୍ଛ ଦିବାଲୋକରେ ପରିଦୃଷ୍ଟ ହେଉଛି। ବିଜେଡି ପ୍ରାର୍ଥୀ ରୁନୁ ଜେନା ଦିନ ଦ୍ୱିପହରେ ଟଙ୍କା ବାଂଟିବା ଫଟୋ ଭାରତୀୟ ଜନତା ପାର୍ଟି ପାଖରେ ରହିଛି। ଶ୍ରୀମତୀ ଜେନାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ବାଚନ କମିଶନଙ୍କୁ ଦାବି କରିଛି ବିଜେପି।

ଏହି ପ୍ରତିନିଧି ଦଳରେ ରାଜ୍ୟ ଓବିସି ମୋର୍ଚ୍ଚାର ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତ ଜେନା, ଓବିସି ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ପତି, ମହିଳା ମୋର୍ଚ୍ଚା ଗଣମାଧମ ସଂଯୋଜକ ସୁଚରିତା ଜେନାମଣି ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପାଇଁ ବିକଳ୍ପ ନିଷ୍ପତ୍ତି

ଭୁବନେଶ୍ୱର ,୨୩/୦୩ (ନି.ପ୍ର): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ବିଭିନ୍ନ ସରକାରୀ ପ୍ରକଳ୍ପ ଯଥା ରେଳପଥ, ଜାତୀୟ ରାଜପଥ, ରାଜ୍ୟ ରାଜପଥ, ବିଜୁ ଏକ୍ସପ୍ରେସ ୱେ ଏବଂ ବିଭିନ୍ନ ଜଳସେଚନ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ତ୍ୱରାନ୍ୱିତ କରିବାପାଇଁ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସମୀକ୍ଷା ବୈଠକରେ ଯୋଗ ଦେଇଥିବା ବିଭିନ୍ନ ବିଭାଗର କ୍ଷେତ୍ରାଧିକାରୀଙ୍କ ମତାମତକୁ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା RFCTLARR Act , ୨୦୧୩ ମାଧମରେ ସରକାରଙ୍କ ଅନୁମୋଦନ ପରେ ଜମି ଅଧିଗ୍ରହଣ ତ୍ୱରାନ୍ୱିତ କରିବାକୁ ବଳିଷ୍ଠ ନିଷ୍ପତି ନିଆଯାଇଛି ।

RFCTLARR Act ଅନୁସାରେ ଅଧିଗ୍ରହଣ ହେବାକୁ ଥିବା ଜମିର ସମସ୍ତ ଜମିମାଲିକଙ୍କୁ ପ୍ରାପ୍ୟ ପ୍ରଦାନ ପରେ ଜମି ଦଖଲ ନେବାର ବିଧିବ୍ୟବସ୍ଥା ଥିଲେ ମଧ ଜମିମାଲିକ ସଂଖ୍ୟା, ମୃତ ପ୍ରଜାଙ୍କ ଉତରାଧିକାରୀ ଆଦି କାରଣରୁ ଏହା ସମ୍ଭବ ହୋଇପାରୁନଥିଲା । ପୂର୍ବରୁ ପ୍ରଚଳିତ ଭୂମି ଅଧିଗ୍ରହଣ ଆଇନ ୧୮୯୪ ଅନୁଯାୟୀ ୮୦% ଜମିମାଲିକଙ୍କୁ ପ୍ରାପ୍ୟ ପ୍ରଦାନ ପରେ ସମ୍ପୃକ୍ତ ଜମିକୁ ଦଖଲକୁ ନେଇ ପ୍ରକଳ୍ପ ଆରମ୍ଭ କରାଯାଇପାରୁଥିଲା । ସେହି ନିୟମକୁ ଦୃଷ୍ଟିରେ ରଖି ରାଜ୍ୟରେ ସରକାରୀ ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ କରିବା ପାଇଁ ଏହି ବିକଳ୍ପ ନିଷ୍ପତି ନେଇଛନ୍ତି ।

ଏହି ନିଷ୍ପତି ଅନୁଯାୟୀ କୌଣସି ପ୍ରକଳ୍ପରେ ଆବଶ୍ୟକ ହେଉଥିବା ଜମିର ଶତକଡା ୮୦ ଭାଗ ଜମିର ପ୍ରାପ୍ୟ ଜମିମାଲିକଙ୍କୁ ଦିଆଗଲା ପରେ ଅବଶିଷ୍ଟ ଅର୍ଥକୁ ଉପଯୁକ୍ତ କୋର୍ଟରେ ଜମା ରଖି ସମୁଦାୟ ଜମିକୁ ଅଧିଗ୍ରହଣ କରି ହେବ । ଯଦି କୌଣସି ଜମିମାଲିକ ବିରୋଧ କରୁଥିବା ସତ୍ୱେ ଅଧିଗ୍ରହଣ ହେଉଥିବା ଜମିର ପ୍ରାପ୍ୟ ନେଇଥାନ୍ତି କିମ୍ବା ପ୍ରାପ୍ୟ ନେଲାପରେ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥାନ୍ତି ତେବେ ତାଙ୍କର ଜମି ଶତକଡା ୮୦ ଭାଗ ଜମି ମଧରେ ଗଣତି ହେବ । କୌଣସି ହିତାଧିକାରୀ ଏହି ପ୍ରକ୍ରିୟାରେ ଆଇନ ଅନୁଯାୟୀ ସ୍ଥିରୀକୃତ ପ୍ରାପ୍ୟ ନେବାକୁ ଇଛା ପ୍ରକାଶ ନକଲେ ସେହି ପ୍ରାପ୍ୟ ଉପଯୁକ୍ତ ଅଧିକାରୀଙ୍କ ନିକଟରେ ଜମା ହୋଇ, ଜମି ଅଧିଗ୍ରହଣ ହୋଇପାରିବ ।

ବିଭିନ୍ନ ସରକାରୀ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ସର୍ବସାଧାରଣଙ୍କ ଉନ୍ନତି ନିମନ୍ତେ ଉଦ୍ଦିଷ୍ଟ ଏଥିରେ କାଳକ୍ଷେପଣ ନୀତିରେ ଉଭୟ ଅର୍ଥ ଓ ସମୟର ଅପଚୟ ହୋଇଥାଏ ଏବଂ ଏହା ଦ୍ୱାରା ବୃହତର ସ୍ୱାର୍ଥ ସାଧିତ ହୋଇନଥାଏ । ବିଭିନ୍ନ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ପାଇଁ ସରକାର ଉପରୋକ୍ତ ପଦକ୍ଷେପ ନେଇଛନ୍ତି ଓ ଏହି ପଦକ୍ଷେପ ଅନୁଯାୟୀ କାର୍ଯ୍ୟ କରିବାକୁ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ଜମି ଅଧିଗ୍ରହଣ ଅଧିକାରୀ ଓ କ୍ଷେତ୍ରାଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ରେଳପଥ, ଜାତୀୟ ରାଜପଥ, ରାଜ୍ୟ ରାଜପଥ, ବିଜୁ ଏକ୍ସପ୍ରେସ ୱେ ଏବଂ ବିଭିନ୍ନ ଜଳସେଚନ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ କ୍ଷେତ୍ରାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଏହି ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣରେ ବିଳମ୍ବ ନକରିବା ପାଇଁ ତାଗିଦ କରିଛନ୍ତି ।

# ଜଳ ସମ୍ପଦ ବିଭାଗରେ ବିଶ୍ୱ ଜଳ ଦିବସ ପାଳିତ

ଭୁବନେଶ୍ୱର,୨୩/୦୩ (ନି.ପ୍ର): ରାଜ୍ୟ ଜଳ ସମ୍ପଦ ବିଭାଗ ତରଫରୁ ଆଜି ଅପରାହ୍ଣରେ ବିଶ୍ୱ ଜଳ ଦିବସ ଆଭାସୀ ବ୍ୟବସ୍ଥା ମାଧମରେ ପାଳିତ ହୋଇଯାଇଛି । ଏହି ଦିବସ ଉପଲକ୍ଷେ ପ୍ରସ୍ତାବିତ ରାଜ୍ୟ ଜଳ ନୀତି -୨୦୨୨ ଉପରେ ପ୍ରାଥମିକ ପର୍ଯ୍ୟାୟରେ ବିଭିନ୍ନ ଅଂଶୀଦାରୀ ବିଭାଗ ଓ ଅନୁଷ୍ଠାନମାନଙ୍କ ଠାରୁ ପରାମର୍ଶ ନିଆଯିବା ସହିତ ଏ ସଂପର୍କରେ ବିଚାରବିମର୍ଶ କରାଯାଇଥିଲା । ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ପଂଚାୟତିରାଜ ଓ ପାନୀୟ ଜଳ , ଗୃହ ଓ ନଗର ଉନ୍ନୟନ, ଶିଳ୍ପ, ମହିଳା ଓ ଶିଶୁ ବିଭାଗ, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ, ବୈଷୟିକ ବିଦ୍ୟା , ସୂଚନା ଓ ପ୍ରଯୁକ୍ତି, ସୂଚନା ଓ ଲୋକ ସଂପର୍କ ବିଭାଗ ସହିତ ୟୁନିସେଫ ଏବଂ ଏହାର ଅଂଶୀଦାରୀ ସଂସ୍ଥା ଯଥା ୱାସାନ, ଆଇ.ଆର.ସି, ଅର୍ଘ୍ୟମର ମୁଖ୍ୟ ଏବଂ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଆଗାମୀ ଦିନରେ ରାଜ୍ୟ ଜଳ ନୀତି ୨୦୨୨ ପ୍ରଣୟନ ହେବାକୁ ଥିବା ପରିପ୍ରେକ୍ଷୀରେ ସେ କହିଲେ ଯେ, ପୂର୍ବରୁ ପ୍ରଚଳିତ ରାଜ୍ୟ ଜଳନୀତି ୨୦୦୭ ପ୍ରବର୍ତନ ହେବାର ଦୀର୍ଘ ୧୫ ବର୍ଷ ଅତିକ୍ରାନ୍ତ ହୋଇଛି। ଇତି ମଧରେ ଜଳ ପରିଚାଳନା ଓ ଏହାକୁ ଆଧାର କରି ବହୁ ପରିବର୍ତନ ଆସିଛି । ସଂପ୍ରତି ପ୍ରଯୁକ୍ତି ବିଦ୍ୟାର ଅଧିକ ବ୍ୟବହାର ଯୋଗୁଁ ତଥ୍ୟ ପରିଚାଳନା, ପୋଷଣୀୟତା ଏବଂ ଜଳବାୟୁ ପରିବର୍ତନ, ପୁରୁଷ ସହିତ ମହିଳାମାନଙ୍କୁ ଜଳ ପରିଚାଳନା କ୍ଷେତ୍ରରେ ସମାନତା ପ୍ରଦାନ ଭଳି ପ୍ରସଙ୍ଗର ଏବେ ଗୁରୁତ୍ୱ ବୃଦ୍ଧି ପାଇଥିବା ବେଳେ ରାଜ୍ୟ ଜଳ ନୀତି-୨୦୨୨ ରେ ଏଥିପ୍ରତି ଦୃଷ୍ଟି ଦିଆଯିବା ନେଇ ଆଲୋଚନା ଓ ବିଚାରବିମର୍ଶ କରାଯାଇଥିଲା । ସେହିପରି ତଥ୍ୟ ଓ ସୂଚନା ଭିତିକ ଯୋଜନା, ପ୍ରଯୁକ୍ତି ବିଦ୍ୟା ଆଧାରିତ ଆଭିମୁଖ୍ୟ, ଉନ୍ନତ ତଥା ଯୁଗ୍ମ ଜଳ ପରିଚାଳନା ମାନାଙ୍କ( ସି.ଡବ୍ଲୁ.ଏମ୍.ଆଇ.), ସମସ୍ତଙ୍କ ସହଭାଗିତା ତଥା ସୂଚନା,ଶିକ୍ଷା ଓ ଯୋଗାଯୋଗର ସମ୍ମେଳନ, ସାମାଜିକ ଓ ବ୍ୟବହାରିକ ପରିବର୍ତନ ଯୋଗାଯୋଗ ବ୍ୟବସ୍ଥା ଫଳରେ ଜଳ ବ୍ୟବହାରକାରୀ ଯେପରି ଉପକୃତ ହେବେ ସେ ସମ୍ପର୍କରେ ବିଶଦ୍ ଆଲୋଚନା କରାଯାଇଥିଲା ।

ରାଜ୍ୟ ଜଳନୀତି-୨୦୨୨ ଲାଗୁ ପୂର୍ବରୁ ଆଗାମୀ ଦିନରେ ସମସ୍ତ ଅଂଶୀଦାରୀ ସରକାରୀ ବିଭାଗ ତଥା ମିଳିତ ଜାତିସଂଘର ସଂସ୍ଥା, ନୀତି ନିର୍ଦ୍ଧାରକ, ଶିକ୍ଷାବିତ୍, ବିଶେଷଜ୍ଞ, ଶିଳ୍ପ,କୃଷକ ତଥା ଅନ୍ୟାନ୍ୟ ପ୍ରମୁଖ ଭାଗିଦାରୀ ସଂସ୍ଥାମାନଙ୍କର ସହଯୋଗ ନିଆଯିବା ସଂପର୍କରେ ଆଲୋଚନା କରାଯାଇଥିଲା ।

## ଗତ ୨୪ ଘଣ୍ଟା ମଧ୍ୟରେ ୬୦ କରୋନା ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୨୩/୦୩ (ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୬୦ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୩୬ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୨୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୧୩ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି। ଆଜି ସୁନ୍ଦରଗଡ ଜିଲ୍ଲାରୁ ସର୍ବାଧିକ ୯ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି।

# ଏଚ୍‌ଆଇଭି ପ୍ରବଣ ଜିଲ୍ଲା ତାଲିକାରେ ଯୋଡ଼ି ହେଲା କଟକ, ନବରଙ୍ଗପୁର

ଭୁବନେଶ୍ୱର,୨୩/୦୩ (ନି.ପ୍ର): ରାଜ୍ୟରେ ଏଚ୍‌ଆଇଭି ପ୍ରବଣ ଜିଲ୍ଲା ତାଲିକାରେ ଯୋଡ଼ି ହୋଇଛି କଟକ, ନବରଙ୍ଗପୁର ଜିଲ୍ଲା। ନିକଟରେ ଜାତୀୟ ଏଡ୍‌ସ ନିୟନ୍ତ୍ରଣ ସମିତି ବା ନାକୋ ପକ୍ଷରୁ ପ୍ରତି ୨ବର୍ଷରେ ଥରେ ହେଉଥିବା ସେଣ୍ଟିନାଲ ସର୍ଭେରେ ଏହି ଦୁଇ ଜିଲ୍ଲାରେ ଅଧିକ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ଯାହାଫଳରେ ରାଜ୍ୟରେ ସର୍ବାଧିକ ଏଚ୍‌ଆଇଭି ପ୍ରବଣ ଜିଲ୍ଲା ସଂଖ୍ୟା ୯କୁ ବୃଦ୍ଧି ପାଇଛି। ମାତ୍ର ପୂର୍ବରୁ ଏଚ୍‌ଆଇଭି ପ୍ରବଣ ଜିଲ୍ଲା ତାଲିକାରେ ଥିବା ଭଦ୍ରକରେ ନୂଆ ଏଚ୍‌ଆଇଭି ଚିହ୍ନଟ ବ୍ୟକ୍ତିଙ୍କ ସଂଖ୍ୟା ପ୍ରାୟ ସ୍ଥିର ରହିଥିବା ନଜରକୁ ଆସିଛି। ୨୦୧୯ ମସିହାରେ ହୋଇଥିବା ସେଣ୍ଟିନାଲ ସର୍ଭେରେ ୫ହଜାରରୁ ଅଧିକ ପିଏଲଏଚ୍‌ଆଇଭି ଥିବା ଜିଲ୍ଲାକୁ ନାକୋ ପକ୍ଷରୁ ଏଚ୍‌ଆଇଭି ପ୍ରବଣ ଜିଲ୍ଲା ଭାବେ ବିଚାର କରାଯାଉଛି। ଏ ଦୃଷ୍ଟିରୁ ରାଜ୍ୟର ୭ଟି ଏଚ୍‌ଆଇଭି ପ୍ରବଣ ଜିଲ୍ଲା ଗଞ୍ଜାମ, ଅନୁଗୁଳ, ଭଦ୍ରକ, ବଲାଙ୍ଗୀର, ବାଲେଶ୍ୱର, ଖୋର୍ଦ୍ଧା ଓ କୋରାପୁଟ ସ୍ଥାନ ପାଇଛନ୍ତି। ମାତ୍ର ପରବର୍ତୀ ସମୟରେ ନାକୋ ପକ୍ଷରୁ ୪ଟି ପର୍ଯ୍ୟାୟ ଯଥା ଅଧିକ ପ୍ରବଣ, ମଧମ, କମ୍ ଓ ସବୁଠାରୁ କମ୍ ଜିଲ୍ଲା ଭାବେ ପର୍ଯ୍ୟାୟଭୁକ୍ତ କରାଯାଇଛି। ନିକଟରେ ହୋଇଥିବା ନୂଆ ସେଣ୍ଟିନାଲ ସର୍ଭେରେ କଟକ ଓ ନବରଙ୍ଗପୁରରେ ଅଧିକ ଏଚ୍‌ଆଇଭି ପ୍ରବଣ ଜିଲ୍ଲାଭାବେ ସ୍ଥାନ ପାଇଛନ୍ତି। ପୂର୍ବରୁ ରାଜ୍ୟରେ ସର୍ବାଧିକ ଏଚ୍‌ଆଇଭି ପ୍ରବଣ ଜିଲ୍ଲାରେ ଏଚ୍‌ଆଇଭି/ଏଡ୍‌ସ ନିୟନ୍ତ୍ରଣ ପାଇଁ ଏଡ୍‌ସ ନିରାକରଣ ଓ ନିୟନ୍ତ୍ରଣ ୟୁନିଟ୍(ଡିଏପିସିୟୁ) କାମ କରୁଛି। ପୂର୍ବରୁ ଡିଏପିସିୟୁରେ ଥିବା ମାନବ ସମ୍ବଳକୁ ନେଇ ଅନ୍ୟ ଜିଲ୍ଲାରେ ଏଚ୍‌ଆଇଭି ନିୟନ୍ତ୍ରଣ କାର୍ଯ୍ୟକ୍ରମ ଜାରି ରଖିବା ଲାଗି ନାକୋ ପକ୍ଷରୁ ନିର୍ଦ୍ଦେଶ ପରେ ଗୋଟିଏ ଗୋଟିଏ ଡିଏପିସିୟୁ ସହିତ ରାଜ୍ୟର ଏକାଧିକ ଜିଲ୍ଲାକୁ ସାମିଲ କରାଯାଇଛି। ଏହାସହ ରାଜ୍ୟରେ ଏକ ନୂଆ କ୍ଲଷ୍ଟର ଗଠନ କରାଯାଇଛି। ଶିକ୍ଷାନୁଷ୍ଠାନ ଓ କର୍ମସଂସ୍ଥାନ ପାଇଁ ବହୁ ସଂଖ୍ୟାରେ ଲୋକମାନେ ସୁନ୍ଦରଗଡ଼ ଜିଲ୍ଲାକୁ ଆସୁଥିବାରୁ ଏହାକୁ ଏକ ନୂଆ କ୍ଲଷ୍ଟର ଭାବେ ଘୋଷଣା କରାଯାଇଛି। ଏଥିରେ ଏକାଧିକ ଜିଲ୍ଲାକୁ ଯୋଡ଼ା ଯାଇଛି। ସେହିପରି ନୂଆ ଏଚ୍‌ଆଇଭି ସଂକ୍ରମଣରେ ସ୍ଥିର ଥିବା ଭଦ୍ରକ ଜିଲ୍ଲାର ଡିଏପିସିୟୁ ସହିତ କଟକକୁ ସାମିଲ କରାଯାଇଥିବା ସରକାରୀ ସୂତ୍ରରୁ ସୂଚନା ମିଳିଛି।

# ଧଉଳୀ କଳିଙ୍ଗ ମହୋତ୍ସବ ଆରମ୍ଭ

## ମଣିପୁରୀ, ଓଡ଼ିଶୀ, ଏବଂ ସମରକଳା ନୃତ୍ୟରେ ମନ୍ତ୍ରମୁଗ୍ଧ ଦର୍ଶକ

ଭୁବନେଶ୍ୱର ,୨୩/୦୩ (ନି.ପ୍ର): ଐତିହାସିକ ଧଉଳୀର ପାଦଦେଶରେ ରାଜ୍ୟ ପର୍ଯ୍ୟଟନ ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀ ଏବଂ ଆର୍ଟ ଭିଜନ୍ ଦ୍ୱାରା ୧୮ତମ ଧଉଳୀ କଳିଙ୍ଗ ମହୋତ୍ସବ ଉଦଘାଟିତ ହୋଇଯାଇଛି। ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀ ଦ୍ୱାରା ପ୍ରଦତ ଗୁରୁ ଗଙ୍ଗାଧର ପ୍ରଧାନ ସ୍ମୃତି ସମ୍ମାନ ୨୦୨୨ ବିଖ୍ୟାତ ଓଡ଼ିଶୀ ସଙ୍ଗୀତ ନୃତ୍ୟ ଗୁରୁ ଦୁର୍ଗା ଚରଣ ରଣବୀର; ବିଶିଷ୍ଟ ଗାୟକ ତଥା ସଙ୍ଗୀତ ସଂଯୋଜକ ଲକ୍ଷ୍ମୀକାନ୍ତ ପାଲିତ୍ ; ବିଶିଷ୍ଟ ସଂସ୍କୃତ ବିଦ୍ୱାନ ତଥା କବି ପଣ୍ଡିତ ନିତ୍ୟାନନ୍ଦ ମିଶ୍ର ଏବଂ ଆମେରିକାରେ ଓଡ଼ିଶୀ ନୃତ୍ୟର ପ୍ରଚାର ଓ ପ୍ରସାର କରୁଥିବା ସୋମଦତ ବେହୁରାଙ୍କୁ ପ୍ରଦାନ କରାଯାଇଥିଲା । ଉଦଘାଟନୀ ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଥିଲା ବିମ୍ବାବତୀ ଦେବୀ ଓ ସାଥୀଙ୍କ ଦ୍ୱାରା ମଣିପୁରୀ ନୃତ୍ୟ । ସେମାନଙ୍କର ପ୍ରଥମ ଉପସ୍ଥାପନା ଥିଲା ଭୂମି ଯାହା ଭୂମି ସୁକଟମ୍ ଉପରେ ଆଧାରିତ। ଅଥର୍ବ ବେଦର ଦ୍ୱାଦଶ ଅଧାୟରେ ୬୩ ମନ୍ତ୍ରର ଭୂମିମାତା ଉପରେ ନିବଦ୍ଧ ଥିଲା ଯାହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ବିମ୍ବାମତୀ ଦେବୀ ପରେ ପରେ ପରିବେସିତ ହୋଇଥିଲା ପୂର୍ଣ୍ଣପୁରୁଷୋତମ ଯାହା ପୁରାଣରେ ପୁରୁଷୋତମ ନରସିଂହଙ୍କ ରୂପରେ ବିଷ୍ଣୁଙ୍କର ଏକ ଅବତାର ବର୍ଣ୍ଣନା କରାଯାଇଥିଲା । ଗୁରୁ ବିମ୍ବାମତୀ ଦେବୀ ତାଙ୍କ ନୃତ୍ୟାଭିନୟରେ ପାରମ୍ପାରିକ ଗୀତଗୁଡ଼ିକ ବ୍ୟବହୃତ କରିଥିଲେ ଯାହା ମଣିପୁରର ହୋଲି ସମୟରେ ଗାନ କରାଯାଏ । ଏହାପରେ ଗୁରୁ ପ୍ରଭାତ ସ୍ୱାଇଁଙ୍କ ନେତୃତ୍ୱରେ ଭୁବନେଶ୍ୱରର ନୃତ୍ୟ ନୈବେଦ୍ୟ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସେମାନେ ପ୍ରଥମେ ବକୁଳାଭରଣ ପଲ୍ଲବୀ ଯାହା ତାଳ-ଏକତାଳୀ ଓ ରାଗ ବକୁଳାଭରଣ ଉପରେ ନିବଦ୍ଧ ଥିଲା । ସେମାନଙ୍କର ପରବର୍ତୀ ପ୍ରସ୍ତୁତିଟି ଥିଲା ସଡ଼ରିପୁ ଯାହା ମନୁଷ୍ୟର ଛଅଗୋଟି ଆଭ୍ୟନ୍ତରିଣ ଶତ୍ରୁକୁ ନୃତ୍ୟ ମାଧମରେ ପଉସ୍ଥାପିତ କରିଥିଲେ । ନୃତ୍ୟଟିକୁ ସଂରଚନା କରିଥିଲେ ଗୁରୁ ପ୍ରଭାତ ସ୍ୱାଇଁ ଓ ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ଧନେଶ୍ୱର ସ୍ୱାଇଁ । ସନ୍ଧ୍ୟାର ଅନ୍ତିମ ପ୍ରସ୍ତୁତି ଥିଲା ସନ୍ତୋଷ ନାୟର ଓ ସାଥୀଙ୍କ ଦ୍ୱାରା ସମସାମୟିକ ସମରକଳା ନୃତ୍ୟ । ସେମାନଙ୍କର ଉପସ୍ଥାପନା ରହସ୍ୟମୟ ଜଙ୍ଗଲ ମଧରେ ଜୀବନ ଅନୁସନ୍ଧାନ ଉପରେ ଆଧାରିତ ଥିଲା । ସେମାନଙ୍କର ନୃତ୍ୟରେ ମୟୁରଭଞ୍ଜ ଛଉ ନୃତ୍ୟର ସ୍ୱାଦ ବାରିହେଉଥିଲା । ଉଦଘାଟନୀ ସନ୍ଧ୍ୟାରେ ଅତିଥି ଭାବରେ ଯୋଗଦେଇଥିଲେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା; ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୁଦନ ପାଢୀ; ପର୍ଯ୍ୟଟନ ବିଭାଗର ଅତିରିକ୍ତ ଶାସନ ସଚିବ ରୀନା ମହାପାତ୍ର; ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀର ସଚିବ ଗୁରୁ ଅରୁଣା ମହାନ୍ତି ଏବଂ ଆର୍ଟ ଭିଜନ୍ ର ସଚିବ ଇଲିୟାନା ସିତାରିଷ୍ଟ । କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ ଡ଼. ଇ. ଶ୍ରୀନିବାସ ଘଟୁଆରୀ ଏବଂ ତାରିଣୀ ତନୁଜା ମିଶ୍ର । ଏହି ଧଉଳୀ କଳିଙ୍ଗ ମହୋତ୍ସବ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଧଉଳି ଶାନ୍ତିସ୍ତୁପର ପାଦଦେଶରେ ଅନୁଷ୍ଠିତ ହେବ । ଏହାର ସିଧାପ୍ରସାରଣ ଡ଼ିଡ଼ି-ଭାରତୀ ଏବଂ ଲାଇଭ୍ ଷ୍ଟ୍ରିମିଂ ଓଡ଼ିଶା ପର୍ଯ୍ୟଟନ ସୋସିଆଲ ମିଡ଼ିଆରେ ହେଉଛି ।

# ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ବୋଝ ଉପରେ ନଳିତା ବିଡ଼ା : ସମାଜବାଦୀ ପାର୍ଟି

ଭୁବନେଶ୍ୱର,୨୩/୦୩ (ନି.ପ୍ର): ସରକାରଙ୍କର ଭୁଲ୍ ଅର୍ଥନୀତି ଯୋଗୁ ଖାଉଟିଙ୍କ ଉପରେ ଦରଦାମ୍‌ର ବୋଝ ଦିନକୁ ଦିନ ବଢିଚାଲିଛି। ବଜାରରେ ଅଟା, ଡ଼ାଲି, ଚାଉଳ, ଖାଇବା ତେଲ, ଚିନି ଓ ମଇଦା ପ୍ରଭୃତି ଖାଦ୍ୟ ପଦାର୍ଥର ଦାମ୍ ଦିନକୁ ଦିନ ବୃଦ୍ଧି ପାଉଥିଲା ବେଳେ ଆଳୁ, ପିଆଜ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଦର ହୁ ହୁ ହୋଇ ବଢୁଛି। ବଜାର ଦର ବଢିଚାଲିଥିଲା ବେଳେ ପେଟ୍ରୋଲ, ଡ଼ିଜେଲର ଦର ବୃଦ୍ଧି ଏହାକୁ ଆହୁରି ପ୍ରଭାବିତ କରିବ ଏବଂ ଏହାର ପରୋକ୍ଷ ପ୍ରଭାବ ପରିବହନ ଉପରେ ପଡ଼ିବା ଫଳରେ ଅତ୍ୟାବଶ୍ୟକ ସମାଗ୍ରୀର ପରିବହନ ଖର୍ଚ୍ଚ ଆହୁରି ବଢିଯିବ। ଫଳରେ ଏହା ଦରଦାମ୍‌କୁ ମଧ ପ୍ରଭାବିତ କରିବ। ସେହିଭଳି ରନ୍ଧନ ଗ୍ୟାସ୍‌ର ଦାମ ଅକ୍ଟୋବର ୬ ତାରିଖ ପରେ ୫୦ ଟଙ୍କା ବଢି ଆଜି ଭୁବନେଶ୍ୱରରେ ୯୭୬ ଟଙ୍କା ୫୦ ପଇସାରେ ପହଂଚିଛି। ଏହା କେନ୍ଦ୍ର ସରକାରଙ୍କର ରୋଷେଇଘର ଉପରେ ସିଧାସଳଖ ଆକ୍ରମଣ ବୋଲି ସମାଜବାଦୀ ପାର୍ଟି ରାଜ୍ୟ କମିଟି ପକ୍ଷରୁ ଅଭିଯୋଗ କରାଯାଇଛି।

ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଆଜି ଏହି ପେଟ୍ରୋଲ, ଡ଼ିଜେଲ ଓ ରନ୍ଧନଗ୍ୟାସ୍ ଦର ବୃଦ୍ଧିକୁ ବୋଝ ଉପରେ ନଳିତା ବିଡ଼ା ସଦୃଶ ବୋଲି ଅଭିହିତ କରିବା ସହିତ ଏହା କେନ୍ଦ୍ର ସରକାରଙ୍କ କଣ ଦେଶବାସୀଙ୍କ ହୋଲି ଉପହାର ବୋଲି ଶ୍ରୀ ବେହେରା ପ୍ରଶ୍ନ କରିଛନ୍ତି। ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପୂର୍ବରୁ ଭାରତବର୍ଷକୁ ଯେଉଁ ଆଚ୍ଛାଦିନର ସ୍ୱପ୍ନ ଦେଖାଇଥିଲେ, ଖାଉଟି ସାମଗ୍ରୀ ସମେତ ପେଟ୍ରୋଲ, ଡ଼ିଜେଲ ଓ ରନ୍ଧନ ଗ୍ୟାସ୍‌ର ଦର ବୃଦ୍ଧି କଣ 'ନୂଆ ଭାରତ'ର 'ଆଚ୍ଛାଦିନ' ବୋଲି ଶ୍ରୀ ବେହେରା ପ୍ରଶ୍ନ କରିବା ସହିତ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ସମସ୍ତ ବିରୋଧୀ ଦଳ ଦରଦାମ ଓ ବେକାରୀ ସମସ୍ୟାକୁ ନେଇ ରାଜରାସ୍ତାକୁ ଓହ୍ଲାଇବା ପାଇଁ ସେ ଆହ୍ୱାନ କରିଛନ୍ତି। ଆଜି ଯେତେବେଳେ ଆମେ ଡକ୍ଟର ରାମ ମନୋହର ଲୋହିଆଙ୍କର ୧୧୨ତମ ଜୟନ୍ତୀ ପାଳନ କରିବାକୁ ଯାଉଛେ 'ଦାମ୍ ବାନ୍ଧୋ' ଥିଲା ଡଃ ରାମ ମନୋହର ଲୋହିଆଙ୍କର ଜନ ଆନ୍ଦୋଳନର ଏକ ପ୍ରମୁଖ ଅଂଶ। ତେଣୁ ଦରଦାମ୍ ଆନ୍ଦୋଳନକୁ ସାଧାରଣ ଖାଉଟିର ସୁରକ୍ଷାକୁ ସକ୍ରିୟ କରିବା ହିଁ ହେବ ଡ଼ଃ ଲୋହିଆଙ୍କ ପ୍ରତି ତାଙ୍କ ୧୧୨ତମ ଜନ୍ମଜୟନ୍ତୀରେ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ଶ୍ରୀ ବେହେରା ପ୍ରକାଶ କରିଛନ୍ତି।

# ଭୁବନେଶ୍ୱର ମେୟର ପ୍ରାର୍ଥିନୀଙ୍କ ଚିଟ୍‌ଫଣ୍ଡ ଲିଙ୍କ୍ ନେଇ ବିଜେଡିକୁ କଂଗ୍ରେସର ଟାର୍ଗେଟ୍

ଭୁବନେଶ୍ୱର,୨୩/୦୩ (ନି.ପ୍ର): ରାଜ୍ୟରେ ବଢୁଥିବା ଅପରାଧିକ କାର୍ଯ୍ୟକଳାପ, ଚଳିତ ପୌର ନିର୍ବାଚନରେ ଶାସକ ଦଳ ସମର୍ଥନ ଗୁଣ୍ଡାମାନଙ୍କ ଗୁଣ୍ଡାରାଜ ଓ ବି.ଜେ.ଡ଼ି.ର ଭୁବନେଶ୍ୱର ମେୟର ପ୍ରାର୍ଥିନୀଙ୍କ ଚିଟଫଣ୍ଡ ଲିଙ୍କ୍ ପ୍ରସଂଗକୁ ନେଇ ବିଜୁ ଜନତା ଦଳକୁ କଡ଼ା ଟାର୍ଗେଟ୍ କରିଛି କଂଗ୍ରେସ। ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ସମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନିର୍ବାଚନ ଗଣମାଧମ ମୁଖ୍ୟ ମନୋଜ ମହାପାତ୍ର କହିଲେ ଯେ, ବି.ଜେ.ଡ଼ି.ର ଭୁବନେଶ୍ୱର ମେୟର ପ୍ରାର୍ଥିନୀ ସୁଲୋଚନା ଦାସ ଏକ ଚିଟ୍‌ଫଣ୍ଡ କମ୍ପାନୀ ଦ୍ୱାରା ପରିଚାଳିତ ଏକ ଗଣମାଧମ ସଂସ୍ଥାରୁ କେତେ ଟଙ୍କା ନେଇଛନ୍ତି, ସଂପୃକ୍ତ ସଂସ୍ଥା ସହ ତାଙ୍କର ଆଉ କ'ଣ ଲିଙ୍କ ଥିଲା ପ୍ରକାଶ କରିବେ କି ? ଅତୀତରେ ଜଣେ ଲେଖକ ଏକ ଚିଟ୍‌ଫଣ୍ଡ ସଂସ୍ଥା ଦ୍ୱାରା ପରିଚାଳିତ ସାହିତ୍ୟ ସଂସଦରୁ ନେଇଥିବା ଟଙ୍କା ନୈତିକତା ଦୃଷ୍ଟି ରୁ ଫେରାଇ ଦେଇଥିଲେ ସେହିଭଳି ଏହି ବି.ଜେ.ଡ଼ି. ନେତ୍ରୀ ନୈତିକତା ଦୃଷ୍ଟି କୋଣରୁ ନିଜେ ନେଇଥିବା ଚିଟଫଣ୍ଡ କମ୍ପାନୀର ଅର୍ଥ ଫେରସ୍ତ କରିବେ କି ? ଚିଟଫଣ୍ଡ ରେ କ୍ଷତିଗ୍ରସ୍ତ ଭୁବନେଶ୍ୱରର ବସ୍ତି ବାସିନ୍ଦା। ଚିଟଫଣ୍ଡ ଲିଙ୍କରେ ସଂପୃକ୍ତ ଥିବା ଏହି ନେତ୍ରୀ ଚିଟ୍‌ଫଣ୍ଡ୍ କ୍ଷତିଗ୍ରସ୍ତଙ୍କୁ କ'ଣ ନ୍ୟାୟ ଦେବେ ବୋଲି ବିଜୁ ଜନତା ଦଳ ସ୍ପଷ୍ଟି କରଣ ଦେବା ଉଚିତ୍ ବୋଲି କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ରଜନୀ ମହାନ୍ତି, ବିଶ୍ୱଭୂଷଣ ମହାପାତ୍ର ଉପସ୍ଥିତ ଥିଲେ। ସେ ଆହୁରି କହିଛନ୍ତି ଯେ ଭୁବନେଶ୍ୱର ସହର ଏବେ ଅପରାଧିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସ୍ପଷ୍ଟ ଦିବାଲୋକରେ ଲୁଟ ହେଉଛି, ହତ୍ୟା ହେଉଛି, ଗୁଳି ଫୁଟାଇ ସୁନା ଦୋକାନରୁ ଲୁଟ୍ ହେଉଛି। କେବଳ ରାଜଧାନୀ ନୁହେଁ ସାରା ରାଜ୍ୟରେ ଅପରାଧ ପ୍ରବଣତା ବଢ଼ିଚାଲୁଛି। ବଲାଙ୍ଗୀରରେ ଶାସକଦଳର ନେତାମାନେ ଏନ୍.ଏସ୍.ଏ. ରେ ଗିରଫ ଅପରାଧି ବ୍ୟକ୍ତି ବିଶେଷଙ୍କୁ ଧରି ନିର୍ବାଚନ ପ୍ରଚାର କରୁଛନ୍ତି। ଜୟପୁର ନିର୍ବାଚନ ମଣ୍ଡଳୀରେ ଶାସକ ଦଳର ପୂର୍ବତନ ମନ୍ତ୍ରୀଙ୍କ ଇଙ୍ଗିତରେ ଗୁଣ୍ଡାଗର୍ଦ୍ଦି ଚାଲିଛି। ପିପିଲିରେ କଂଗ୍ରେସ ଦଳର ନର୍ବାଚନ କାର୍ଯ୍ୟାଳୟକୁ ଯୋଡ଼ି ଦିଆଯାଇଛି। ଅପରାଧିମାନେ ଭାବୁଛନ୍ତି ତାଙ୍କୁ ସରକାର, ପ୍ରଶାସନ ଓ ପୋଲିସ୍‌ର ସହଯୋଗ ମିଳୁଛି। ପେନ୍‌ଡ୍ରାଇଭ୍ ପାଇଁ ମମିତାର ହତ୍ୟା ହୋଇଥିଲା, ଏବେ ସେହିଭଳି ଆପତି ଜନକ ଚିତ୍ର, ପେନ୍‌ଡ୍ରାଇଭ୍ ପାଇଁ କ୍ୟାମେରାନ୍ ମାସନ ସ୍ୱାଇଁଙ୍କ ହତ୍ୟା ହୋଇଛି।

# ସାମଗ୍ରିକ ବିକାଶ ଆମ ଲକ୍ଷ୍ୟ : ସମୀର ମହାନ୍ତି

ଭୁବନେଶ୍ୱର ,୨୩/୦୩ (ନି.ପ୍ର): ରାଜ୍ୟର ସହରାଂଚଳର ସାମଗ୍ରିକ ବିକାଶ ନିମନ୍ତେ ମୋଦୀ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ କ୍ଷେତ୍ରକୁ ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଥିଲେ ମଧ ରାଜ୍ୟରେ ଶାସକ ବିଜେଡି ତାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରୁନଥିବାରୁ ରାଜ୍ୟର ସର୍ବାଙ୍ଗୀନ ବିକାଶରେ ବାଧା ସୃଷ୍ଟି ହେଉଛି। ସେହିପରି ସହରାଂଚଳର ବିକାଶ ପାଇଁ ମୋଦି ସରକାର ପ୍ରତ୍ୟେକ ସହରକୁ ସିଧାସଳଖ ଟଙ୍କା ପଠାଇଲେ, କିନ୍ତୁ ବିଜେଡିର ସ୍ଥାନୀୟ ନେତାମାନେ ହରିଲୁଟ୍ କରିଦେଲେ। କେନ୍ଦ୍ର ସରକାରଙ୍କ ଅନୁମୋଦନ ସତ୍ୱେ ଲକ୍ଷ ଲକ୍ଷ ଘର ଆବଂଟନ ହୋଇନପାରି ରାଜ୍ୟ ସରକାରଙ୍କ ପାଖରେ ପଡିରହିଛି। ନିର୍ବାଚନକୁ ବିରୋଧୀ ଶୂନ୍ୟ କରି ଯେଣତେଣ ହିସାବରେ ଶାସନ କ୍ଷମତାକୁ ଜାବୁଡି ଧରିବାର ନିଶା ଶାସକ ବିଜେଡିକୁ ଘାରିଛି । କ୍ଷମତା ପାଇଁ ଯେକୌଣସି ସ୍ତରକୁ ଓହ୍ଲାଇବା ପାଇଁ ନିଜକୁ ପ୍ରସ୍ତୁତ କରିଛି ବିଜୁ ଜନତା ଦଳ । ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ ବୋଲି ଡିଣ୍ଡିମ ପିଟୁଥିବା ଶାସକ ବିଜେଡିର ବାସ୍ତବ ଚିତ୍ର ସଂପୂର୍ଣ୍ଣ ଭିନ୍ନ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ।

ଆଜି ରାଜ୍ୟ ସଭାପତି ସମୀର ମହାନ୍ତି ନବରଙ୍ଗପୁର ଜିଲ୍ଲା ଉମରକୋଟ ନିର୍ବାଚନ ମଣ୍ଡଳୀରେ ପ୍ରଚାର କରିଥିଲେ। ନବରଙ୍ଗପୁର ପୌର ପରିଷଦ ପ୍ରାର୍ଥୀ କୁନୁ ନାୟକ ଏବଂ ଉମରକୋଟ ପୌର ପରିଷଦ ଅଧକ୍ଷା ରିଙ୍କି ଗଣ୍ଡ କାଉନସିଲର ପ୍ରାର୍ଥୀନିଙ୍କ ପାଇଁ ପ୍ରଚାରବେଳେ ସେ କହିଛନ୍ତି ଯେ, ଗଣତନ୍ତ୍ରରେ ସମସ୍ତଙ୍କ ନିର୍ବାଚନ ଲଢ଼ିବାର ଅଧିକାର ଅଛି। ନିର୍ବାଚନ ଜନପ୍ରତିନିଧିମାନେ ଠିକ୍ ସମୟରେ ନିର୍ବାଚନ କରିବା କଥା। କିନ୍ତୁ ଏହି ନିର୍ବାଚନ ସାଢ଼େ ୩ବର୍ଷ ବିଳମ୍ବରେ ହେଉଛି। ଠିକ୍ ସମୟରେ ନିର୍ବାଚନ କାହିଁକି କରାଗଲା ନାହିଁ ଶ୍ରୀ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି। ପଂଚାୟତ ନିର୍ବାଚନ ସରିଲାକି ନାହିଁ ପୌର ନିର୍ବାଚନ ତାରିଖ ଘୋଷଣା କଲେ ରାଜ୍ୟ ସରକାର। ଏହି ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟି ସଦାସର୍ବଦା ପ୍ରସ୍ତୁତ ଓ ଦୁର୍ନୀତିମୁକ୍ତି ବକାଶଯୁକ୍ତ ସରକାର ଗଠନ ପାଇଁ ଜନତା ଭୋଟ ଦେବାକୁ ସମୀର ମହାନ୍ତି କହିଛନ୍ତି।

ମୋଦୀ ସରକାର ସର୍ବଦା ସାମର୍ଗ୍ରିକ ବିକାଶର ନୀତିରେ ବିଶ୍ୱାସ କରନ୍ତି। ମୋଦିଜୀଙ୍କ ମୂଳମନ୍ତ୍ର "ସବ୍‌କା ସାଥ୍, ସବ୍‌କା ବିକାଶ୍, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସ" । ମୋଦି ସରକାର ଅମଳରେ ଓଡିଶାର ବିକାଶ ପାଇଁ ପର୍ଯ୍ୟାପ୍ତ ପରିମାଣର କେନ୍ଦ୍ରୀୟ ଆର୍ଥିକ ଅନୁଦାନ ମିଳିଥିବା ସତ୍ୱେ ରାଜ୍ୟରେ ବିକାଶ ଠପ୍ ରହିଛି । ପ୍ରତ୍ୟେକ ଲୋକଙ୍କ ପାଖରେ ପକ୍କାଘର, ପାନୀୟ ଜଳ, ରୋଷେଇ ଗ୍ୟାସ, ବ୍ୟାଙ୍କ ବ୍ୟବସ୍ଥାର ସୁବିଧା ପହଁଚାଂଇ ସେମାନଙ୍କୁ ମୁଖ୍ୟ ସ୍ରୋତରେ ଆଣିବା ଭାରତୀୟ ଜନତା ପାର୍ଟିର ମୂଳ ଲକ୍ଷ୍ୟ । ଡିଜିଟାଲ ଭାରତ ଗଠନ ନିମନ୍ତେ ଡିଜିଟାଲ ମୁଦ୍ରା ପ୍ରଚଳନ, ୫-ଜି ଟେଲିକମ ସେବା, ବନ୍ଦେ ଭାରତ ଏକ୍ସପ୍ରେସ ରେଳର ପ୍ରଚଳନ ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଏହି ଅବସରରେ ରାଜ୍ୟ ଉପସଭାପତି ବଳଭଦ୍ର ମାଝୀ, ଜିଲ୍ଲା ସଭାପତି ଜଗଦୀଶ ବିଶୋଇ, ଜିଲ୍ଲା ପ୍ରଭାରୀ ବିଧାୟକ ଡ. ମୁକେଶ ମହାଲିଙ୍ଗ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ରାଜ୍ୟ କୃଷକ ଉପସଭାପତି ରଞ୍ଜନ ମଙ୍ଗରାଜ, ରମେଶ ସାହୁ କାର୍ଯ୍ୟକ୍ରମ ପ୍ରଚାରରେ ଉପସ୍ଥିତ ଥିଲେ।

## କିମ୍ବଦନ୍ତୀରେ କଣାସର ଅଧିଷ୍ଠାତ୍ରୀ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ସପ୍ତମୀ ଦିନ ଶିରି, ଶରଣା, ସାଶୀରୀ, ସହନା, ରାହାଜିଆ, ଗାଣ୍ଡପଡ଼ା, ବ୍ଲକ୍ ବଜାରାଦି ସ୍ଥାନରେ ଭୋଗ ଖାଇସାରିବା ପରେ ମନ୍ଦିରକୁ ଫେରି ବିଶ୍ରାମ ନିଅନ୍ତି ଏବଂ ଅଷ୍ଟମୀ ଦିନ ପୂର୍ବ ପ୍ରଚଳିତ ନିୟମାନୁସାରେ ଡିମିରି, ବିଶ୍ୱାଳିପଡ଼ା, ଗାଣ୍ଡପଡ଼ା ଓ ଜଳିଆପଡ଼ା ଆଉ ଖୋଦ୍ କଣାସ ଆଦି ଭୋଗ ଖାଇ ସାରିବା ପରେ ରାତ୍ରାର୍ଦ୍ଧରେ ମନ୍ଦିରକୁ ଆଣି ମା' କୁଞ୍ଜେଶ୍ୱରୀଙ୍କର ମହାସ୍ନାନ କରାଯାଏ ଓ ଷୋଡ଼ଶୋପଚାର ପୂଜା ହୁଏ ଏବଂ ଏହା ପରେ ବଳିପ୍ରଥା ଅନୁଯାୟୀ ଛାଗ ବଳି ପକାଯାଏ । ବଳି ପର୍ବ ସମାପନର କିଛି ସମୟ ପ୍ରାୟ ଏକ ଘଣ୍ଟା ବ୍ୟବଧାନ ପରେ ମନ୍ଦିରର ପରିଛା ସେବାୟତଙ୍କ ଦ୍ୱାରା କୁଞ୍ଜେଶ୍ୱରୀଙ୍କ ମୁଖରେ ମହାପ୍ରସାଦ ସମର୍ପଣ କରାଯାଏ । ବିଜୟାଦଶମୀ ଦିନ କଣାସଅଞ୍ଚଳର ୧୬ ଖଣ୍ଡ ଗ୍ରାମର ଗ୍ରାମବାସୀଙ୍କର ଦଶହରାପଦାରେ ମେଳନ ହୋଇ ଦଶହରା ପୂଜା ସମାପନ କରାଯାଏ ।

ସତରେ; କେତେ ନିଆରା ଏ ପର୍ବ ଆଉ ପରମ୍ପରା ! ସମସ୍ତଙ୍କ ଭିତରେ ମେଳନ ସୂଚାଇ ଦିଏ ଭାଇଚାରାର ସମ୍ପର୍କ । କାନ୍ଧକୁ କାନ୍ଧ ମିଳାଇ କାର୍ଯ୍ୟ କରିବା ଏମିତି ପରମ୍ପରାରୁ ଶିକ୍ଷା ମିଳେ । ଭକ୍ତି - ଭାବ - ନିଃସ୍ୱାର୍ଥପରତାର ଜ୍ୱଳନ୍ତ ଚିତ୍ର ଦୃଶ୍ୟମାନ; ପବିତ୍ରତାର ମୃଦୁମନ୍ଦ ଗନ୍ଧ ଚାରିଦିଗକୁ ବିସ୍ତାରିତ । ସେ ଯାହା ବି ହେଇଥାଉ, ବିଶ୍ୱାସ ଓ ଭକ୍ତି ତ ଅତୁଟ ଅଛି ନା; ଶାସ୍ତ୍ରରେ କୁହାଯାଇଛି 'ବିଶ୍ୱାସ ମୂଳେ ଭଗବାନ' । ମା' କୁଞ୍ଜେଶ୍ୱରୀଙ୍କ ଅପାର କରୁଣା ଏ କଣାସ ମାଟିର ଶ୍ରୀବର୍ଦ୍ଧନ ପୂର୍ବକ ଉଜ୍ଜୀବିତ ଥାଉ ଆଉ ଏହିପରି ଭାଇଚାରାର ସମ୍ପର୍କର ବାରିଧାରା ସୃଷ୍ଟି ଥିବା ଯାଏଁ ରହିଥାଉ । ମା' ତାଙ୍କର ଅମୃତ ବୋଳା ଅଞ୍ଚଳରେ ଏହି କଣାସ ଅଞ୍ଚଳର ସମସ୍ତ ବାସିନ୍ଦାଙ୍କୁ ଢ଼ାଙ୍କି ରଖିଥା'ନ୍ତୁ, ଏତିକି ପ୍ରାର୍ଥନା ମାତ୍ର ।

ସମ୍ପାଦକ - ଉଦୟ ଭାନୁ, ଭାଟପଡ଼ା, ନିରାକାରପୁର, କଣାସ, ପୁରୀ
ଯୋଗାଯୋଗ - ୮୯୧୭୪୮୦୫୩୬

## ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ପ୍ରଶାସନ ଦ୍ୱାରା ପ୍ରତିମୂର୍ତ୍ତିମାନଙ୍କରେ ମାଲ୍ୟାର୍ପଣ

ଭଦ୍ରକ, ୨୩/୦୩ (ନି.ପ୍ର): ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶ କ୍ରମେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ଆଗମନର ୧୦୦ ତମ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ଅବସରରେ ଆଜି ଭଦ୍ରକ ପୌରାଞ୍ଚଳ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତି ଗୁଡ଼ିକରେ ଜିଲ୍ଲା ପ୍ରଶାସନ ତରଫରୁ ମାଲ୍ୟାର୍ପଣ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ନୂତନ ଭାବେ ଯୋଗ ଦେଇଥିବା ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ପ୍ରମୁଖ ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସାମିଲ ଥିଲେ । ଐତିହାସିକ ଗାନ୍ଧୀ ପଡ଼ିଆ, ଭଦ୍ରକ ବ୍ଲକ ପରିସର, ମହତାବ କୋଠି ଏବଂ ଜିଲ୍ଲାସ୍କୁଲ ପରିସରରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଗୁଡ଼ିକରେ ମାଲ୍ୟାର୍ପଣ କରାଯାଇଥିଲା । ଜିଲ୍ଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଆଉ ୬ଜଣ ଅଧିକାରୀଙ୍କୁ ....

ଅସାଧୁତା କାରଣରୁ ତାଙ୍କୁ ବାଧତାମୂଳକ ଅବସର ଦିଆଯାଇଛି। ସେହିପରି ଭୁବନେଶ୍ୱରର ଏକ୍ଜିକ୍ୟୁଟିଭ ଇଞ୍ଜିନିୟର (ଟେଷ୍ଟିଂ ଆଣ୍ଡ କାଲିବରେସନ୍) ତଥା ଡେପୁଟି ଇଲେକ୍ଟ୍ରିକାଲ ଇନସପେକ୍ଟର ଦୀପକ କୁମାର ଭୂୟାଁଙ୍କ ନାମରେ ଦୁଇଟି ଦୁର୍ନୀତି ମାମଲା ରହିଛି । ଅସାଧୁତା କାରଣରୁ ତାଙ୍କୁ ଭୁବନେଶ୍ୱରର ଏକ୍ଜିକ୍ୟୁଟିଭ ଇଞ୍ଜିନିୟର (ଇଡି ଆଣ୍ଡ ଇନସ୍ପେକସନ୍) ତଥା ଡେପୁଟି ଇଲେକ୍ଟ୍ରିକାଲ ଇନସପେକ୍ଟର ଶ୍ରୀ ପ୍ରଶାନ୍ତ କୁମାର ମିଶ୍ରଙ୍କ ନାମରେ ଗୋଟିଏ ଦୁର୍ନୀତି ଅଭିଯୋଗ ରହିଛି। ଅସାଧୁତା କାରଣରୁ ତାଙ୍କୁ ବାଧତାମୂଳକ ଅବସର ଦିଆଯାଇଛି। ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ରାୟଗଡା ଜିଲ୍ଲାର ଗୁଣୁପୁରସ୍ଥିତ ବ୍ଲକ ଶିକ୍ଷା ଅଧିକାରୀ ଅନ୍ତର୍ଯ୍ୟାମୀ ବେହେରାଙ୍କ ନାମରେ ଗୋଟିଏ ଦୁର୍ନୀତି ମାମଲା ଅଛି । ସେ ୧୦ ହଜାର ଟଙ୍କାର ଲାଂଚ ଗ୍ରହଣ କରିଥିଲେ । ତାଙ୍କୁ ୨୦୨୨ ମାର୍ଚ୍ଚ ୨ ତାରିଖ ଦିନ ଗିରଫ କରାଯାଇ ତା ପରଦିନ କୋର୍ଟକୁ ପଠାଯାଇଥିଲା । ଅସାଧୁତା କାରଣରୁ ତାଙ୍କୁ ବାଧତାମୂଳକ ଅବସର ଦିଆଯାଇଛି। ସେହିପରି ଗଜପତି ଜିଲ୍ଲାର ନୂଆଗଡସ୍ଥିତ ବ୍ଲକ ଶିକ୍ଷା ଅଧିକାରୀ ବ୍ରଜ କୁମାର ନାୟକଙ୍କ ନାମରେ ଗୋଟିଏ ଦୁର୍ନୀତି ମାମଲା ରହିଛି । ତାଙ୍କ ଅଫିସ ଭିତରେ ୩୦ ହଜାର ଟଙ୍କାର ଲାଂଚ ଗ୍ରହଣ କରୁଥିଲାବେଳେ ସେ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଧରା ପଡିଥିଲେ। ଅସାଧୁତା କାରଣରୁ ତାଙ୍କୁ ବାଧତାମୂଳକ ଅବସର ଦିଆଯାଇଛି । ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୧୬୪ ଜଣ ଅଧିକାରୀଙ୍କୁ ଚାକିରୀରୁ ବହିଷ୍କାର ବା ବାଧତାମୂଳକ ଅବସର ଦିଆଯାଇଛି ବା ପେନସନ ବନ୍ଦ କରାଯାଇଛି।

## ଆଜି ପୌର ନିର୍ବାଚନ ....

୧୦୯ ମୋବାଇଲ ପାର୍ଟି ଏହି ୩ଟି କର୍ପୋରେସନ ପାଇଁ ନିୟୋଜିତ ହେବେ। ପ୍ରତି ବୁଥ୍ରେ ଜଣେ ଲେଖାଏ ହାବିଲଦାର, ନ ହେଲେ କନଷ୍ଟେବଲ ନ ହେଲେ ସଶସ୍ତ୍ର ପୁଲିସ୍ ମୁତୟନ ରହିବେ । ଅପରପକ୍ଷରେ ବ୍ରହ୍ମପୁର କର୍ପୋରେସନର ୩ଟି ୱାର୍ଡ ସମେତ ଅନ୍ୟ ମ୍ୟୁନିସିପାଲିଟି ଓ କର୍ପୋରେସନର ୫୮ଟି ୱାର୍ଡରେ ମନୋନୟନ ଦାଖଲ କରିଥିବା ପ୍ରାର୍ଥୀ ନିର୍ଦ୍ଦନ୍ଦରେ ମନୋନୀତ ହୋଇଛନ୍ତି । ସେହିପରି ନକଲି ଭୋଟରଙ୍କ ଉପରେ ଖବର ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଇଲେକ୍ସନ କମିଶନ ଅଫ ଇଣ୍ଡିଆର ଭୋଟର ତାଲିକାକୁ ଆମେ ଗ୍ରହଣ କରିଛୁ। ସେହି ତାଲିକା ଅନୁସାରେ ହିଁ ଭୋଟିଂ ହେବ ବୋଲି ରାଜ୍ୟ ନିର୍ବାଚନ କମିଶନର କହିଛନ୍ତି ।

## ମାନସ ସ୍ୱାଇଁ ହତ୍ୟାକାଣ୍ଡ ମାମଲାର....

ଏୟାରଫିଲଡ ଥାନା ଅଧୀନ ସ୍କାଏ ଟାୱାର ଆପାର୍ଟମେଂଟର ପାର୍କିଙ୍ଗରୁ ଏହି କାରକୁ ଜବତ କରାଯାଇଛି । ଏହି କାର ମାଧ୍ୟମରେ ଚାନ୍ଦବାଲିରୁ ମାନସଙ୍କୁ ଅପହରଣ କରାଯାଇଥିବାର ସନ୍ଦେହ କରାଯାଉଛି । ସୂଚନା ଥାଉ କି ଗତ ଫେବ୍ରୁଆରି ୭ ତାରିଖରେ ମାନସଙ୍କୁ ଏକ ଧଳା କାରରେ ଅପହରଣ କରାଯାଇଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ ବୟାନ ଦେଇଥିଲେ । ମାନସ ଫେବ୍ରୁଆରି ୬ ତାରିଖରେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ପଳାସପୁରକୁ ଏକ ବାହାଘର ସୁଟିଂ କରିବାକୁ ଯାଇଥିଲେ। ମାନସଙ୍କୁ ଅପହରଣ ପାଇଁ ଏହି କାର୍ ର ବ୍ୟବହାର ହୋଇଥିବା ସନ୍ଦେହ କରାଯାଉଛି। ଶର୍ମିଷ୍ଠା ରାଉତଙ୍କ ୱେବ୍ ଚ୍ୟାନେଲ ସଂପୂର୍ଣ୍ଣ ଅଫିସ୍ ସିଲ୍ କରିଛି ଚାନ୍ଦବାଲି ପୋଲିସ୍। ମାନସ ସ୍ୱାଇଁ ହତ୍ୟା ମାମଲାରେ ସ୍କାଏ ଟାୱାର ଆପାର୍ଟମେଂଟରେ ଥିବା ଅଫିସ୍ ରେ ଚଢାଉ କରି ଚାନ୍ଦବାଲି ପୋଲିସ ଏହାକୁ ସିଲ୍ କରିଛି। ଗତକାଲି ମଧ୍ୟ ପୋଲିସ୍ ଚଢାଉ କରି କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିଲା ।

## ବାଣପୁର ଘଟଣାରେ ପୋଲିସର....

ଏକ ସୁସ୍ଥ ସମାଜରେ ଅଶୋଭନୀୟ । ଓଡ଼ିଶାର ପୋଲିସ ଏବଂ ପ୍ରଶାସନ ଏଭଳି ଜଣେ ବିଧାୟକଙ୍କୁ ଘଣ୍ଟ ଘୋଡ଼ାଇ ଖସାଇବା ପାଇଁ ଅପଚେଷ୍ଟା କରିବା ତଥା ଓଡ଼ିଶା ଭଳି ରାଜ୍ୟରେ ବାରମ୍ୱାର ହିଂସାତ୍ମକ କାର୍ଯ୍ୟରେ ସମ୍ପୃକ୍ତ ଥିବା ନେତାଙ୍କୁ ସୁରକ୍ଷା ଦେବା ଗଣତନ୍ତ୍ରରେ ଗ୍ରହଣୀୟ ନୁହେଁ । ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରେ ସରକାରଙ୍କ ଛତ୍ରଛାୟାରେ ପ୍ରତିଦିନ ଯେଉଁଭଳି ଭାବରେ ହିଂସାକାଣ୍ଡ ଘଟୁଛି, ଠିକ୍ ସେହିପରି ଓଡ଼ିଶାରେ ଘଟୁଥିବା ରାଜନୈତିକ ହିଂସା, ନୟାଗଡ଼ର ଯୁବକ ମାନସର ରହସ୍ୟଜନକ ହତ୍ୟା, ହିଞ୍ଜିଳି ରାଜରାସ୍ତାରେ ନିର୍ମମ ହତ୍ୟା ଘଟଣାରୁ ଜଣାପଡୁଛି ଯେ ଓଡ଼ିଶା ପଶ୍ଚିମବଙ୍ଗ ରାସ୍ତାରେ ଗତି କରୁଛି, ଯାହା ଉଦବେଗର ବିଷୟ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ।

## ବୀରଭୂମ ହିଂସା ଘଟଣାରେ....

ହିଂସା ଭୟରେ ସେମାନେ ଆଉ ସୁରକ୍ଷିତ ମଣୁ ନାହାନ୍ତି ତେଣୁ ଗାଁ ଛାଡିଛନ୍ତି । ଅନ୍ୟପଟେ ଆଜି ଫରେନସିକ୍ ଟିମ୍ ଯାଇ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି । ଡିଜିପି ମନୋଜ ମାଲବ୍ୟ କହିଛନ୍ତି, ଏହି ମାମଲାରେ ୧୧ ଜଣ ଗିରଫ ହୋଇଥିବା ବେଳେ ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଛି । ଗାଁରେ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି । ଟିଏମସି ନେତାଙ୍କ ହତ୍ୟା ପଛରେ ପୂର୍ବ ଶତ୍ରୁତା ରହିଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡଛି । ହିଂସା ଘଟଣାକୁ ନେଇ ବିବାଦରେ ରହୁଥିବା ମମତା ସରକାର ଏବେ ପୁଣିଥରେ ଅଡୁଆରେ ପଡିଛନ୍ତି । ରାଜ୍ୟପାଳ ଜଗଦୀପ ଧନଖେଡ କହିଛନ୍ତି ରାଜ୍ୟରେ ହିଂସା ଏବଂ ଅରାଜକତା ବଢି ଚାଲିଛି । ଆଉ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି ରାଜ୍ୟପାଳଙ୍କ ବୟାନ ରାଜନୈତିକ ପ୍ରେରିତ । ଏପରି କରି ସରକାରକୁ ଧମକାଉଛନ୍ତି । ରାଜ୍ୟପାଳ ଏପରି ନକରିବା ଦରକାର । ବିରୋଧୀ ବିଜେପି କିନ୍ତୁ ରାଜ୍ୟରେ ବଢୁଥିବା ହିଂସାକୁ ଦେଖି ରାଷ୍ଟ୍ରପତି ଶାସନ ଦାବି କରିଛି । ଅନ୍ୟପଟେ ଏନସିପିସିଆର ତିନି ଦିନ ମଧ୍ୟରେ ପଶ୍ଚିମବଙ୍ଗ ପୁଲିସ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ରିପୋର୍ଟ ମାଗିଛି । ସେହିପରି କେନ୍ଦ୍ର ଗୃହ ମନ୍ତ୍ରାଳୟ ମଧ୍ୟ ଏ ନେଇ ରାଜ୍ୟ ସରକାରଙ୍କ ପାଖରୁ ରିପୋର୍ଟ ତଲବ କରିଛି । ଟିଏମସି ନେତାଙ୍କ ହତ୍ୟା ପରେ ବୀରଭୂମ ଜିଲ୍ଲାର ରାମପୁର ହାଟ ନିକଟରେ ଥିବା ବାଗୁଟି ଗାଁରେ ଦୁର୍ବୃତ୍ତ ବିଳମ୍ବିତ ରାତିରେ ନିଆଁ ଲଗାଇ ଦେଇଥିଲେ । ମୃତକଙ୍କ ମଧ୍ୟରେ ୨ ଛୋଟ ଛୁଆ, ତିନି ମହିଳାଙ୍କ ସମେତ ୮ ଜଣ ରହିଛନ୍ତି । ରାଜ୍ୟ ସରକାର ଏଡିଜିଙ୍କ ଜ୍ଞାନବନ୍ତ ସିଂହଙ୍କ ନେତୃତ୍ୱରେ ଏସଆଇଟି ଟିମ୍ ଗଠନ କରିଛନ୍ତି ।

## ୩୧ରୁ କୋଭିଡ୍ ଆଇନକୁ ....

ଗତ ସାତ ସପ୍ତାହ ଧରି ନୂଆ ସଂକ୍ରମଣ ମାମଲାରେ ଖୁବହ୍ରାସ ପାଇଛି । ମାର୍ଚ୍ଚ ୨୨ ତାରିଖ ସୁଦ୍ଧା ଦେଶରେ ୨୩,୯୧୩ ଜଣ କୋଭିଡ୍-୧୯ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି ଏବଂ ସଂକ୍ରମଣ ହାର ୦.୨୮ ପ୍ରତିଶତ ରହିଛି । ସେହିପରି ଏପର୍ଯ୍ୟନ୍ତ ସମଗ୍ର ଦେଶରେ ୧୮୧ କୋଟି ୫୬ ଲକ୍ଷ ଟିକାକରଣ କରାଯାଇଛି । ତେବେ କଟକଣା ହଟିଲେ ବି ମୁହଁରେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ପାଳନ କରିବାକୁ ପରାମର୍ଶ ଦେଇଛନ୍ତି କେନ୍ଦ୍ର ସରକାର ।

## ଏବିଭିପିର ପୂର୍ବତନ ସଙ୍ଗଠନ ସମ୍ପାଦକ କୃଷ୍ଣଚନ୍ଦ୍ର ରାୟଙ୍କର ପ୍ରଥମ ଶ୍ରାଦ୍ଧ ବାର୍ଷିକରେ ତିଳତର୍ପଣ

ଭୁବନେଶ୍ୱର, ୨୩/୦୩ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଓଡିଶାର ପୂର୍ବତନ ପ୍ରଦେଶ ସଂଗଠନ ସମ୍ପାଦକ ସ୍ୱର୍ଗତ କୃଷ୍ଣଚନ୍ଦ୍ର ରାୟଙ୍କର ପ୍ରଥମ ଶ୍ରାଦ୍ଧ ବାର୍ଷିକ ଅବସରରେ ପବିତ୍ର ବିନ୍ଦୁସାଗର ସରୋବର ନିକଟରେ ତିଳତର୍ପଣ କାର୍ଯ୍ୟକ୍ରମ କରାଯାଇଛି । ପରିଷଦର ପୁରାତନ ଓ ନୂତନ କାର୍ଯ୍ୟକର୍ତ୍ତା ମାନେ ମିଶି ଏହି କାର୍ଯ୍ୟକ୍ରମ କରିଥିଲେ। ଏହା ସହ ତାଙ୍କର ସ୍ମୃତିଚାରଣ ହୋଇଥିଲା। ପୁରୀ ଜିଲ୍ଲା ଗୋପ ସ୍ଥିତ ବୟାଳିଶିବାଟୀ ଗ୍ରାମରେ ୧୯୫୨ ମସିହା ମାର୍ଚ୍ଚ ୧୧ ତାରିଖରେ ସେ ଜନ୍ମଗ୍ରହଣ କରିଥିଲେ। ସ୍ୱର୍ଗୀୟ ରାୟ ଦୀର୍ଘ ୧୫ବର୍ଷ ପର୍ଯ୍ୟନ୍ତ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପ୍ରାନ୍ତ ସଙ୍ଗଠନ ସମ୍ପାଦକ ଭାବେ କାର୍ଯ୍ୟ ତୁଲାଇଥିଲେ। ପରେ ବିଶ୍ୱ ହିନ୍ଦୁ ପରିଷଦରେ ଯୋଗଦେଇ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ରାଷ୍ଟ୍ରର ମଙ୍ଗଳ ପାଇଁ କାର୍ଯ୍ୟ କରିଥିଲେ। ସ୍ୱର୍ଗତ ରାୟ ଓୟୁଏଟି ଭୁବନେଶ୍ୱରରୁ କୃଷିରେ ସ୍ନାତକ କରିଥିବାସ୍ଥଳେ କୌଣସି ସରକାରୀ ଚାକିରୀରେ ଯୋଗ ନଦେଇ ଦେଶ ମାତୃକାର ସେବାପାଇଁ ରାଷ୍ଟ୍ରୀୟ ସ୍ୱୟଂ ସେବକ ପ୍ରଚାରକ ଭାବେ ନିଜକୁ ସମର୍ପିତ କରିଥିଲେ। ଓୟୁଏଟିରେ ପଢୁଥିବା ସମୟରେ ସେ ଛାତ୍ର ସଂସଦର ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ । ଯୁବପିଢ଼ିମାନେ ତାଙ୍କ ଜୀବନିରୁ ଅନେକ କଥା ଶିଖିବାର ଅଛି ବୋଲି ଏବିଭିପିର ରାଜ୍ୟ ସମ୍ପାଦକ ସୌଭାଗ୍ୟ ମହାନ୍ତି କହିଛନ୍ତି। ଆଜିର ଯୁବ ସମାଜ ପାଇଁ ତାଙ୍କର ଜୀବନି ପ୍ରେରଣାଦାୟୀ ବୋଲି ସେ କହିଛନ୍ତି।

# ନୀଳପ୍ରଭା ସାହିତ୍ୟ ପରିଷଦ ଦ୍ୱାରା ଆୟୋଜିତ ହାଇସ୍କୁଲ ସ୍ତରୀୟ ଛାତ୍ରଛାତ୍ରୀଙ୍କ ଦ୍ୱାରା କବିତା ଆସର

ନୀଳଗିରି, ୨୩/୦୩ (ନି.ପ୍ର): ନୀଳପ୍ରଭା ସସାହିତ୍ୟ ପରିଷଦର ସାରସ୍ୱତ ସମାରୋହ ଆନୁକୂଲ୍ୟରେ ହାଇସ୍କୁଲ ସ୍ତରୀୟ ଛାତ୍ରଛାତ୍ରୀମାନଙ୍କର ସ୍ୱରଚିତ କବିତା ଆବୃତ୍ତି ପ୍ରତିଯୋଗିତା ତରତରି ବାଳିକା ବିଦ୍ୟାନିକେତନରେ ଅନୁଷ୍ଠିତ ହୋଇଯାଇଛି । ଏହି କବିତା ଆସର ସ୍କୁଲର ପ୍ରଧାନ ଶିକ୍ଷକ ବିକାଶ ରଂଜନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଥିଲା । ଏଥିରେ ସାତଗୋଟି ସ୍କୁଲର ୫୦ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଅଂଶ ଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ନୀଳପ୍ରଭା ସାହିତ୍ୟ ପରିଷଦ ତରଫରୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ତନ୍ମଧ୍ୟରୁ



୩ଜଣଙ୍କୁ ପ୍ରଥମ, ଦ୍ୱିତୀୟ, ତୃତୀୟ ଭାବେ ମୂଲ୍ୟାଙ୍କନ କରାଯାଇ ପୁରସ୍କୃତ ରାଶି ନୀଳପ୍ରଭା ସାହିତ୍ୟ ସମାରୋହ ଆସନ୍ତା ୨୭/୦୩/ ୨୨ରିଖ ରବିବାରରେ ନୀଳପ୍ରଭା କାର୍ଯ୍ୟାଳୟରେ ପ୍ରଦାନ କରାଯିବ । ପ୍ରଥମ ପୁରସ୍କାର ବିଜେତା ହେଲେ ତରତରି ବାଳିକା ବିଦ୍ୟା ନିକେତନର ଜୟଶ୍ରୀ ବେହେରା, ଦ୍ୱିତୀୟ ବିଜେତା ହେଲେ ଛତ୍ରପୁର ହାଇସ୍କୁଲର ସୁଭଦ୍ରା ମହାକୁଡ଼ ଓ ତୃତୀୟ ବିଜେତା ହେଲେ ତେଲିପାଳ ହାଇସ୍କୁଲର ଜ୍ୟୋତିପ୍ରକାଶ ମଲ୍ଲୀକ । ଉକ୍ତ ସଭାରେ ପରିକ୍ଷକ ଭାବେ ଭାଲୁକୁ ପୁଷିର ଏମ୍.ଇ ସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବିନ୍ଦ୍ର ବେହେରା, ରତ୍ନାକର ଟାଉନ୍ ହାଇସ୍କୁଲର ଅତିଥି ଶିକ୍ଷକ ଶିବସୁନ୍ଦର ସାହୁ, ନୀଳପ୍ରଭା ସାହିତ୍ୟ ପରିଷଦର ସଂପାଦକ ଗଂଗାଧର ଦାସ ଓ ତେଲିପାଳ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସାହୁ ଯୋଗ ଦେଇଥିଲେ । ଆଞ୍ଚଳିକ ଶିକ୍ଷାବିତ ନିତ୍ୟାନନ୍ଦ ବେହେରା ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ତଥା ତରତରି ବାଳିକା ବିଦ୍ୟା ନିକେତନର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଣ ଶିକ୍ଷା କର୍ମଚାରୀମାନେ ସହଯୋଗ କରିଥିଲେ । ଶେଷରେ ଶିକ୍ଷକ ମନୋଜ କୁମାର ସି ଧନ୍ୟବାଦ ଦେଇଥିଲେ ।

## ବିସିପିଏଲ ସିଜନ-୪ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ



ବାରିପଦା, ୨୩/୦୩ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଡିଆରକେ କ୍ଲବ ଆନୁକୂଲ୍ୟରେ ଓ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ସହଯୋଗରେ ଆୟୋଜିତ ବାରିପଦା କ୍ରିକେଟ ପ୍ରିମିୟର ଲିଗ ସିଜନ-୪ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜିର ପ୍ରଥମ ମ୍ୟାଚରେ ମା ଜଗଦ୍ଧାତ୍ରୀ ୱରିୟାର୍ସ ଭିରୋର ରାଗିଙ୍ଗ ବୁଲକୁ ଏକ ସଂଘର୍ଷ ପୂର୍ଣ୍ଣ ସ୍ଥିତିରେ ଶେଷ ବଲରେ ଏକ ରନ ନେଇ ୬ ଉଇକେଟରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଭିରୋର ରାଗିଙ୍ଗ ବୁଲ ୧୫.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୧୮ ରନ କରିଥିଲେ। ଦଳ ପକ୍ଷରୁ ଦେବରାଜ କର ସର୍ବାଧିକ ୩୧ରନ ସଂଗ୍ରହ କରିଥିବାବେଳେ ବିପକ୍ଷ ଦଳର ମିର ଆକବର ଅଲ୍ଲୀ ଓ ମାନସ ଧଳ ୩ ଟି ଲେଖାଏଁ ତଥା ପ୍ରିତମ ପଣ୍ଡା ୨ ଟି ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ମା ଜଗଦ୍ଧାତ୍ରୀ ୱରିୟାର୍ସ ୧୭ ଓଭରରେ ୪ ଉଇକେଟ ହରାଇ ୧୧୯ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ । ଦଳ ପକ୍ଷରୁ ଚନ୍ଦ୍ରଭାନୁ ସେଠି ୨୬ ଓ ଶୁଭମ ସାହୁ ୨୨ ରନ କରିଥିବାବେଳେ ବିପକ୍ଷ ଦଳର ରାଜେଶ ବେହେରା ୨ ଟି ଉଇକେଟ ଅକ୍ତିଆର କରିଥିଲେ । ଗତକାଲି ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚରେ ପରି ଚାଲେଞ୍ଜର ଭିରୋର ରାଗିଙ୍ଗ ବୁଲକୁ ୮ ଉଇକେଟରେ ପରାସ୍ତ କରିଥିଲେ। ଆଜିର ଖେଳକୁ ସୁଶାନ୍ତ ମହାନ୍ତି ଓ ଦିଲ୍ଲୀପ ଦାସ ଓ ଅଭିଳାଷ ବିଶ୍ୱାଳ ପରିଚାଳନା କରିଥିବାବେଳେ ସମ୍ବିତ ମହାରଣା ସ୍କୋରିଙ୍ଗରେ ସହାୟତା କରିଥିଲେ। ପଙ୍କଜ ମହାକୁଡ଼ ଓ ସନ୍ଦୀପ ବାସ୍କେ ଧାରାବିବାରଣୀ ପ୍ରଦାନ କରିଥିଲେ। ଆୟୋଜକ ଅମିତାଭ ଦାସ, ସତ୍ୟନାରାୟଣ ଜାଉ, ଆଭାସ ଦେ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

## କରୋନାରୁ ସୁସ୍ଥ ହେଲେ ୯୭ ଆକ୍ରାନ୍ତ

ଭୁବନେଶ୍ୱର, ୨୩/୦୩ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣରୁ ଆଜି ୯୭ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨ ଲକ୍ଷ ୭୭ ହଜାର ୬୭୭ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୧୭ ଜଣ ଓ ଗଂଜାମରୁ ୧୦ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ବାଲେଶ୍ୱରରୁ ୯, ସମ୍ବଲପୁରରୁ ୮, ଗଜପତିରୁ ୭, ମୟୂରଭଂଜରୁ ୬, କଟକ, କୋରାପୁଟରୁ ୫-୫, ଅନୁଗୁଳ, ଯାଜପୁରରୁ ୪-୪, ବଲାଙ୍ଗୀର, ଜଗତସିଂହପୁର, ନୂଆପଡ଼ାରୁ ଜଣେ ଲେଖାଏଁ ଓ ରାଜ୍ୟ ପୁଲ୍ ରୁ ୮ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

# ଅହମଦିୟା ସମ୍ପ୍ରଦାୟ ପକ୍ଷରୁ ମସିହ ମଉଦ ଦିବସ ପାଳିତ

ଭଦ୍ରକ, ୨୩/୦୩ (ନି.ପ୍ର): ଅହମଦିୟା ମୁସଲିମ ଜମାତ୍ ଭଦ୍ରକ ପକ୍ଷରୁ "ୟୌମେ ମସିହ ମଉଦ"(ପ୍ରତିଷ୍ଠା ଦିବସ) ଅତ୍ୟନ୍ତ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି । ଅହମଦିୟା ମୁସଲିମ ଜମାତର ପ୍ରତିଷ୍ଠାତା ହଜରତ ମୀର୍ଜା ଗୁଲାମ ଅହମଦଙ୍କ ଦ୍ୱାରା ୨୩ ମାର୍ଚ୍ଚ ୧୮୮୯ ମସିହାରେ ହୋଇଥିଲା। ଏଣୁ ସମଗ୍ର ବିଶ୍ୱରେ ଅହମଦିୟା ସମ୍ପ୍ରଦାୟର ଅନୁଗାମୀମାନେ ଏହି ଦିବସକୁ 'ୟୌମେ ମସିହ ମଉଦ' ରୂପେ ପାଳନ କରିଥାନ୍ତି। ଏହି ସମ୍ପ୍ରଦାୟ ପ୍ରତିଷ୍ଠାର ମୂଳ ଉଦ୍ଦେଶ୍ୟ ଇସଲାମ ଧର୍ମକୁ ବାସ୍ତବ ରୂପକୁ ଅଧିକ ସୁନ୍ଦର ଭାବେ ସଂସାର ସମ୍ମୁଖରେ ଉପସ୍ଥାପନ କରିବା ଏବଂ ଇସଲାମ ଶାନ୍ତି ଓ ନିରାପଦର ଧର୍ମ ବୋଲି ସମଗ୍ର ବିଶ୍ୱକୁ ଅବଗତ କରାଇବା। ଉକ୍ତ ସଂଗଠନର ପ୍ରତିଷ୍ଠାତାଙ୍କ ପରଲୋକ ପରେ ସଂଗଠନର ଖିଲାଫତ(ଉ ରାଧିକାରୀ) ପ୍ରଥା ପ୍ରଚଳନ ହୋଇଥିଲା। ବର୍ତ୍ତମାନ ସଂସ୍ଥାର ୫ମ ଖଲିଫା ହଜରତ ମିର୍ଜା ମସରୁର ଅହମଦଙ୍କ ତତ୍ତ୍ୱାବଧାନରେ ଅହମଦିୟା ଜମାତ ବିଶ୍ୱର ୨୧୪ ଦେଶରେ ବିଶ୍ୱଶାନ୍ତି ଓ ଭ୍ରାତୃଭାବ ସ୍ଥାପନ ଓ ମାନବ ସେବା କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରୁଛି। ଏହି ଅବସରରେ ଅହମଦିୟା ସମ୍ପ୍ରଦାୟ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସର୍ବପ୍ରଥମେ ନମାଜ ତହଜୁଦ ପାଠ କରାଯାଇଥିଲା। ପରେ ଫଜର ନମାଜ ପାଠ, ପବିତ୍ର କୋରାନ ଦର୍ସ, ସାମୁହିକ କୋରାନ ଆବୃତି ଓ ସାମୁହିକ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ଏହାପରେ ଜମାତର ସଭାପତି ଶେଖ ଅବଦୁଲ କାଦର ଅହମଦିୟା ପାଠାଗାରର ଉଦଘାଟନ କରିଥିଲେ।

# ପିଆଇବି ଭୁବନେଶ୍ୱର ପକ୍ଷରୁ ଦିନିକିଆ ଗଣମାଧମ କର୍ମଶାଳା 'ବାର୍ତ୍ତାଳାପ' ଆୟୋଜିତ

ଭୁବନେଶ୍ୱର, ୨୩/୦୩ (ନି.ପ୍ର): ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅନ୍ତର୍ଗତ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଭୁବନେଶ୍ୱର ପକ୍ଷରୁ ପୁରୀ ଠାରେ ଏକ ଦିନିକିଆ ଗଣମାଧମ କର୍ମଶାଳା ''ବାର୍ତ୍ତାଳାପ'' ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ପିଆଇବି ପୂର୍ବାଞ୍ଚଳ ମହାନିର୍ଦ୍ଦେଶକ ଶ୍ରୀ ଭୂପେନ୍ଦ୍ର କେଁଥୋଲା କହିଥିଲେ ଯେ, ତୃଣମୂଳ ସ୍ତରରେ ଲୋକମାନଙ୍କ ନିକଟରେ ପହଞ୍ଚିବା ଲାଗି ବାର୍ତ୍ତାଳାପ କର୍ମଶାଳା ଗଣମାଧମ ଏବଂ ସରକାରଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନର ଏକ ମାଧ୍ୟମ ଭାବେ କାର୍ଯ୍ୟ କରିଥାଏ। ସମାରୋହକୁ ସମ୍ବୋଧିତ କରି ଶ୍ରୀ କେଁଥୋଲା ଆହୁରି କହିଥିଲେ ଯେ, ମହାମାରୀ କାରଣରୁ ପରିସ୍ଥିତିରେ ଏବେ ବ୍ୟାପକ ପରିବର୍ତ୍ତନ ଆସିଛି । ''ସ୍ମାର୍ଟ ଫୋନ୍ ଜରିଆରେ ଅନଲାଇନ୍ ବା ଡିଜିଟାଲ ମିଡିଆ ଆକାରରେ ସାମ୍ବାଦିକତାର ଏକ ନୂଆ ଧାରା ଏବେ ପ୍ରଚଳନ ହେଉଛି, ପ୍ରତ୍ୟେକ ସାମ୍ବାଦିକ ଏହା ସହିତ ନିଜକୁ ଖାପଖୁଆଇବାର



ଆବଶ୍ୟକତା ରହିଛି । ନୂଆ ଗଣମାଧମ କ୍ଷେତ୍ରରେ ସାମ୍ବାଦିକମାନଙ୍କର କୌଶଳ ବିକାଶ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି କର୍ମଶାଳରେ ପୁରୀର ବରିଷ୍ଠ ସାମ୍ବାଦିକ ଶ୍ରୀ ଜଗନ୍ନାଥ ବସ୍ତିଆ ଅଂଶଗ୍ରହଣ କରି ସାମ୍ବାଦିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ଅସୁବିଧା ଓ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ସାଧାରଣ ଲୋକମାନଙ୍କ ଭଳି ସାମ୍ବାଦିକମାନେ ମଧ୍ୟ ବାତ୍ୟା, ମହାମାରୀ ଦ୍ୱାରା ପ୍ରଭାବିତ ହୋଇଥାନ୍ତି । ସେମାନଙ୍କର ସମସ୍ୟା ବୁଝିବା ସହିତ କଲ୍ୟାଣ ଦିଗରେ କାମ କରିବା ଲାଗି ବର୍ତ୍ତମାନ ସମୟ ଆସିଛି ବୋଲି ଶ୍ରୀ ବସ୍ତିଆ ପରାମର୍ଶ ଦେଇଥିଲେ । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର କହିଥିଲେ ଯେ ସାମ୍ବାଦିକତା କେବଳ ଏକ ପେଶା ନୁହେଁ ବରଂ ଏକ କୌଶଳ। ବାର୍ତ୍ତାଳାପ ଭଳି କର୍ମଶାଳା ଆୟୋଜନ କରାଯିବା ଦ୍ୱାରା ଗଣମାଧମ ଏବଂ ସରକାରଙ୍କ ମଧ୍ୟରେ ମତ ବିନିମୟ ପାଇଁ ମଞ୍ଚ ଉପଲବ୍ଧ ହୋଇପାରିବ । ଆମ ଭିତରେ ଆଲୋଚନା ଏବଂ ବିଚାର ଆଦାନପ୍ରଦାନ ହେଲେ ସ୍ଥିତିରେ ସୁଧାର ଆସିପାରିବ ବୋଲି ଶ୍ରୀ ମିଶ୍ର କହିଥିଲେ । ବୈଷୟିକ ଅଧିବେଶନରେ ଯୋଗ ଦେଇ ବରିଷ୍ଠ ସାମ୍ବାଦିକ ଶ୍ରୀ ରାଜାରାମ ଶତପଥୀ କହିଥିଲେ ଯେ ଆଧୁନିକ ସମୟର ସାମ୍ବାଦିକତାରେ ଅନେକଗୁଡ଼ିଏ ସମସ୍ୟା ଏବଂ ଆହ୍ୱାନ ରହିଛି । କୌଣସି ସଂସ୍ଥା କିମ୍ବା ସଂଗଠନ ପାଇଁ ନୁହେଁ ବରଂ ଲୋକମାନଙ୍କ ପାଇଁ କାମ କରିବାର ଭାବନା ଜଣେ ସାମ୍ବାଦିକର ମନରେ ସୃଷ୍ଟି ହେବା ଉଚିତ୍ । ସାମ୍ବାଦିକ ସବୁବେଳେ ଲୋକମାନଙ୍କୁ ସୂଚନା ଦେବା, ସଚେତନତା ସୃଷ୍ଟି କରିବା ଏବଂ ମନୋରଞ୍ଜନ ଯୋଗାଇ ଦେବାର ଭୂମିକା ନିର୍ବାହ କରିବା ଉଚିତ୍ ବୋଲି ସେ କହିଥିଲେ । ବରିଷ୍ଠ ସାମ୍ବାଦିକ, ଶ୍ରୀ ସନ୍ଦୀପ ସାହୁ, ନୈତିକ ସାମ୍ବାଦିକତା ଏବଂ ସାମାଜିକ ଗଣମାଧମ ସମ୍ପର୍କରେ ଆଲୋଚନା କରିଥିଲେ । ସେ କହିଥିଲେ ଯେ, ବ୍ୟବସାୟୀକରଣ, ବ୍ୟକ୍ତିବିଶେଷ, ସଂଗଠନ ଏବଂ ସମସ୍ତଙ୍କ ଠାରୁ ଆଗରେ ରହିବାର ପ୍ରତିଯୋଗିତା କାରଣରୁ ସାମ୍ବାଦିକତା କ୍ଷେତ୍ରରେ ନୈତିକତା ପ୍ରଭାବିତ ହେଉଛି । କୌଣସି ବିଷୟ ଲୋକମାନଙ୍କ ସମ୍ମୁଖରେ ଉପସ୍ଥାପନ କରିବା ପୂର୍ବରୁ ଜଣେ ପ୍ରକୃତ ସାମ୍ବାଦିକ ସବୁବେଳେ ସଠିକ ମାର୍ଗରେ ରହିବା ଉଚିତ୍ ଏବଂ ତଥ୍ୟର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିବା ଆବଶ୍ୟକ ବୋଲି ସେ ଜୋର ଦେଇ କହିଥିଲେ । ପିଆଇବି ଉପନିର୍ଦ୍ଦେଶକ ଡକ୍ଟର ଗିରିଶ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ଦେଇ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବାରେ ଗଣମାଧମର ଭୂମିକା ଉପରେ ଆଲୋକପାତ କରିଥଲେ । ପିଆଇବିର ଗଣମାଧମ ଏବଂ ଯୋଗାଯୋଗ ଅଧକାରୀ ଶ୍ରୀ ପ୍ରଦୀପ କୁମାର ଚୌଧୁରୀ କର୍ମଶାଳାକୁ ପରିଚାଳନା କରିଥିଲେ ।

# ରାଜେଶ ହେଲେ ବ୍ଲକ ଉପାଧ୍ୟକ୍ଷ

ବାଲିଆପାଳ, ୨୩/୦୩ (ନି.ପ୍ର): ସବୁ କଳ୍ପନା ର ପରିସମାପ୍ତି ଘଟାଇ ବାଲିଆପାଳ ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ଭାବରେ ଚୌମୁଖ ପଞ୍ଚାୟତର ସମିତି ସଦସ୍ୟ ନବାଗତ ରାଜେଶ ଚୌଧୁରୀ ବିଜୟୀ ହୋଇଛନ୍ତି ।ଉପାଧ୍ୟକ୍ଷ ନିର୍ବାଚନ ରେ କୌଣସି ଦଳବିରୋଧି କାର୍ଯ୍ୟ ହୋଇନଥିବା ସ୍ପଷ୍ଟ ହୋଇଛି ।ଅଧ୍ୟକ୍ଷା ନିର୍ବାଚନରେ ବିଜେଡିର ଦୁଇ ସଦସ୍ୟ କଂଗ୍ରେସ ସମର୍ଥିତ ଅଧ୍ୟକ୍ଷ ପ୍ରାର୍ଥୀଙ୍କୁ ଭୋଟ ଦେବା ଯୋଗୁଁ ବ୍ଲକ ଅଧ୍ୟକ୍ଷା ଦୁଇ ଖଣ୍ଡ ଭୋଟ ଅଧିକ ପାଇଥିଲେ ।ଉପାଧ୍ୟକ୍ଷ ରାଜେଶ ଜଣେ ଉଚ୍ଚ ଶିକ୍ଷିତ ଯୁବକ । ଉପାଧ୍ୟକ୍ଷ ଆସନରେ କିଏ ବସିବ ତାକୁ ନେଇ ଗତ କିଛି ଦିନ କଂଗ୍ରେସ ଶିବିରରେ ମାନସ ମନ୍ଥନ ପରେ ଦଳ ଶେଷ



ନିଷ୍ପତ୍ତିରେ ପହଞ୍ଚିଥିଲା । ଚଳିତ ନିର୍ବାଚନରେ ସବୁଠାରୁ ଅଧିକ ଭୋଟ ବ୍ୟବଧାନରେ ଜିତିଥିବା ଚୌମୁଖ ସମିତି ସଦସ୍ୟ ରାଜେଶ ଚୌଧୁରୀଙ୍କୁ ଦଳ ପ୍ରାର୍ଥୀ କରିଥିଲା ।ରାଜେଶ ନବାଗତ ହେଲେ ମଧ୍ୟ ରାଜନୀତି ତାଙ୍କ ପାଇଁ ନୂଆ ନୁହେଁ ।ପୂର୍ବରୁ ତାଙ୍କ ମା ଚୌମୁଖ ର ସରପଞ୍ଚ ଥିଲା ବେଳେ ରାଜେଶ ତାଙ୍କର ପ୍ରତିନିଧି ଭାବରେ ଦାୟିତ୍ୱ ତୁଲାଇଛନ୍ତି । ରାଜେଶ ୨୪ନଂ ଜୋନରୁ ପ୍ରତିନିଧିତ୍ୱ କରୁଛନ୍ତି ।୨୪ନଂ ଜୋନର କଂଗ୍ରେସ ଜିଲ୍ଲାପରିଷଦ ପ୍ରାର୍ଥୀ ବାବାଜୀ ଦେହୁରୀଙ୍କୁ ବିଜୟୀ କରାଇବାରେ ଚୌମୁଖ ପଞ୍ଚାୟତର ଅବଦାନ ଅତୁଳନୀୟ ।ଚୌମୁଖ ପଞ୍ଚାୟତରୁ ବାବାଜୀ ଦେହୁରୀ ସର୍ବାଧିକ ୯୯୩ଖଣ୍ଡ ଭୋଟ ଅଧିକ ପାଇ ବିଜୟୀ ହୋଇଥିଲେ ।ଏହି ଜୋନରେ ସରକାର ବନ୍ଦର ଏବଂ ପେଟ୍ରୋକେମିକାଲ ପ୍ରକଳ୍ପ ନିର୍ମାଣ ପାଇଁ ଯୋଜନା ରଖିଛନ୍ତି। ଏହି ଦୁଇ ପ୍ରକଳ୍ପର ବିରୋଧ ଯୋଗୁଁ କଂଗ୍ରେସ ଦଳ ପ୍ରତି ପ୍ରବଳ ଜନସମର୍ଥନ ଚଳିତ ନିର୍ବାଚନରେ ଦେଖିବାକୁ ମିଳିଥିଲା। ରାଜେଶ ଉପାଧ୍ୟକ୍ଷ ନିର୍ବାଚିତ ହେବା ପରେ ୨୪ ନଂ ଜୋନରେ ଉତ୍ସବର ବାତାବରଣ ସୃଷ୍ଟି ହୋଇଛି।

# ଗୋଟିଏ ଦିନରେ ୬୦ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୩/୦୩ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୬୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୭୨୮୫ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୭୫୮୦ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୩୬ ରହିଛି । ଆଜି ଚିହ୍ନଟ ହୋଇଥିବା ୬୦ ଜଣଙ୍କ ମଧ୍ୟରୁ ୩୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୬ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରୁ ସବୁଠାରୁ ଅଧିକ ୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାର ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ବାଲେଶ୍ୱର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଭଦ୍ରକ ଜିଲ୍ଲାରୁ ୧. ବଲାଙ୍ଗୀର ଜିଲ୍ଲାରୁ ୪ ଓ ବୌଦ୍ଧ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଟକରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଦେବଗଡ ଓ ଢେଙ୍କାନାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଜପତି ଜିଲ୍ଲାରୁ ୪ ଜଣ ସଂକ୍ରମିତ ହୋଇଛନ୍ତି । ଗଂଜାମ ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଓଜଗତସିଂହପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଯାଜପୁରରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା . କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝର ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

# ମୁନ୍ ଟିଭି ମୁଭିଜର ମୁନ୍ ଟିଭି ଡିଜିଟାଲ ଓ ଏଫ୍ ଏମ୍ ଚ୍ୟାନେଲ୍ ଲୋକାର୍ପିତ



ଭୁବନେଶ୍ୱର, ୨୩/୦୩ (ନି.ପ୍ର): ହୋଲି ଅବସରରେ ମୁନ୍ ଟିଭିର ମୁନ୍ ଟିଭି ଡିଜିଟାଲ ଓ ଏଫ୍ ଏମ୍ ଚ୍ୟାନେଲ୍ ଅତିଥି ମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ସ୍ଥାନୀୟ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ପରିସରରେ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ମୁନ ଟିଭି ଡିଜିଟାଲ ଓ ଏଫ୍ ଏମ୍ ପ୍ରଯୋଜକ ଦିଲିପ ଦାସ, ସଚ୍ଚିକାନ୍ତ ଜେନା, ରମେଶ ବାରିକ, ଜୁବୁଲି ସୁନ୍ଦର ରାୟ, ମୁନ୍ ଟିଭି ଡିଜିଟାଲର ନିର୍ଦ୍ଦେଶକ ବିନି ପଟ୍ଟନାୟକ, ସଂଳାପ ଲେଖକ ଡ. ରଜନୀ ରଞ୍ଜନ ପ୍ରମୁଖ ଉପସ୍ଥିତ ରହି ଚ୍ୟାନେଲକୁ ଲୋକାର୍ପିତ କରିଥିଲେ । ଏହି ଅବସରରେ ୩୦ ଜଣ ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ କଣ୍ଠରେ ପ୍ରସ୍ତୁତ 'ମୋ ମାଟି ମୋ ଓଡ଼ିଶା ମାଟି' ସଂଗୀତ ଉନ୍ମୋଚନ ହୋଇଥିଲା । ଚ୍ୟାନେଲ ଲୋକାର୍ପିତ ଉତ୍ସବରେ ଓଡ଼ିଶା କଳା ସଂସ୍କୃତି ଓ ଚଳଚ୍ଚିତ୍ରକୁ ବିଭିନ୍ନ କ୍ଷେତ୍ରରେ ଅବଦାନ ଦେଇଥିବା କଳାକାର, କଣ୍ଠଶିଳ୍ପୀ, ପ୍ରଯୋଜକ ଓ ସଙ୍ଗୀତକାରଙ୍କୁ ମାନପତ୍ର, ଟ୍ରଫି, ମୁନ୍ ଟିଭି ମୁଭିଜ୍ ତରଫରୁ ପ୍ରଦାନ କରାଯାଇଥିଲା । ଏଥିରେ ପ୍ରଯୋଜକ ଟୁଟୁ ନାୟକ, ସଚ୍ଚିକାନ୍ତ ଜେନା, ରବିନ୍ଦ୍ର ନାଥ ପଣ୍ଡା, କଣ୍ଠଶିଳ୍ପୀ ସୁସ୍ମିତା ଦାସ, ସ୍ୱୟଂ ପ୍ରକାଶ ପାଢ଼ୀ, ବିଷ୍ଣୁ ମୋହନ କବି, ଅନ୍ତରା ଚକ୍ରବର୍ତ୍ତୀ, କ୍ରିଏଟିଭ୍ ହେଡ୍ ତଥା ମିଡିଆ ପ୍ଲାନର୍ ପ୍ରଣୟ ଜେଠୀ ସମାଜସେବୀ କଲ୍ୟାଣ ଶ୍ରୀନିବାସ ରାଉତରାୟ, ସନ୍ତୋଷ ରାଉତ, ରୁଦ୍ର ପ୍ରଧାନ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିବା ମୁନ୍‌ଟିଭି ତରଫରୁ ପ୍ରକାଶ ।

# ଏମକେସି ହାଇସ୍କୁଲରେ ଡାକ ଟିକଟ ପ୍ରଦର୍ଶନୀ ଅନୁଷ୍ଠିତ

ବାରିପଦା, ୨୩/୦୩ (ନି.ପ୍ର): ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଭାରତୀୟ ଡାକ ବିଭାଗ ପକ୍ଷରୁ ଡାକ ଟିକଟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଡିଭିଜନର ଅଧୀକ୍ଷକ ମୃତ୍ୟୁଞ୍ଜୟ ବେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡାକ ଟିକଟର ସଂଗ୍ରହର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ । ଶିକ୍ଷକ ଅମିତାଭ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ବିଶିଷ୍ଟ ଡାକଟିକଟ ସଂଗ୍ରାହକ ନରେନ୍ଦ୍ର ନାଥ ପଢିଆରୀ ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ବିରଳ ଡାକଟିକଟ ସମ୍ପର୍କରେ ତଥ୍ୟଭିତ୍ତିକ ସୂଚନା ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସାମୂହିକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଅଧୀକ୍ଷକ ବସନ୍ତ କୁମାର ସିଂହ, ବାରିପଦା ମୁଖ୍ୟ ଡାକଘର ପୋଷ୍ଟମାଷ୍ଟର ବିଭୁଦତ୍ତ ସାହୁ, ସୁମାନ୍ତ କୁମାର ବେହେରା, ଚନ୍ଦ୍ରଶେଖର ମହାନ୍ତି, ରବିନାରାୟଣ ମହାନ୍ତ, କୌଶିକ କୁମାର ଆଦ୍ୟ, ଏମଡି ସାମ୍‌ଶୁଦ୍ଦିନ୍, କମଳଲୋଚନ ଜେନା ପ୍ରମୁଖ ସହଯୋଗ କରିଥିଲେ । ଶିକ୍ଷକ ମନୋଜ କୁମାର ପରିଡା ଓ ରାଜୀବ ଲୋଚନ ଜେନା କାର୍ଯ୍ୟକ୍ରାମ ପରିଚାଳନା କରିଥିଲେ ।

# ପୂର୍ଣ୍ଣଚନ୍ଦ୍ର ପୁର ବିଦ୍ୟାଳୟରେ ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ



ବାରିପଦା, ୨୩/୦୩ (ନି.ପ୍ର): ବାରିପଦା ସହରର ୧୯ ନଂ ଓ୍ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୨ ରୁ ୧୪ ବର୍ଷ ବୟସର ଛାତ୍ରଛାତ୍ରୀଙ୍କୁ ଟୀକା ପ୍ରଦାନ କରାଯାଇଛି । କୋରନା ମହାମାରୀ ପାଇଁ ପ୍ରାୟ ଦୁଇ ପରେ ସ୍କୁଲକୁ ଆସି ଛାତ୍ରଛାତ୍ରୀ ମାନେ ବେଶ ଆନନ୍ଦିତ ଓ ଉତ୍ସାହିତ ଥିବା ବେଳେ, ଏହି ଅବସରରେ ସରକାରଙ୍କ ଟୀକାକରଣ ପ୍ରକ୍ରିୟାରେ ଷଷ୍ଠ ରୁ ଅଷ୍ଟମ ଶ୍ରେଣୀରେ ପଢୁଥିବା ପିଲାମାନଙ୍କୁ ସାମିଲ କରାଯାଇ ବାରିପଦା ସହରରେ ଏହି କାର୍ଯ୍ୟକ୍ରମ ପୂର୍ଣ୍ଣଚନ୍ଦ୍ର ପୁର ବିଦ୍ୟାଳୟରୁ ଆରମ୍ଭ ହୋଇଯାଇଛି । ଆଜି ୧୫ ଜଣ ଛାତ୍ରୀଙ୍କ ସମେତ ମୋଟ ୬୬ ଜଣଙ୍କୁ ଟିକା ଦିଆଯାଇଛି । ୧୪ ବର୍ଷରୁ କମ ପିଲାଙ୍କୁ କୋରବେଭାକ୍ସ ଓ ୧୧୫ ରୁ ଉର୍ଦ୍ଧ ପିଲାଙ୍କୁ କୋଭାକସିନ ଟୀକା ଦିଆଯାଇଛି । ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ପ୍ରଭାତୀ ପଟ୍ଟନାୟକ ଉଦଘାଟନ କରି ପିଲାମାନଙ୍କୁ ଟୀକା ନେବା ପାଇଁ ଉତ୍ସାହିତ କରିଥିଲେ ଓ କୃଷ୍ଣଚନ୍ଦ୍ର ପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଲକ୍ଷ୍ମୀପ୍ରିୟା ମିଶ୍ର, ଡ଼ାକ୍ତର ଶୁଭଙ୍କର ଦାସ, ଡିଇଓ କାଜଲ ସିଂହ ଓ ଏଏନ ଏମ ସୁମିତା ଘୋଷ ପ୍ରମୁଖ ଟିକାଦାନ କରିଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୋମନାଥ ସିଂହ, ଓ୍ୱାର୍ଡେନ ସରୋଜ କୁମାର ସାବତ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ସହ ପିଲାମାନଙ୍କୁ ଟୀକା ନେବା ପାଇଁ ଉତ୍ସାହିତ କରିଥିଲେ ।

# ବିଦାୟ ନେଲେ ସଂଗଠକ ଅର୍କ ନାରାୟଣ



ଉଦଳ, ୨୩/୦୩ (ନି.ପ୍ର): ଉଦଳା ସହରର ୱାର୍ଡ଼ ୮ ର ବାସିନ୍ଦା ଅର୍କ ନାରାୟଣ ମହାନ୍ତିଙ୍କର ଆଜି ୭୫ ବର୍ଷ ବୟସରେ ହୃଦଘାତ ଯୋଗୁଁ ଦେହାନ୍ତ ହୋଇ ଯାଇଛି । ତାଙ୍କର ଦେହାନ୍ତ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ ପାଇଁ ୱାର୍ଡ଼ ନଂ-୮ ସ୍ଥିତ ବାସଭବନରେ ଭିଡ଼ ଜମାଇଛନ୍ତି । ଉଦଳାର ଯେ କୌଣସି ବ୍ୟକ୍ତିଙ୍କର ଦେହାନ୍ତ ଖବର ପହଞ୍ଚିଲେ ପ୍ରଥମେ ଅର୍କବାବୁଙ୍କୁ ଖୋଜା ପଡ଼େ କାରଣ ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସେ ସମସ୍ତଙ୍କର ଶବକୁ କିପରି ଶ୍ମଶାନ ଭୂମିରେ ଶେଷ କୃତି ସମ୍ପର୍ଣ୍ଣ ହେବ ତାହା କରିଥାନ୍ତି । ସେଥିପାଇଁ ବିଭିନ୍ନ ମହଲରେ ତାଙ୍କର ପ୍ରଶଂସା ଶୁଣିବାକୁ ମିଳେ । ତାହାଛଡ଼ା ଉଦଳା ମହୋତ୍ସବ ମଞ୍ଚର ସାଜସଜା ପାଇଁ ଖୋଦ ଉପଜିଲ୍ଲାପାଳ ଅର୍କବାବୁଙ୍କୁ ଖୋଜିଥାନ୍ତି କାରଣ ତାଙ୍କ ଭଳି ସଜସଜା ଖୁବ କମ ଲୋକଙ୍କଠାରେ ଦେଖିବାକୁ ମିଳିଥାଏ । ସେହିପରି ଉଦଳାରେ ଗାୟତ୍ରୀ ଯଜ୍ଞର ସେ ଥିଲେ ମୁଖ୍ୟ ପୁରୋଧା ତାହାଛଡ଼ା ଉଦଳା ଟାଉନ କ୍ଳବରେ ନାଟକ ମଞ୍ଚସ୍ଥ ସମୟରେ ଅର୍କବାବୁଙ୍କର ସହଯୋଗ ଆଜିବି କର୍ମୀ ମାନେ ଭୁଲି ନାହାଁନ୍ତି । ଦେବକୁଣ୍ଡସ୍ଥିତ ମା' ଅମ୍ବିକାଙ୍କ ପୀଠ ଯେତେବେଳେ ଖୁବ ଅବହେଳିତ ହୋଇ ପଡ଼ି ରହିଥିଲା ସେତେବେଳେ ସେ ଏହାର ପୁନଉଦ୍ଧାର କରିବା ସହିତ ଦିର୍ଘ ୨୪ ବର୍ଷ ଧରି ଏଠାରେ ଯଜ୍ଞର ଆୟୋଜନ କରାଉଥିଲେ । ତାଙ୍କ ମୃତ୍ୟୁରେ ଉଦଳା ସହରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି ।

# ନଦୀଜଳରୁ ବୃଦ୍ଧ ଉଦ୍ଧାର



ବାଲିଆପାଳ, ୨୩/୦୩ (ନି.ପ୍ର): ସୁବର୍ଣ୍ଣରେଖା ନଦୀ ପାକମୁଡି ଘାଟରୁ ଜଣେ ବୃଦ୍ଧଙ୍କୁ ଅଗ୍ନିଶମ ବିଭାଗ ଆଜି ଉଦ୍ଧାର କରିଛି । ବୃଦ୍ଧ ଜଣଙ୍କ ଡଗରା ଗ୍ରାମ ପେଠା ସାହିର ଗୁରୁବା ମୁର୍ମୁ ବୋଲି ଆଜି ଜଣାଯାଇଛି । ପୂର୍ବାହ୍ନରେ ଗୁରୁବା ମୁର୍ମୁ ଜଳରେ ଭାସୁଥିବା ଦେଖି ସ୍ଥାନୀୟ ଗ୍ରାମବାସୀ ବାଲିଆପାଳ ଅଗ୍ନିଶମ ବିଭାଗକୁ ଜଣାଇଥିଲେ । ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚିଥିଲେ । ସେମାନେ ପାୱାର ବୋଡ ଯୋଗେ ନଦୀ ଜଳରେ ପ୍ରବେଶ କରି ଭାସମାନ ଅବସ୍ଥାରେ ଥିବା ଗରୁବା ମୁର୍ମୁଙ୍କୁ ଉଦ୍ଧାର କରି ଆଣିଥିଲେ । ଗୁରୁବା ମୁର୍ମୁ ଅଚେତ ଥିବାରୁ ତାଙ୍କୁ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ଏବେ ତାର ଚେତା ଫେରିବା ସହିତ ସୁସ୍ଥ ରହିଥିବା ସ୍ୱାସ୍ଥ୍ୟ କେନ୍ଦ୍ର ସୂତ୍ରରୁ ପ୍ରକାଶ । ଗୁରୁବା ମୁର୍ମୁ ଆଜି ସକାଳେ କେତେ ଜଣ ଲୋକଙ୍କ ସହିତ ନଦୀକୁ ମାଛ ମାରିବାକୁ ଯାଇଥିଲେ । ନୌକା ବୁଡିଯିବାରୁ ସେ ନିଖୋଜ ହୋଇଯାଇଥିଲେ ।

# ପଞ୍ଚାୟତ ସମିତି ଉପାଧ୍ୟକ୍ଷ ନିର୍ବାଚନ : ୬ ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ଭଦ୍ରକ, ୨୩/୦୩ (ନି.ପ୍ର): ସଦ୍ୟ ସମାପ୍ତ ହୋଇଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟାରେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିର୍ଦ୍ଧାରିତ ଆଜି ତା.୨୩.୦୩.୨୦୨୨ ରିଖ ବୁଧବାର ଦିନ ଭଦ୍ରକ ଜିଲ୍ଲାରେ ସମୁଦାୟ ୭ଟି ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ ଭଦ୍ରକ ପଞ୍ଚାୟତ ସମିତି ପାଇଁ ବହୁଦରଡ଼ା ର ସମିତି ସଭ୍ୟ ମୁକୁନ୍ଦ ଦେବ ସାମଲ, ଧାମନଗର ପାଇଁ ମୁସ୍ତାଫାପୁର ସମିତି ସଭ୍ୟ ଜଗବନ୍ଧୁ ପ୍ରଧାନ, ଚାନ୍ଦବାଲି ପାଇଁ ଘଟପୁର ସମିତି ସଭ୍ୟ ସରୋଜ ବଳ, ବନ୍ତ ପାଇଁ କେନ୍ଦୁଆପଦା ସମିତି ସଭ୍ୟା ପ୍ରଗତି ବାଳା ସ୍ୱାଇଁ, ଭଣ୍ଡାରି ପୋଖରୀ ପାଇଁ ବୟାବନାପୁର ସମିତି ସଭ୍ୟ ପ୍ରଣିତକାନ୍ତି ସାମଲ, ବାସୁଦେବପୁର ପାଇଁ କିସ୍ମତ କୃଷ୍ଣପୁର ର ସମିତି ସଭ୍ୟା ମାଧୁରୀ ବାରିକ ନିର୍ଦ୍ଦନ୍ଦ୍ୱରେ ଉପ-ସଭାଧକ୍ଷ ଭାବେ ନିର୍ବାଚିତ ହୋଇଥିଲା ବେଳେ କେବଳ ତିହିଡ଼ି ପଞ୍ଚାୟତ ସମିତି ପାଇଁ ମଙ୍ଗଳପୁର ସମିତି ସଭ୍ୟା ସୁଭଦ୍ରା ଶତପଥି ୧୬ ଖଣ୍ଡ ଭୋଟ ପାଇ ପ୍ରତିଦ୍ୱନ୍ଦୀ ଶୁକଦେବ ମଳିକଙ୍କୁ ୨ ଖଣ୍ଡ ଭୋଟରେ ପରାଜୟ କରି ଉପସଭାଧକ୍ଷ ପଦ ପାଇଁ ନିର୍ବାଚିତ ହୋଇଛନ୍ତି ।

# ବସ୍ତାରେ ଦିଲ୍ଲୀପକୁମାର ଦାସମହାପାତ୍ର ହାତେଇଲେ ଉପାଧ୍ୟକ୍ଷ ଆସନ



ବସ୍ତା, ୨୩/୦୩ (ନି.ପ୍ର): ବସ୍ତା ନିର୍ବାଚନ ମଣ୍ଡଳିରେ ସମ୍ବେଦନଶିଳ ବସ୍ତା ବ୍ଲକ ରେ ଗତ କିଛିଦିନ ଅଧ୍ୟକ୍ଷ ପଦ ପାଇଁ ଟଣାଓଟରା ଲାଗି ଶେଷରେ ସ୍ୱାଧିନ ପ୍ରାର୍ଥୀ ଅଞ୍ଜଳି ଦାସ ଅଧ୍ୟକ୍ଷ ପଦ ହାତେଇଥିବାବେଳେ ବୁଧବାର ଉପାଧ୍ୟକ୍ଷ ପଦପାଇଁ ୩ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ପୁଟୁରା ପଞ୍ଚାୟତର ସମିତିସଭ୍ୟ ସଞ୍ଜୟ କୁମାର ଜେନା ୩ ଖଣ୍ଡ ଭୋଟ ପାଇଥିବା ସ୍ଥଳେ ଦରଡା ସମିତି ସଭ୍ୟ ସୁବ୍ରତ ପଣ୍ଡା ୧୩ଖଣ୍ଡ ଓ ସନ୍ତୋଷପୁର ପଞ୍ଚାୟତର ସମିତିସଭ୍ୟ ଦିଲ୍ଲୀପ କୁମାରଦାସ ମହାପାତ୍ର ୧୫ ଖଣ୍ଡ ଭୋଟ ପାଇ ଥିବାରୁ ତାଙ୍କୁ ବସ୍ତା ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ଭାବେ ମନୋନିତ ହୋଇଛନ୍ତି । ତେବେ ବିଜେଡି ସମର୍ଥୀତ ପ୍ରାର୍ଥୀ ଦିଲ୍ଲୀପ ଦାସ , ତାଙ୍କର ନିକଟତମ ପ୍ରତୀଦ୍ୱନ୍ଦୀ ସୁବ୍ରତ ପଣ୍ଡାଙ୍କ ଠାରୁ ୨ ଖଣ୍ଡ ଭୋଟ ଅଧିକ ପାଇ ବିଜୟୀ ହୋଇଛନ୍ତି ବୋଲି ବସ୍ତା ତହସିଲ ଦାର କାର୍ତ୍ତିକ କୁମାର ଦାସ ବିଡିଓ ଜ୍ଞାନ ରଞ୍ଜନ ସାହୁ ପ୍ରକାଶ କରିଛନ୍ତି । ପ୍ରକାଶ ଥାଉକି ବସ୍ତା ବିଧାୟକଙ୍କ ସମର୍ଥୀତ ସୁବ୍ରତ ପଣ୍ଡା ନିଜ ପଞ୍ଚାୟତରେ ଛିଡାନହୋଇ ଦରଡାରେ ସମିତିସଭ୍ୟ ଭାବେ ଛିଡାହୋଇ ବିଜୟି ହୋଇଥିଲେ ମାତ୍ର ଗତକାଲି ଦଳର ଜିଲ୍ଲାର ବିଜେଡି ବରିଷ୍ଠ ନେତାଙ୍କ ନିର୍ଦ୍ଦେଶରେ ଦିଲ୍ଲୀପ ଦାସ ମହାପାତ୍ରଙ୍କୁ ସିଦ୍ଧାନ୍ତ କରିଥିଲେ ମାତ୍ର ରାତି ପାହିବାପରେ ଆଜି ୩ଜଣ ପ୍ରାର୍ଥୀ ନିର୍ବାଚନି ରଣାଙ୍ଗନରେ ଅଣ୍ଟା ଭିଡିଛନ୍ତି । ଏଥିରୁ ଯଣାପଡୁଛି ବିଜେଡି ଦଳରେ ମଧ୍ୟ କିଛି ଅସନ୍ତୋଷ୍ଟ ଗୋଷ୍ଠି ତାଙ୍କ ପ୍ରତିଆରା ଯାହିର କରିବା ପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି ।

# ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ରେଳପ୍ରକଳ୍ପର ମହୀପୁର-ନୂଆଗାଁ ରେଳ ଲାଇନ୍ ର ନିରୀକ୍ଷଣ କଲେ ସିଆରଏସ

ଭୁବନେଶ୍ୱର, ୨୩/୦୩ (ନି.ପ୍ର): ଦକ୍ଷିଣ ପୂର୍ବ ସର୍କଲ, କୋଲକାତାର ରେଳ ସୁରକ୍ଷା କମିଶନର (ସିଆରଏସ)ଆଜି ଖୋର୍ଦ୍ଧା ରୋଡ-ବାଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ମହିପୁର ଏବଂ ନୁଆଗାଁ ଷ୍ଟେସନ ମଧ୍ୟରେ ୧୩.୦୫୦ କିଲୋମିଟର ଲମ୍ବା ରେଳ ଲାଇନ ଯାଂଚ କରିଛନ୍ତି । ବହୁ ପ୍ରତୀକ୍ଷିତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ଏବଂ ରେଳ ସୁରକ୍ଷା ଆୟୁକ୍ତଙ୍କ ମଞ୍ଜୁର ପରେ ଏହା କାର୍ଯ୍ୟକ୍ଷମ ହେବ । ଟ୍ରେନ୍ ଯାତାୟାତ ପାଇଁ ରେଳ ସୁରକ୍ଷା ଆୟୁକ୍ତଙ୍କ ମଞ୍ଜୁର ପରେ ଏହି ମାର୍ଗରେ ଟ୍ରେନ୍ ଚଳାଚଳକୁ ଅନୁମତି ଦିଆଯିବ । ରେଳ ସୁରକ୍ଷା ଆୟୁକ୍ତ ମହିପୁର ଏବଂ ନୂଆଗାଁ ଷ୍ଟେସନ ମଧ୍ୟରେ ଥିବା ସମସ୍ତ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟକୁ ପୁଙ୍ଖାନୁପୁଙ୍ଖ ଭାବେ ଯାଂଚ କରିଛନ୍ତି । ଟ୍ରେନ୍ ଚଳାଚଳ ପାଇଁ ଟ୍ରେନ୍ ଲାଇନର ସମ୍ଭାବ୍ୟତା ମାପିବା ପାଇଁ ଦୁଇ ଷ୍ଟେସନ ମଧ୍ୟରେ ଏକ ଲାଇଟ ଟ୍ରେନ ଇଞ୍ଜିନ ମଧ୍ୟ ଚଳାଚଳ କରାଯାଇଥିଲା । ୨୪ ମାର୍ଚ୍ଚ (ଗୁରୁବାର) ରେଳ ସୁରକ୍ଷା ଆୟୁକ୍ତ ନୂତନ ଭାବରେ ନିର୍ମିତ ୩.୦୯୯ କିମି ଦୈର୍ଘ୍ୟ ଖୋର୍ଦ୍ଧା ରୋଡ୍ ବାଇପାସ୍ ଲାଇନକୁ ମଧ୍ୟ ନୀରିକ୍ଷଣ କରିବେ ଏବଂ ଟ୍ରେନ ଲାଇନର ସୁରକ୍ଷା ଦିଗଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଭାବେ ଯାଂଚ କରିବେ । ବାଇପାସ୍ ଲାଇନ କାର୍ଯ୍ୟକ୍ଷମ ହେବା ପରେ ପୁରୀରୁ ଦକ୍ଷିଣ ଦିଗକୁ ଯାତାୟାତ କରୁଥିବା ଟ୍ରେନ୍ ଟ୍ରାଫିକ୍ ସହଜ ହେବ ।

# ମହାତ୍ମାଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ପାଳିତ

ଭୁବନେଶ୍ୱର, ୨୩/୦୩ (ନି.ପ୍ର): ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ଉପଲେକ୍ଷ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଆଲୋଚନା ଚକ୍ରରେ ମୁଖ୍ୟବକ୍ତା ଭାବରେ ଗାନ୍ଧିବାଦୀ ଲେଖକ ଗୌରାଙ୍ଗ ଚରଣ ପରିଡ଼ା ଯୋଗଦାନ କରିଥିଲେ । ସଭାପତିତ୍ୱ କରିଥିଲେ ବିଭାଗୀୟ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ । ଆଲୋଚନା ଚକ୍ରରେ ସ୍ୱାଗତ ଭାଷଣ ଦେଇଥିଲେ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ । ଏହି ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଗାନ୍ଧିବାଦୀ ଲେଖକ ଗୌରାଙ୍ଗଚରଣ ପରିଡ଼ା ମହୋଦୟ ଯୋଗ ଦେଇ ଆଧୁନିକ ଯୁବସମାଜର ଆଦର୍ଶ ମହାତ୍ମା ଗାନ୍ଧୀଙ୍କ ଉପରେ ବକ୍ତବ୍ୟରେ କହିଲେ ଯେ ଗାନ୍ଧୀ ଏବେବି ଯୁବକମାନଙ୍କ ପାଇଁ ଏକ ଆଦର୍ଶ ଆଇକନ୍ ଅଛନ୍ତି । ଗାନ୍ଧୀଙ୍କ ବିଚାର ଶାଶ୍ୱତ ଏବଂ ସବୁ ସମୟ ପାଇଁ ପ୍ରଯୁଜ୍ୟ । ଏ ବିଚାର ଯେତିକି ବରିଷ୍ଠମାନଙ୍କୁ ଆକୃଷ୍ଟ କରିଛି,ସେତିକି ଯୁବ ପିଢ଼ିଙ୍କୁ ଆକୃଷ୍ଟ କରିଛି । ସତ୍ୟ, ଅଂହିସା, ସାମ୍ପ୍ରଦାୟିକ ସଂହତି, ଅସ୍ପୃଶ୍ୟତା ନିବାରଣଏବଂ ନିଶା ନିବାରଣ ପ୍ରସଙ୍ଗ ଗାନ୍ଧୀ ବିଚାରରେ ସମାଜ ପାଇଁ ପ୍ରାସଙ୍ଗିକତା ରଖେ ।ଗାନ୍ଧୀଙ୍କ ଆଦର୍ଶରେ ଯୁବସମାଜ ଅନୁପ୍ରାଣିତ ହେବା ଉଚିତ୍ କାରଣ ଗାନ୍ଧୀ ବିଶ୍ୱ ପାଇଁ ଏକ ପ୍ରେରଣାର ଉତ୍ସ । ଶାନ୍ତି ଓ ସହାବସ୍ଥାନ- ଗାନ୍ଧୀ ବିଚାରର ଲକ୍ଷ୍ୟ । ରଞ୍ଜନ କୁମାର ଦାସ ପ୍ରାରମ୍ଭରେ କହିଲେ ଯେ ଗାନ୍ଧୀଙ୍କୁ ଜାଣିବାକୁ ହେଲେ ଗାନ୍ଧୀଙ୍କ ଦର୍ଶନକୁ ଜାଣିବାକୁ ହେବ । ବର୍ତ୍ତମାନ ପରିପ୍ରେକ୍ଷୀରେ ଆମେ ତଥ୍ୟକୁ ନେଇ ବଂଚୁଛେ, କୌଣସି ଜ୍ଞାନକୁ ନେଇ କେବେ ଆମେ ବଞ୍ଚିବାକୁ ଚାହୁଁନା । ଗାନ୍ଧୀଙ୍କ ବିଷୟରେ ଆମେ ବହୁ ତଥ୍ୟ ଜାଣିଛେ କିନ୍ତୁ ତାଙ୍କ ବିଷୟରେ ଜ୍ଞାନ ଏବଂ ତାଙ୍କ ଦର୍ଶନ ଜାଣିବା ବହୁ ଗୁରୁତ୍ୱପୂର୍ଣ୍ଣ ଅଟେ । ପରିଶେଷରେ ଦର୍ଶକ ଏବଂ ବୁଦ୍ଧିଜୀବୀମାନଙ୍କର ମୁକ୍ତ ଆଲୋଚନା ହୋଇଥିଲା ।

# ବିଧାନସଭା ପୂର୍ବରୁ ବିଧାୟକଙ୍କ କୋଭିଡ୍ ଟେଷ୍ଟ ଆରମ୍ଭ

ଭୁବନେଶ୍ୱର, ୨୩/୦୩ (ନି.ପ୍ର): ଆସନ୍ତା ମାର୍ଚ୍ଚ ୨୫ ତାରିଖରୁବିଧାନସଭା ଅଧିବେଶନ ଆରମ୍ଭ ହେବ । ଏହା ପୂର୍ବରୁ ବୁଧବାରଠାରୁ ସମସ୍ତ ବିଧାୟକ ଓ କର୍ମଚାରୀଙ୍କ କୋଭିଡ ଟେଷ୍ଟ ଆରମ୍ଭ ହୋଇଛି । ପ୍ରଥମ ଦିନରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କୋଭିଡ୍ ଟେଷ୍ଟ କରିଛନ୍ତି । ବାଚସ୍ପତି କହିଛନ୍ତି ପୌର ନିର୍ବାଚନ ଥିବାରୁ ବିଧାୟକମାନେ ଚାହିଁଲେ ଜିଲ୍ଲା ସ୍ତରରେ ଟେଷ୍ଟ କରି ଆମକୁ ରିପୋର୍ଟ ଦେବେ । ଏଥିପାଇଁ ଜିଲ୍ଲା ପ୍ରଶାସନକୁ କୁହାଯାଇଛି । ବିଧାୟକମାନେ ଚାହିଁଲେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଗୃହ କାର୍ଯ୍ୟରେ ଭାଗ ନେଇପାରିବେ । ସୂଚନାଯୋଗ୍ୟ ଯେ ଆସନ୍ତା ୨୫ ତାରିଖରେ ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହେବ ବିଧାନସଭା । ଅଧିବେଶନରେ ପ୍ରଶ୍ନକାଳ, ଶୂନ୍ୟକାଳ ତଥା ମୁଲତବୀ ପ୍ରସ୍ତାବ ଆଦି ରହିବ ବୋଲି ସେ ପ୍ରକାଶ କରିଛନ୍ତି । ମାର୍ଚ୍ଚ ୨୫, ୨୬ ଏବଂ ୨୮ ତାରିଖ ତିନିଦିନ ଧରି ଗୃହରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ବିସ୍ତୃତ ଭାବରେ ଆଲୋଚନା ହେବ । ମାର୍ଚ୍ଚ ୩୦ ତାରିଖରେ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ୨୦୨୨ -୨୩ ଆର୍ଥିକ ବର୍ଷ ପାଇଁ ରାଜ୍ୟ ବଜେଟ୍ ଉପସ୍ଥାପନ କରିବେ । ମାର୍ଚ୍ଚ ୩୧ ତାରିଖରେ ଭୋଟ ଅନ୍ ଆକାଉଂଟ ସଂକ୍ରାନ୍ତୀୟ ବ୍ୟୟମଂଜୁରୀ ବିଲ୍ ପାରିତ ହେବ । ଏହା ପୂର୍ବରୁ ଗତ ୧୪ ତାରିଖରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ ।

# ବଜେଟ୍ ଅଧିବେଶନ ପୂର୍ବରୁ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କଲେ ଡିଜିପି

ଭୁବନେଶ୍ୱର, ୨୩/୦୩ (ନି.ପ୍ର): ବିଧାନସଭାର ବଜେଟ ଅଧିବେଶନ ପୂର୍ବରୁ ବୁଧବାର ଦିନ ରାଜ୍ୟ ପୋଲିସ ଡିଜି ସୁନିଲ ବଂଶଲ ସୁରକ୍ଷା ସମୀକ୍ଷା କରିଛନ୍ତି । ଡିଜିପି ବିଧାନସଭା ବାହାର ସୁରକ୍ଷା ବ୍ୟବସ୍ଥା ଦେଖିବା ସହ ଭିତରର ସୁରକ୍ଷା ବ୍ୟବସ୍ଥା ମଧ୍ୟ ଯାଂଚ କରିଛନ୍ତି । ଅଧିବେଶନ ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ବିଧାନସଭା ପାଇଁ ୩୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ । ୬ ଜଣ ଅତିରିକ୍ତ ଡିସିପି, ୧୧ ଜଣ ଏସପି, ୧୩ ଜଣ ଇନ୍ସପେକ୍ଟର ଏବଂ ୬୨ ଜଣ ଅଫିସର ସୁରକ୍ଷା ଦାୟିତ୍ୱ ରେ ରହିବେ । ଦୁଇଟି ସ୍ପେଶାଲ ଟାକଟିକାଲ ୟୁନିଟ୍ ମୁତୟନ ରହିବେ । ପ୍ରଥମ ଦିନରେ ରାଜ୍ୟପାଳ ବିଧାନସଭା ଆସିବାକୁ ଥିବାରୁ ତାଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ରାଲି, ଧାରଣା ଏବଂ ବିକ୍ଷୋଭ ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି । ବିଧାନସଭାକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ସିଲ କରାଯାଇଛି । କେବଳ ଅନୁମତି ପ୍ରାପ୍ତ ବ୍ୟକ୍ତି ନିଜ ଆଇଡି ଦେଖାଇ ଯାଇପାରିବେ ।


**GOVERNMENT OF ORISSA**
**DEPARTMENT OF WATER RESOURCES**
**Office of the Executive Engineer,**
**Minor Irrigation Division, Balasore**
**'e' Procurement Notice No.M.I-E-02/2021- 22 dated: 14.03.2022**
**www.mibalasore@yahoo.co.in , 06782-262146**

| | | |
|---|---|---|
| 1) | Name of the work: | Different works under M.I.Division,Balasore in Balasore & Bhadrak District. |
| 2) | Total No. of Works | 07 (Seven) Nos. |
| 3) | Estimated Cost: | Varies from **Rs.10.50 Lakhs to Rs.57.90 lakhs.** |
| 4) | Class of Contractor: | "D" ,"C", "B" & "A" Class |
| 5) | Period of Completion | Varies from 2(Two) Calendar months (60 days) to 6(Six) Calendar months (180 days) |
| 6) | Date & Time of availability of tender on-line for bidding and receipt of bid | From 11.00 A.M. of 28.03.2022 to 1.00 P.M. of 11.04.2022 |
| 7) | Date & Time of opening of Technical Bid: | 12.04.2022 at 11.00 A.M. at office of the E.E,M.I.D,Balasore. |
| 8) | Date & Time of Transparent Lottery if necessary | 19.04.2022 at 11.00 A.M. as mentioned in DTCN |
| 9) | Name & Address of the Officer Inviting the Bid | Executive Engineer, M.I.Division,Balasore. |

Further details can be seen from the Govt. website www.tendersodisha.gov.in
**Note: Corrigendum / Modifications if any can be seen through on-line only**

**Sd/-**
**Executive Engineer**
**Minor Irrigation Division,**
**Balasore.**

**OIPR : 32014/11/0004/2122**



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo